# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୭/୨୦୨୦ (୧୨ପୃଷ୍ଠା) | Balasore, Thursday, September 17/2020 | ★★★★

୪୬ଶ ଭାଗ ୨୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଓଡ଼ିଶା ଏଫ୍‌ସିରେ ଷ୍ଟିଭେନ ଟେଲର**

ଇଣ୍ଡିଆନ ସୁପର ଲିଗ୍‌ର ଆଗାମୀ ସଂସ୍କରଣ ପାଇଁ ଓଡ଼ିଶା ଏଫ୍‌ସି ସହିତ ଚୁକ୍ତି କରିଛନ୍ତି ଇଂଲିଶ୍ କ୍ଲବ ନ୍ୟୁକାଷ୍ଟଲ ୟୁନାଇଟେଡର ପୂର୍ବତନ ଖେଳାଳି ଷ୍ଟିଭେନ ଟେଲର। ୧୦

୦୨ **ବୋଲ୍ଡ ଅନ୍ଦାଜ୍‌ରେ ଆମ୍‌ନା**

ନିକଟରେ ଆମ୍‌ନାଙ୍କ କିଛି ବୋଲ୍ଡ ଫଟୋ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରାଯାଇଛି। ଏହି ଫଟୋଗୁଡ଼ିକ ଶେୟାର କରୁ କରୁ ଫ୍ୟାନମାନେ ଲାଇକ୍ କରିବାରେ ଲାଗିପଡ଼ିଛନ୍ତି।








# ଓଡ଼ିଶାରେ କେନ୍ଦ୍ରୀୟ ଟିମ୍



ଭଦ୍ରକ ଜିଲା ଧାମନଗର ଅଞ୍ଚଳରେ କେନ୍ଦ୍ରୀୟ ଟିମ୍ ।

**ଅଗଷ୍ଟ ବନ୍ୟା**

- ଆଜି ମୁଖ୍ୟ ଶାସନ ସଚିବଙ୍କ ସହ ବୈଠକ
- କେନ୍ଦ୍ରୀୟ ଟିମ୍‌କୁ କ୍ଷୟକ୍ଷତି ରିପୋର୍ଟ ଦେବେ ରାଜ୍ୟ ସରକାର
- ୧୭ ମୃତ, ୧.୬୮ ଲକ୍ଷ ହେକ୍ଟର ଜମି ଫସଲ ନଷ୍ଟ, ଭାଙ୍ଗିଛି ୧୦ ହଜାର ଘର

**ଭୁବନେଶ୍ୱର(ବ୍ୟୁରୋ)/ଭଦ୍ରକ ଅଫିସ୍, ୧୬।୯**

ଓଡ଼ିଶାର ବନ୍ୟା କ୍ଷୟକ୍ଷତି ଆକଳନ କରିବାକୁ ବୁଧବାର ୭ ଜଣିଆ କେନ୍ଦ୍ରୀୟ ଟିମ୍ ଭୁବନେଶ୍ୱରରେ ପହଞ୍ଚିଛନ୍ତି। କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ଯୁଗ୍ମ ସଚିବ(ବାମପନ୍ଥୀ ଉଗ୍ରବାଦ ମୁକାବିଲା ବ୍ୟାପାର) ପ୍ରବୀଣ ବଶିଷ୍ଠଙ୍କ ନେତୃତ୍ୱରେ ଏକ ଅନ୍ତଃ ମନ୍ତ୍ରଣାଳୟ ୭ ଜଣିଆ କେନ୍ଦ୍ରୀୟ ଟିମ୍ ଆସିଛନ୍ତି। ଏହି ଟିମ୍ ଦୁଇଦିନ ରାଜ୍ୟର ଅଧିକ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି କ୍ଷୟକ୍ଷତି ଆକଳନ କରିବେ। ବନ୍ୟାରେ କ୍ଷତିଗ୍ରସ୍ତ ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ପୁରୀ ଜିଲା ପରିଦର୍ଶନ କରିବେ। ବନ୍ୟା ପ୍ରଭାବିତ ୪ ଜିଲାକୁ କେନ୍ଦ୍ରୀୟ ଟିମ୍ ଦୁଇଟି ଭାଗରେ ବିଭକ୍ତ ହୋଇ ଗସ୍ତ କରିଛନ୍ତି। ଗୋଟିଏ ଟିମ୍ ଭଦ୍ରକ ଓ ଯାଜପୁର ଗସ୍ତ କରିଥିବା ବେଳେ ଅନ୍ୟ ଟିମ୍ କେନ୍ଦ୍ରାପଡ଼ା ଜିଲା ଗସ୍ତ କରିଛନ୍ତି।

ବଶିଷ୍ଠଙ୍କ ନେତୃତ୍ୱରେ ୪ ଜଣିଆ ଟିମ୍ ବୁଧବାର ଭଦ୍ରକ ଜିଲା ପ୍ରଶାସନ ସହ ଧାମନଗର ବ୍ଲକର ବୟାଙ୍ଗଡିହୀ, କୋଠାର ଅଞ୍ଚଳ ବୁଲି ଦେଖିଥିଲେ। କେତେ ଜଣ ଚାଷୀଙ୍କ ସହ ଅନୁଧ୍ୟାନକାରୀ ଟିମ୍ ଆଲୋଚନା କରିଥିଲେ। ପରେ ଜିଲାପାଳ ଜ୍ଞାନ ରଞ୍ଜନ ଦାସ ଓ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ସ୍ଥାନୀୟ ପାନ୍ଥଶାଳା ସଭାଗୃହରେ ସମୀକ୍ଷା କରିଥିଲେ।

ସେହିପରି କେନ୍ଦ୍ରୀୟ ଟିମ୍‌ର ଅନ୍ୟ ଏକ ଦଳ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା କେନ୍ଦ୍ରାପଡା ଜିଲାର ବେଣୀପୁର ଉଚ୍ଚ ନୋଡାଲ୍ ସ୍କୁଲ ବୁଲି ଦେଖିବା ସହ ବନ୍ୟାଜଳରେ ଭାଙ୍ଗିଯାଇଥିବା କେତେକ ବ୍ୟକ୍ତିଙ୍କର ଘରକୁ ଯାଇ କ୍ଷୟକ୍ଷତି ଦେଖିଥିଲେ। ଟିମ୍ ପରିଦର୍ଶନ ସମୟରେ ବେଣୀପୁର ସମିତିସଭ୍ୟ ଦେବାଶିଷ ଆଚାର୍ଯ୍ୟ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ କେନ୍ଦ୍ରୀୟ ଟିମ୍‌ଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏଥିସହିତ ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ବ୍ଲକ ଅଞ୍ଚଳ ବୁଲି ଦେଖିଥିଲେ। ଅପରାହ୍ନରେ ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। କେନ୍ଦ୍ରୀୟ ଟିମ୍ ଗୁରୁବାର ପୁରୀ ଜିଲାଗସ୍ତ କରିବା କାର୍ଯ୍ୟକ୍ରମ ରହିଛି।

୪ ଜିଲାଗସ୍ତ ଶେଷ କରିବା ପରେ କେନ୍ଦ୍ରୀୟ ଟିମ୍ ୧୭ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବେ। ସେହିଦିନ ଅପରାହ୍ନ ୫ଟାରେ ଲୋକସେବା ଭବନ ଠାରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ ☞ପୃଷ୍ଠା-୪

# ୨୦ରେ ଲଘୁଚାପ ୨୪ ଯାଏ ଛେଚିବ

- ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖ ପାଖ ଅଞ୍ଚଳରେ ଆସନ୍ତା ୨୦ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେକେତ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ପରିସ୍ଥିତି ଉପରେ ନଜର ରଖିବା ସହ ସତର୍କ ରହିବାକୁ ବୁଧବାର ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୫୦ରୁ ୫୫ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ଆସନ୍ତା ୨୦ ତାରିଖରୁ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଯେଉଁମାନେ ସମୁଦ୍ର ମଧ୍ୟକୁ ଯାଇଛନ୍ତି ☞ପୃଷ୍ଠା-୪

# ଟାଟାକୁ ନୂଆ ପାର୍ଲାମେଣ୍ଟ ବିଲ୍‌ଡିଂ ନିର୍ମାଣ ଦାୟିତ୍ୱ

**ନୂଆଦିଲ୍ଲୀ, ୧୬।୯**

ଦେଶର ନୂଆ ପାର୍ଲାମେଣ୍ଟ ବିଲଡିଂକୁ ଟାଟା ପ୍ରୋଜେକ୍ଟସ ଲିମିଟେଡ ନିର୍ମାଣ କରିବ। ଏଥି ଲାଗି କମ୍ପାନୀ ବୁଧବାର ୮୬୧.୯୦ କୋଟି ଟଙ୍କାର ବିଡ୍ ହାସଲ କରିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଉକ୍ତ ପ୍ରକଳ୍ପ ଲାଗି ଏଲ୍ ଆଣ୍ଡ ଟି ଲିମିଟେଡ ୮୬୫ କୋଟି ଟଙ୍କା ବିଡ୍ ଦାଖଲ କରିଥିବା ବେଳେ ଟାଟା ପ୍ରୋଜେକ୍ଟସ ଲିମିଟେଡକୁ ଚୂଡାନ୍ତ କଣ୍ଟ୍ରାକ୍ଟ ମିଳିଛି। ବର୍ତ୍ତମାନର ପାର୍ଲାମେଣ୍ଟ ବିଲଡିଂ ନିକଟରେ ନୂଆ ପ୍ରକଳ୍ପ ସ୍ଥାପନ କରାଯିବାର ଯୋଜନା ରହିଛି। ସେଣ୍ଟ୍ରାଲ ଭିଷ୍ଟା ଡେଭଲପମେଣ୍ଟ ପ୍ରକଳ୍ପ ଅଧୀନରେ ଏହା କାର୍ଯ୍ୟକାରୀ କରାଯାଉଛି। କାର୍ଯ୍ୟ ୨୧ ମାସରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ସେଣ୍ଟ୍ରାଲ ପବ୍ଲିକ ୱାର୍କସ ଡିପାର୍ଟମେଣ୍ଟ(ସିପିଡବ୍ଲ୍ୟୁଡି) ସୂଚନା ମୁତାବକ, ଏଥିରେ ୧୧୮ ଗୃହ ନିର୍ମାଣ କରାଯିବ। ପ୍ରକଳ୍ପ ଚାଲୁ ରହିବା ସମୟରେ ବର୍ତ୍ତମାନର ପାର୍ଲାମେଣ୍ଟ ବିଲଡିଂ କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଛି।

# ରୁଷିଆ ଦେବ ୧୦ କୋଟି ଟିକା

**ନୂଆଦିଲ୍ଲୀ/ମସ୍କୋ, ୧୬।୯**

**ସ୍ପୁଟ୍‌ନିକ୍ ଭି ଭାକ୍ସିନ୍ ଆମଦାନୀ ପାଇଁ ଭାରତ ସମେତ ୩୨ ଦେଶ ଆଗ୍ରହୀ**



ମୁଣ୍ଡ ପରେ ମୁଣ୍ଡ ନେଇଚାଲିଛି ମହାମାରୀ କରୋନା। ଭାରତ ସମେତ ସାରା ବିଶ୍ୱରେ କୋଭିଡ୍-୧୯ର ଭୟାବହତା ଚିନ୍ତାର କାରଣ ସାଜିଥିବାବେଳେ ଏଥିରୁ ମୁକ୍ତି ପାଇଁ ସବୁ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି ବୈଜ୍ଞାନିକମାନେ। ଏହି ପରିପ୍ରେକ୍ଷୀରେ ରୁଷିଆଠାରୁ ୧୦୦ ନିୟୁତ ବା ୧୦ କୋଟି ଡୋଜ୍ ସ୍ପୁଟ୍‌ନିକ୍ ଭି ଭାକ୍ସିନ୍ ଆଣିବା ପାଇଁ ଭାରତ ପ୍ରସ୍ତୁତି ଆରମ୍ଭ କରିଛି।

ରୁଷିଆ ଭାରତକୁ ୧୦ କୋଟି ଡୋଜ୍ ସ୍ପୁଟ୍‌ନିକ ଭି ଟିକା ବିକ୍ରୟ ପାଇଁ ରାଜି ହୋଇଛି। ଚୂଡ଼ାନ୍ତ ଟ୍ରାଏଲ ଓ ଆମଦାନୀ ପାଇଁ ନିୟାମକ ପଦକ୍ଷେପ ଶେଷ ହେବା ପରେ ଏହାକୁ ରୁଷିଆ ପଠାଇବ ବୋଲି ମସ୍କୋ ପକ୍ଷରୁ ବୁଧବାର ସ୍ପଷ୍ଟ କରାଯାଇଛି। ଅଗଷ୍ଟ ୧୧ରେ ଆରମ୍ଭ ହୋଇଥିବା ସ୍ପୁଟ୍‌ନିକ ଭି ଟିକା ଟେଷ୍ଟିଂ ଓ ଆମଦାନୀ ଲାଗି ଆଗ୍ରହ ପ୍ରକାଶ କରିଥିବା ୩୨ ଦେଶ ମଧ୍ୟରୁ ଭାରତ ହେଉଛି ଅନ୍ୟତମ। ☞ପୃଷ୍ଠା-୪

# ୩୦ରେ ବାବ୍ରି ମସ୍‌ଜିଦ ରାୟ

- ଆଡ୍‌ଭାନୀଙ୍କ ସମେତ ୩୨ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୬।୯**

ବାବ୍ରି ମସ୍‌ଜିଦ ଭଙ୍ଗା ମାମଲାର ବହୁପ୍ରତୀକ୍ଷିତ ରାୟ ଆସନ୍ତା ୩୦ ତାରିଖରେ ଆସିବ। ରାଜନୈତିକ ଦୃଷ୍ଟିରୁ ଅତି ସମ୍ବେଦନଶୀଳ ବିବେଚନା କରାଯାଉଥିବା ଏହି ବହୁଚର୍ଚ୍ଚିତ ମାମଲାର ରାୟ ପ୍ରାୟ ୨୮ ବର୍ଷ ପରେ ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ପ୍ରକାଶ ପାଇବାକୁ ଯାଉଛି। ମସ୍‌ଜିଦ ଭଙ୍ଗା ଷଡ଼ଯନ୍ତ୍ରରେ ସମ୍ପୃକ୍ତ ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡ୍‌ଭାନୀ, ମୁରଲୀ ମନୋହର ଜୋଷୀ, ଉମା ଭାରତୀ ଓ ବିନୟ କଟିୟାରଙ୍କ ସମେତ ୩୨ ଅଭିଯୁକ୍ତଙ୍କୁ ରାୟ ପ୍ରକାଶ ବେଳେ ସିବିଆଇ ଅଦାଲତରେ ଉପସ୍ଥିତ ରହିବାକୁ ସ୍ୱତନ୍ତ୍ର ବିଚାରପତି ଏସ୍.କେ. ଯାଦବ ନିର୍ଦ୍ଦେଶ ଦେଇଛନ୍ତି।

# ଭୁବନେଶ୍ୱର, କଟକକୁ ଆସି ପାରିବେ କୋଭିଡ୍ ରୋଗୀ

**ଉପଯୁକ୍ତ ଡାକ୍ତରୀ ପରାମର୍ଶ, ସହାୟତା ସହ ରୋଗୀ ପଠାଇପାରିବେ**

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

କଟକ ଓ ଭୁବନେଶ୍ୱରରେ ଥିବା କୋଭିଡ୍ ହସ୍ପିଟାଲକୁ ରୋଗୀ ପଠାଇବା ନେଇ ସରକାର ବାରଣ କରିନାହାନ୍ତି। ସରକାର ଦ୍ୱୈତ ନଗରୀରେ ସୃଷ୍ଟି କରିଥିବା ଚିକିତ୍ସା ସୁବିଧା ସାରା ରାଜ୍ୟର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କହିଛନ୍ତି। ସେ କହିଛନ୍ତି, କୌଣସି ଗୁରୁତର ରୋଗୀଙ୍କୁ କଟକ ଓ ଭୁବନେଶ୍ୱରରେ ଚିକିତ୍ସା ମନା ନାହିଁ। ଏଠାରେ ଚିକିତ୍ସା ହେବା ପାଇଁ ସମସ୍ତଙ୍କର ସମ୍ପୂର୍ଣ୍ଣ ଅଧିକାର ରହିଛି।

ସେହିଭଳି କଟକ, ଭୁବନେଶ୍ୱରକୁ ବାହାର ଜିଲାର ରୋଗୀଙ୍କୁ ବ୍ୟାନ୍ ପ୍ରସଙ୍ଗରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି, ରୋଗୀମାନଙ୍କୁ ଉପଯୁକ୍ତ ଡାକ୍ତରୀ ପରାମର୍ଶ ଓ



ଅସିତ୍ ତ୍ରିପାଠୀ


ଅମ୍ଳଜାନ ଆଦି ସହାୟତା ସହ କଟକ ଓ ଭୁବନେଶ୍ୱରର ରେଫରାଲ ହସ୍ପିଟାଲ୍ ପଠାଇବା ପାଇଁ ସରକାରୀ ନିର୍ଦ୍ଦେଶନାମାରେ କୁହାଯାଇଛି। ଜଣେ ରୋଗୀ ଯେପରି ସୁରକ୍ଷିତ ଭାବେ ରେଫରାଲ ହସ୍ପିଟାଲରେ ପହଞ୍ଚିପାରିବେ ସେ ବିଷୟରେ ଗୁରୁତ୍ୱ ଦିଆଯାଇଛି। 'କ୍ରିଟିକାଲ ଚିକିତ୍ସା' ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ କରିବା ଏହାର ଉଦ୍ଦେଶ୍ୟ। ଆସିଲାବେଳେ ଯେପରି ରୋଗୀଙ୍କର ଅମ୍ଳଜାନ ଅଭାବ ନ ହୁଏ, 'ହାଇପକସିଆ' ନ ହୁଏ ଏସବୁ ବିଷୟରେ ଯତ୍ନବାନ ହେବା ପାଇଁ ଜିଲାସ୍ତରରେ କାର୍ଯ୍ୟରତ ଚିକିତ୍ସକ ଏବଂ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଆସିବାବେଳେ ରୋଗୀ ନିଜେ କେଉଁସବୁ ସତର୍କତା ଅବଲମ୍ବନ କରିବା ଦରକାର ତାହା ମଧ୍ୟ ସମ୍ପୃକ୍ତ ଡାକ୍ତର ଠିକ୍ ଭାବେ ବୁଝାଇବେ। ରୋଗୀଙ୍କୁ ଉପଯୁକ୍ତ ପ୍ରାରମ୍ଭିକ ଚିକିତ୍ସା ପରାମର୍ଶ ଓ ଉପଯୁକ୍ତ ବ୍ୟବସ୍ଥା ସହ ପଠାଇଲେ ରୋଗୀଙ୍କର ଅବସ୍ଥାରେ ବିଶେଷ ଅବନତି ହେବ ନାହିଁ ଏବଂ ତାଙ୍କ ଜୀବନ ରକ୍ଷାର ସମ୍ଭାବନା ବଢ଼ିବ ବୋଲି ମହାପାତ୍ର ସ୍ପଷ୍ଟ କରିଛନ୍ତି।

# ଅପରାଧ ପୃଷ୍ଠଭୂମିର ତଥ୍ୟ ଦେବେ ପ୍ରାର୍ଥୀ

**ବାଲେଶ୍ୱର ସଦର, ତିର୍ତ୍ତୋଲ ଉପନିର୍ବାଚନ**

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

ବାଲେଶ୍ୱର ସଦର ଏବଂ ଜଗତସିଂହପୁର ଜିଲାର ତିର୍ତ୍ତୋଲରେ ହେବାକୁ ଥିବା ବିଧାନସଭା ଉପନିର୍ବାଚନ ପୂର୍ବରୁ ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ପ୍ରାର୍ଥୀଙ୍କ ଆପରାଧିକ ପୃଷ୍ଠଭୂମି ସମ୍ପର୍କରେ ସବିଶେଷ ତଥ୍ୟ ଦେବେ। ଉଭୟ ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ୩ ପର୍ଯ୍ୟାୟରେ ଏ ସମ୍ପର୍କରେ ତଥ୍ୟ ପ୍ରକାଶିତ ହେବ। ନିର୍ବାଚନ କମିଶନଙ୍କ ପରିବର୍ତ୍ତିତ ନିର୍ଦ୍ଦେଶନାମା ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି। ନିର୍ଦ୍ଦେଶ ଅନୁଯାୟୀ, ନିର୍ବାଚନରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲର ପ୍ରଥମ ୪ଦିନ ମଧ୍ୟରେ ପ୍ରଥମ ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**

ମଣିଷର ଆସୁରିକ ଭୋଜନ


**ଆଜିର ମନ୍ତବ୍ୟ**

" ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୟୋମାସରେ ହୋଇଥିବା ଜିଡିପି ହ୍ରାସକୁ କୋଭିଡ୍ ପୂର୍ବବର୍ତ୍ତୀ ଅର୍ଥନୈତିକ ସ୍ଥିତି ସହ ଯୋଡିବା ଠିକ୍ ନୁହେଁ। -କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟମ, ସିଇଏ

# ଦେଶରେ ଟପିଲା ୫୦ଲକ୍ଷ

**ନୂଆଦିଲ୍ଲୀ,୧୬।୯(ପି.ଟି.)**

- ୨୪ଘଣ୍ଟାରେ ୯୦,୧୨୩ ନୂଆ ଚିହ୍ନଟ
- ୧୧ଦିନରେ ୧୦ଲକ୍ଷ ଟପିଲା
- ଆରୋଗ୍ୟ ହାର ୭୮.୫୩ ପ୍ରତିଶତ



ଦେଶରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଗତ ୨୪ଘଣ୍ଟାରେ ଦେଶରେ ୯୦,୧୨୩ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ସହ ମୋଟ ଆକ୍ରାନ୍ତଙ୍କ ସହ ୫୦ଲକ୍ଷ ଟପିଛି। ବୁଧବାର ଦେଶରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୦,୨୦,୩୬୦ରେ ପହଞ୍ଚିବା ସହ ଆମେରିକା ପରେ ଭାରତ ସଂକ୍ରମଣ ତାଲିକାରେ ୨ୟ ଦେଶ ଭାବେ ପରିଗଣିତ ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ଏବେ ଦେଶରେ ୯ଲକ୍ଷ ୯୫ହଜାର ୯୩୩ ଜଣ ସକ୍ରିୟ ସଂକ୍ରମିତ ଥିବାବେଳେ ୩୯ଲକ୍ଷ ୪୨ହଜାର ୩୬୧ ଜଣ ସୁସ୍ଥ ହେଲେଣି। କରେନାରେ ମୃତ୍ୟୁ ସଂଖ୍ୟା ୮୨ହଜାର ୦୬୬। ଗତ ୨୪ଘଣ୍ଟାରେ କେବଳ ୧୨୯୦ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ଅପରପକ୍ଷରେ ଦେଶରେ ଆରୋଗ୍ୟ ହାର ୭୮.୫୩ପ୍ରତିଶତକୁ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରେକର୍ଡ ସଂଖ୍ୟକ ୮୨ହଜାର ୯୬୧ଜଣ ସଂକ୍ରମିତ ଆରୋଗ୍ୟ ଲାଗ କରିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରିପୋର୍ଟ ଅନୁଯାୟୀ ଆରୋଗ୍ୟ ହାର ବୃଦ୍ଧି ପାଇବା ସହ ଦେଶରେ ଚିକିତ୍ସିତ ହେଉଥିବା ସଂକ୍ରମିତଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଛି।

ମିଳିଥିବା ସୂଚନା ଅନୁସାରେ ଭାରତରେ ପ୍ରଥମ ୧ଲକ୍ଷ କରୋନା ସଂକ୍ରମଣ ପାଇଁ ୧୧୦ଦିନ ଲାଗିଥିଲା। ହେଲେ ୧୦ଲକ୍ଷ ଛୁଇଁବାକୁ ଏହା ୫୯ଦିନ ଲାଗିଥିଲା। ଗତ ଅଗଷ୍ଟ ୭ତାରିଖରେ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୦ଲକ୍ଷ ଟପିଥିଲା। ୨୩ ଅଗଷ୍ଟରେ ୩୦ଲକ୍ଷ ଛୁଇଁଥିବାବେଳେ ସେପ୍ଟେମ୍ବର ୫ ତାରିଖରେ ଏହା ୪୦ଲକ୍ଷ ଏବଂ ଏବେ ୧୬ତାରିଖରେ ୫୦ଲକ୍ଷ ଟପିଛି। ଅର୍ଥାତ୍ ୧୦ରୁ ୨୦ ଲକ୍ଷ ଛୁଇଁବାକୁ ୨୧ଦିନ ଲାଗିଥିବାବେଳେ ପରବର୍ତ୍ତୀ ୧୦ ଲକ୍ଷ ପାଇଁ ୧୬ଦିନ ଲାଗିଥିଲା। ସେହିପରି ୩୦ରୁ ୪୦ଲକ୍ଷ ପାଇଁ ୧୩ଦିନ ଏବଂ ୪୦ରୁ ୫୦ଲକ୍ଷ ମାତ୍ର ୧୧ଦିନରେ ହୋଇଛି। ଏଥିରୁ ସହଜରେ ଅନୁମାନ କରିହେଉଛି ଯେ, ଦେଶରେ କରେନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି। ସଂକ୍ରମଣ ତାଲିକାରେ ଆମେରିକା ପରେ ଭାରତ ୨ୟ ସ୍ଥାନରେ ରହିଥିବାବେଳେ ମୃତକଙ୍କ କ୍ଷେତ୍ରରେ ଏହା ତୃତୀୟ ସ୍ଥାନରେ ରହିଛି। ପ୍ରଥମ ଓ ଦ୍ୱିତୀୟରେ ଯଥାକ୍ରମେ ଆମେରିକା ଓ ବ୍ରାଜିଲ୍ ରହିଥିବାବେଳେ ତୃତୀୟରେ ଭାରତ ରହିଛି। ଦେଶରେ ମୃତ୍ୟୁହାର ୧.୬୩%ରେ ରହିଛି। ଆଇସିଏମ୍ଆର୍‌ରୁ ମିଳିଥିବା ତଥ୍ୟ ଅନୁସାରେ ସେପ୍ଟେମ୍ବର ୧୫ସୁଦ୍ଧା ମୋଟ ୫କୋଟି ୯୪ଲକ୍ଷ ୨୯ହଜାର ୧୧୫ ନମୁନା ପରୀକ୍ଷା କରାଗଲାଣି। ସେଥିମଧ୍ୟରୁ ମଙ୍ଗଳବାର କେବଳ ୧୧ଲକ୍ଷ୧୬ହଜାର ୮୪୨ ନମୁନା ପରୀକ୍ଷା କରାଯାଇଛି। ଦେଶର ସମସ୍ତ ରାଜ୍ୟ ମଧ୍ୟରୁ କେବଳ ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ ଏବଂ ତାମିଲ୍‌ନାଡୁରେ ୬୦ପ୍ରତିଶତ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗତ ୨୪ଘଣ୍ଟା ମଧ୍ୟରେ ଉତ୍ତରପ୍ରଦେଶରେ କେବଳ କରୋନାରେ ୧୧୩ଜଣଙ୍କ ମୃତ୍ୟୁ ଘଟିଛି। ଏଠାରେ ମୃତ୍ୟୁ ସଂଖ୍ୟା ୪,୬୦୪ ଛୁଇଁଲାଣି। ଇତିମଧ୍ୟରେ କେନ୍ଦ୍ର ସରକାର ମଙ୍ଗଳବାର ପାର୍ଲାମେଣ୍ଟରେ କହିଛନ୍ତି ଯେ, ବିଶ୍ୱରେ ଯେଉଁ ମାତ୍ରାରେ କରୋନା ସଂକ୍ରମିତ ସୁସ୍ଥ ହେଉଛନ୍ତି, ତା' ଅପେକ୍ଷା ଭାରତରେ ସୁସ୍ଥଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ରହିଛି।

## 'ସମବାୟ ବ୍ୟାଙ୍କରେ ଗଭର୍ନାନ୍ସ ଉନ୍ନତୀକରଣ ଲକ୍ଷ୍ୟ'



ନିର୍ମଳା ସୀତାରାମନ

**ନୂଆଦିଲ୍ଲୀ,୧୬।୯:** ବ୍ୟାଙ୍କିଙ୍ଗ୍ ରେଗୁଲେଶନ ଆଇନରେ ସଂଶୋଧନ ଆଣିବା ଦିଗରେ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ହାତକୁ ନେଉଛନ୍ତି। ସମବାୟ ବ୍ୟାଙ୍କଗୁଡିକୁ ରିଜର୍ଭ ବ୍ୟାଙ୍କ ପରିସରକୁ ଆଣିବା ଦିଗରେ ଯୋଜନା ଗ୍ରହଣ କରାଯାଇଛି। ଜମାକାରୀଙ୍କ ସ୍ୱାର୍ଥ ରକ୍ଷା ଏବଂ ସମବାୟ ବ୍ୟାଙ୍କରେ ଗଭର୍ନାନ୍ସକୁ ଉନ୍ନତୀକରଣ କରିବା ଲାଗି ସରକାର ଆଇନରେ ସଂଶୋଧନ ଆଣିବାକୁ ଯାଉଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ ବୁଧବାର ସୂଚନା ଦେଇଛନ୍ତି। ବର୍ତ୍ତମାନ ଲୋକସଭାରେ ବ୍ୟାଙ୍କିଙ୍ଗ୍ ରେଗୁଲେସନ ସଂଶୋଧନ ଆଇନ ଉପସ୍ଥାପିତ ହୋଇଛି। ଏହା ଉପରେ ମତ ରଖି ଅର୍ଥମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ସମବାୟ ବ୍ୟାଙ୍କଗୁଡିକରେ ବିଭିନ୍ନ ସମସ୍ୟା ଦେଖାଯାଇଛି। ସରକାର ବାଧ ହୋଇ ଏଥିଲାଗି ଏକ ଅଧାଦେଶ ଆଣିଲେ ବୋଲି ସୀତାରାମନ ସ୍ପଷ୍ଟ କରିଛନ୍ତି।

## ଜାପାନ ପ୍ରଧାନମନ୍ତ୍ରୀ ସୁଗାଙ୍କୁ ମୋଦିଙ୍କ ଶୁଭେଚ୍ଛା

**ଟୋକିଓ,୧୬।୯**



ୟୋଶିହିଡେ ସୁଗା

ଜାପାନର ନୂତନ ପ୍ରଧାନମନ୍ତ୍ରୀ ଭାବେ ୟୋଶିହିଡେ ସୁଗା ବୁଧବାର ନିଯୁକ୍ତ ହୋଇଛନ୍ତି। ଏହାପୂର୍ବରୁ ସୋମବାର ସେ ଜାପାନର ଶାସକ ଲିବେରାଲ ଡେମୋକ୍ରାଟିକ ପାର୍ଟି (ଏଲଡିପି)ର ନେତା ଭାବରେ ନିର୍ବାଚିତ ହୋଇଥିଲେ। ସୁଗା ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ସ୍ଥାନ ନେଇଛନ୍ତି। ସେ ଆବେଙ୍କ ସହ ଅତି ନିକଟତର ଏବଂ ୨୦୦୬ ମସିହାରୁ ତାଙ୍କର ସମର୍ଥକ ରହିଆସିଛନ୍ତି।

ଜାପାନର ପ୍ରଧାନମନ୍ତ୍ରୀ ଭାବେ ସୁଗା ନିଯୁକ୍ତି ପାଇବା ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମାଦି ଟୁଇଟ କରି ସୁଗାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ ଟୁଇଟରେ ସେ କହିଛନ୍ତି, ଜାପାନର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ପାଇଥିବାରୁ ୟୋଶିହିଡେ ସୁଗାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ବୈଷୟିକ ସହଭାଗିତାକୁ ଏକ ଉଚ୍ଚସ୍ତରରେ ପହଞ୍ଚାଇବା ଦିଗରେ ଦୁଇ ଦେଶ ମଧ୍ୟରେ ପାରସ୍ପରିକ ସହଯୋଗ ରହିବ ବୋଲି ମୋଦି ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତମାସ ଶେଷ ଆଡକୁ ଆବେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଜାପାନର ପ୍ରଧାନମନ୍ତ୍ରୀ ପଦବୀରୁ ଓହରି ଯିବା ପାଇଁ ଘୋଷଣା କରିଥିଲେ।

## ୧୧ ଦିନରେ ୪ ଥର ଗୁଳି ବିନିମୟ

**ନୂଆଦିଲ୍ଲୀ, ୧୬।୯**




ଏଲ୍ଏସିରେ ଭାରତ-ଚାଇନା ମଧ୍ୟରେ ଉତ୍ତେଜନା ବଢ଼ିଚାଲିଛି। ଗତ ୧୧ ଦିନ ମଧ୍ୟରେ ଏଲ୍ଏସିରେ ୪ଥର ଗୁଳି ବିନିମୟ ହୋଇଥିବା ଜଣାପଡ଼ିଛି। ଅଗଷ୍ଟ ୨୯ରେ ପୋଙ୍ଗଙ୍ଗ୍‌ର ଦକ୍ଷିଣ ଅଞ୍ଚଳର ଚୁସୁଲରେ ଚାଇନା ସୈନ୍ୟ ଗୁଳି ଚାଳନା କରିଥିଲେ। ଜବାବରେ ଭାରତୀୟ ଯବାନଙ୍କ ପକ୍ଷରୁ ମଧ୍ୟ ଗୁଳିଚାଳନା କରାଯାଇଥିଲା। ଅଗଷ୍ଟ ୩୧ରେ ଫାଙ୍କା ଗୁଳିଚାଳନା ସହିତ ମୁହାଁମୁହିଁ ଗୁଳିବିନିମୟ ହୋଇଥିଲା। ଦୁଇପକ୍ଷଙ୍କ ମଧ୍ୟରେ ଲାଇଟ୍ ମେଶିନ୍ ଗନ୍ ଏବଂ ଅସାଲ୍ଟ ରାଇଫଲର ବ୍ୟବହାର କରାଯାଇଥିଲା। ସେପ୍ଟେମ୍ବର ୧ରେ ପୋଙ୍ଗଙ୍ଗ୍ ସ୍ପୋ ନିକଟରେ ଗୁଳି ବିନିମୟ ହୋଇଥିଲା। ସେପ୍ଟେମ୍ବର ୭-୮ରେ ପୋଙ୍ଗଙ୍ଗ୍‌ର ଉତ୍ତର ଅଞ୍ଚଳରେ ଚାଇନା ସୈନ୍ୟ ସୀମାର ପ୍ରକୃତ ସ୍ଥିତିରେ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରୁଥିଲେ। ଭାରତୀୟ ଯବାନଙ୍କ ପକ୍ଷରୁ ଏହାର ବିରୋଧ କରାଯାଇଥିଲା। ଦୁଇପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଶାନ୍ତିର କଥା କହୁଥିବା ଚାଇନା ସୀମାରେ ଜାଣିଶୁଣି ଉତ୍ତେଜନା ସୃଷ୍ଟି କରୁଥିବାରୁ ବିବାଦର ସମାଧାନ ହୋଇ ପାରୁନାହିଁ। ସେପ୍ଟେମ୍ବର ୧୦ ମସ୍କୋ ବୈଠକ ପୂର୍ବରୁ ଏଲ୍ଏସିରେ ୧୦୦ରୁ ୨୦୦ ରାଉଣ୍ଡ ଗୁଳି ବିନିମୟ ହୋଇଥିବା କୁହାଯାଉଛି।

## ଜମ୍ମୁ-କଶ୍ମୀରରେ ହ୍ରାସ ପାଇଛି ଆତଙ୍କବାଦୀଙ୍କ ଅନୁପ୍ରବେଶ

**ନୂଆଦିଲ୍ଲୀ,୧୬।୯(ପି.ଟି.):** ଗତ ଅଢ଼େଇ ବର୍ଷ ମଧ୍ୟରେ ଜମ୍ମୁ-କଶ୍ମୀରରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଅନୁପ୍ରବେଶ ଯଥେଷ୍ଟ ହ୍ରାସ ପାଇଛି ବୋଲି ରାଜ୍ୟ ସଭାରେ ଲିଖିତ ଉତ୍ତରରେ ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ଜି. କିଶନ ରେଡ୍ଡି ବୁଧବାର ସୂଚନା ଦେଇଛନ୍ତି। ୨୦୧୮ରେ ୧୪୩ ଏବଂ ୨୦୧୯ରେ ୧୪୧ ଥର ଅନୁପ୍ରବେଶ ଉଦ୍ୟମ ହୋଇଥିଲା। ଚଳିତବର୍ଷ ଜୁଲାଇ ସୁଦ୍ଧା ୪୮ଥର ଅନୁପ୍ରବେଶ ଉଦ୍ୟମ ହୋଇଥିବା ରେଡ୍ଡି କହିଛନ୍ତି। ୨୦୧୮ରେ ଜମ୍ମୁ-କଶ୍ମୀରରେ ୨୫୭, ୨୦୧୯ରେ ୧୫୭ଜଣ ଏବଂ ଚଳିତବର୍ଷ ଗତ ୯ତାରିଖ ସୁଦ୍ଧା ୧୬୮ଜଣ ଆତଙ୍କବାଦୀ ନିହତ ହୋଇଥିବା ଜଣାପଡ଼ିଛି।

## ମୌସୁମୀ ଅଧିବେଶନରେ ଯୋଗଦେବେ ନାହିଁ ମନମୋହନ, ଚିଦାମ୍ବରମ

**ନୂଆଦିଲ୍ଲୀ,୧୬।୯**

ମୌସୁମୀ ଅଧିବେଶନ ସୋମବାରଠାରୁ ଆରମ୍ଭ ହୋଇଛି। ଖରାପ ସ୍ୱାସ୍ଥ୍ୟବସ୍ଥା ଯୋଗୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏବଂ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ ଏଥର ରାଜ୍ୟ ସଭାରେ ଯୋଗଦେବେ ନାହିଁ ବୋଲି ଜଣାପଡିଛି। ବୁଧବାର ରାଜ୍ୟ ସଭା କାର୍ଯ୍ୟ ଆରମ୍ଭ ହେବା କ୍ଷଣି ଚେୟାରମ୍ୟାନ ଏମ୍ ଭେଙ୍କାୟା ନାଇଡୁ ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ତାଙ୍କୁ କେତେଜଣ ସଦସ୍ୟଙ୍କଠାରୁ ଚିଠି ଆସିଛି ଯେଉଁଥିରେ ସ୍ୱାସ୍ଥ୍ୟଗତ କାରଣରୁ ଚଳିତ ଅଧିବେଶନରେ ଅଂଶଗ୍ରହଣ କରିବାରେ ତାଙ୍କର ଅସମର୍ଥତା ଦର୍ଶାଇ ଗୃହରୁ ଅନୁମତି ମାଗିଛନ୍ତି। ଗୃହ ଏହି ସଦସ୍ୟମାନଙ୍କୁ ଅନୁପସ୍ଥିତ ରହିବାକୁ ଅନୁମତି ଦେଇଥିବା ନାଇଡୁ କହିଛନ୍ତି।

## ଅମିତାଭଙ୍କ ବାସଭବନ ସୁରକ୍ଷା ବଢ଼ିଲା

**ନୂଆଦିଲ୍ଲୀ,୧୬।୯(ପି.ଟି.)**



ରାଜ୍ୟ ସଭାରେ ମଙ୍ଗଳବାର ବଲିଉଡ୍ ଅଭିନେତ୍ରୀ ତଥା ସମାଜବାଦୀ ପାର୍ଟି ଏମ୍‌ପି ଜୟା ବଚ୍ଚନ ଡ୍ରଗ୍ସ ଲିଙ୍କ ମାମଲାରେ ବଲିଉଡ୍ କଳାକାରଙ୍କ ସମ୍ପୃକ୍ତି ଓ ବୟାନବାଜିକୁ ନେଇ ଖୁବ୍ ବର୍ଷିଥିଲେ। ଏହାର ଦିନକ ପରେ ଅମିତାଭଙ୍କ ବମ୍ବେସ୍ଥିତ ଜଲ୍‌ସା ବାସବଭବନ ଚାରିପଟେ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଉଦ୍ଦେଶ୍ୟରେ ଏଭଳି ପୋଲିସ ସୁରକ୍ଷା ବ୍ୟବସ୍ଥା ଦିଆଯାଇଥିବା କୁହାଯାଇଛି। ବଲିଉଡର ଛବିକୁ ଖରାପ କରିବାକୁ ହୀନ ଚକ୍ରାନ୍ତ କରାଯାଉଛି ବିଶେଷକରି ସୋସିଆଲ୍ ମିଡିଆରେ ବଲିଉଡ୍‌କୁ ବଦନାମ କରାଯିବାକୁ ଚେଷ୍ଟା କରାଯାଉଛି ବୋଲି ଜୟା ରାଜ୍ୟ ସଭାରେ କହିଥିଲେ। ଏପରି କି ଅଳ୍ପ କେତେଜଣ କଳାକାରଙ୍କ ପାଇଁ ସମ୍ପୂର୍ଣ୍ଣ ଫିଲ୍ମ ଇଣ୍ଡଷ୍ଟ୍ରି ବଦନାମ କରିବା ଠିକ୍ ନୁହେଁ ବୋଲି କହିଥିଲେ। ଜୟା ତାଙ୍କ ବକ୍ତବ୍ୟରେ ବିଶେଷକରି ଭାଜପା ଏମ୍‌ପି ରବି କିଶନ ସୋମବାର ଲୋକ ସଭାରେ ଦେଇଥିବା ମନ୍ତବ୍ୟକୁ କଡ଼ା ବିରୋଧ କରିଥିଲେ। ଏପରି କି ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତଙ୍କୁ ମଧ୍ୟ ପରୋକ୍ଷରେ ସମାଲୋଚନା କରିଥିଲେ। ଜୟାଙ୍କ ବୟାନ ପରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ତାଙ୍କୁ ଖୁବ୍ ପ୍ରଶଂସା କରିଥିଲେ।

# ଫୁର୍‌ସତ୍

## କାମକୁ ଭଲ ପାଏ



ଆମନା ସରିଫ୍

**ମୁମ୍ବାଇ:** ବଲିଉଡ୍‌ରେ ଆମନା ସରିଫ୍‌ଙ୍କୁ ସମସ୍ତେ ଜାଣନ୍ତି। ତାଙ୍କର ଫ୍ୟାନ ଫଲୋଇଙ୍ଗ ମଧ୍ୟ ବେଶ୍ ଅଧିକା। ଟିଭି ଧାରାବାହିକରେ ସେ ପ୍ରଥମେ ଏକତା କପୁରଙ୍କ ସୋ'ରୁ କ୍ୟାରିୟର ଆରମ୍ଭ କରିଥିଲେ। ଯାହାର ନାଁ ହେଲା 'କହିଁ ତୋ ହୋଗା'। ଏହି ସିରିୟଲଟି ୨୦୧୨ ମସିହାରେ ଆସିଥିଲା। ସେତେବେଳେ ୟଙ୍ଗଷ୍ଟରଙ୍କୁ ଏହି ସିରିୟଲଟି ବେଶ୍ ପସନ୍ଦ ଥିଲା। ଆମନାଙ୍କ ଅଭିୟନୟ ତାଙ୍କୁ ଘରେ ଘରେ ପରିଚିତ କରିଥିଲା। ଆମ୍‌ନା ମୁମ୍ବାଇର ବାନ୍ଦ୍ରାରେ ଜନ୍ମଗ୍ରହଣ କରଛନ୍ତି। ସେ ତାଙ୍କ ସାଙ୍ଗ ଅମିତ୍ କପୁରଙ୍କୁ ୨୦୧୩ ମସିହାରେ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଅଛି। ବହୁତ ନାଁ କମେଇଥିଲେ ମଧ୍ୟ ପୁଅ ହେବା ପରଠୁ ଟେଲି ଜଗତକୁ ୬ବର୍ଷ ହେଲା ବିଦାୟ ଦେଇଥିଲେ। ଏବେ ପୁଣି ଥରେ ଏକ୍‌ତାଙ୍କ ସିରିୟଲ ମାଧ୍ୟମରେ କମ୍ ବ୍ୟାକ୍ କରିଛନ୍ତି। ଯାହାର ନାମ ହେଲା 'କସୌଟି ଜିନ୍ଦେଗୀ କି'। ମଝିରେ ମଝିରେ ବଲିଉଡ୍‌ରେ ୨ରୁ ୩ଟି ମୁଭିରେ ମଧ୍ୟ ନଜର୍ ଆସିଥିଲେ। 'ଏକ ଭିଲେନ' ଏବଂ 'ଆଲୁ ଚାଟ୍' ମୁଭିରେ ତାଙ୍କର ରୋଲ କମ୍ ଥିଲେ ମଧ୍ୟ ଆକ୍ଟିଂ ବେଶ୍ ଦମ୍‌ଦାର୍ ଥିଲା। ଆମ୍‌ନା କହିଛନ୍ତି ଯେ, ପୁଅ ଛୋଟ ଥିବାରୁ ଦୂରେଇ ଯାଇଥିଲି ସତ। କିନ୍ତୁ କାମକୁ ସବୁବେଳେ ଭଲ ପାଉଥିଲି। ଏବଂ ଫେରିବି ବୋଲି ନିଶ୍ଚିତ ଜାଣିଥିଲି। ନିକଟରେ ଆମ୍‌ନାଙ୍କ କିଛି ବୋଲ୍ଡ ଫଟୋଶୁଟ୍‌ର ଫଟୋ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରାଯାଇଛି। ଏହି ଫଟୋ ଗୁଡ଼ିକ ଟ୍ରେଣ୍ଡିଂରେ ଚାଲିଛି। ଫଟୋ ଗୁଡ଼ିକ ଶେୟାର କରୁ କରୁ ଫ୍ୟାନ ମାନେ ଲାଇକ୍ ଏବଂ କମେଣ୍ଟ କରିବାରେ ଲାଗି ପଡ଼ିଛନ୍ତି।

## ଡ୍ରଗ୍ସର ଆଡ୍ଡା 'ଗୋଲ୍ଡେନ୍ ଟ୍ରାଙ୍ଗଲ'

*ସିନେ ତାରକା ସୁଶାନ୍ତ ସିଂ ରାଜପୁତଙ୍କ ରହସ୍ୟମୟ ମୃତ୍ୟୁକୁ ନେଇ ପରଦା ଉଠି ନ ଥିବାବେଳେ ଏବେ ବଲିଉଡ୍‌ରେ ଡ୍ରଗ୍ସ କାରବାରକୁ ନେଇ ରାଜନୀତି ଉଠୁଛି ପଡୁଛି। ବଲିଉଡ୍‌ରେ ଡ୍ରଗ୍ସ ପାର୍ଟିକୁ ନେଇ କେତେଜଣ କଳାକାର ସ୍ୱର ଉଠାଇଥିବାବେଳେ ଏହାକୁ ନେଇ ବି-ଟାଉନ୍‌ରେ ଆରମ୍ଭ ହୋଇଛି ଛକାପଞ୍ଝା। ଅନ୍ୟପଟେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଡ୍ରଗ୍ସ କାରବାରର ଚେର ଖୋଳୁଥିବାବେଳେ ଭାରତରେ ଡ୍ରଗ୍ସ ତସ୍କରୀ ପାଇଁ କୁଖ୍ୟାତ 'ଗୋଲ୍ଡେନ ଟ୍ରାଙ୍ଗଲ' ଉପରେ ଅଟକିଛି ନଜର।*



**ନୂଆଦିଲ୍ଲୀ:** ଡ୍ରଗ୍ସ ଚାଲାଣ ପାଇଁ କୁଖ୍ୟାତି ମୁଣ୍ଡାଇଛି 'ଗୋଲ୍ଡେନ ଟ୍ରାଙ୍ଗଲ'। ମ୍ୟାନ୍‌ମାର-ଥାଇଲାଣ୍ଡ-ଲାଓସେ ସୀମାବର୍ତ୍ତୀ ଅଞ୍ଚଳରେ ପରିବ୍ୟାପ୍ତ ଏହି ସ୍ଥାନରୁ ସମଗ୍ର ଦକ୍ଷିଣ ଏସିଆକୁ ଧଳା ଜହର ଚାଲାଣ କରାଯାଇଥାଏ। ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁର ସମ୍ପର୍କ କେଉଁଠି ନା କେଉଁଠି ଡ୍ରଗ୍ସ ସହ ଥିବା ଜଣାପଡ଼ିବା ପରେ ଚର୍ଚ୍ଚାକୁ ଆସିଛି ଏହି ସ୍ଥାନ। ଅନ୍ୟପଟେ 'ଗୋଲ୍ଡେନ ଟ୍ରାଙ୍ଗଲ' ଏବଂ ଭାରତ ସହ ଏହାର ବ୍ୟବସାୟିକ ସମ୍ପର୍କ କେତେ ଗଭୀର ସେ ନେଇ ଖୋଳତାଡ଼ ଆରମ୍ଭ କରିଛି ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)।

ମ୍ୟାନ୍‌ମାର-ଥାଇଲାଣ୍ଡ-ଲାଓସେ ସୀମାନ୍ତ ତଥା ମେକାଙ୍ଗ୍ ନଦୀ ସଙ୍ଗମସ୍ଥଳ 'ଗୋଲ୍ଡେନ ଟ୍ରାଙ୍ଗଲ' ଭାବେ ପରିଚିତ। ଭୌଗୋଳିକ ସ୍ଥିତି ଆଧାରରେ ଆମେରିକୀୟ ଗୋଇନ୍ଦା ସଂସ୍ଥା (ସିଆଇଏ) ଏହାର ଏପରି ନାମକରଣ କରିଛି। ହାରାହାରି ୯,୫୦,୦୦୦ ବର୍ଗ କିମି ଅଞ୍ଚଳରେ ପରିବ୍ୟାପ୍ତ 'ଗୋଲ୍ଡେନ ଟ୍ରାଙ୍ଗଲ' ଅବାଧ ଡ୍ରଗ୍ସ କାରବାରର ପେଣ୍ଠସ୍ଥଳୀ। ପୂର୍ବରେ 'ଗୋଲ୍ଡେନ ଟ୍ରାଙ୍ଗଲ' ଏବଂ ଉତ୍ତର ପଶ୍ଚିମରେ 'ଗୋଲ୍ଡେନ୍ କ୍ରିସେଣ୍ଟ' (ପାକିସ୍ତାନ-ଆଫଗାନିସ୍ତାନ-ଇରାନ)ରୁ ଭାରତକୁ ବେଆଇନ ଭାବେ ବିପୁଳ ପରିମାଣରର ଡ୍ରଗ୍ସ ଚାଲାଣ କରାଯାଉଛି। ଫଳରେ ଭାରତ ଚାରିଆଡୁ ଏବେ ଡ୍ରଗ୍ସର ବିଷବଳୟ କବଳରେ ପଡ଼ିଛି।

ଭାଙ୍ଗ, କୋକେନ, ଗଞ୍ଜେଇ ଭଳି ମାଦକଦ୍ରବ୍ୟର ଚାଲାଣ ପାଇଁ 'ଗୋଲ୍ଡେନ ଟ୍ରାଙ୍ଗଲ' ବଦନାମ। ଉଭୟ ସାମୁଦ୍ରିକ ଜଳପଥ ଏବଂ ସଡ଼କ ପଥରେ ଭାରତ ସୀମାରେ ଏପରି ନିଶାଦ୍ରବ୍ୟ ପ୍ରବେଶ କରୁଛି। ଏହି ସ୍ଥାନରୁ ପୂର୍ବରୁ ଚାଇନାକୁ ବିପୁଳ ପରିମାଣରେ ନିଶାଦ୍ରବ୍ୟ ଚାଲାଣ କରାଯାଉଥିଲା। ଚାଇନା ସହ 'ଗୋଲ୍ଡେନ ଟ୍ରାଙ୍ଗଲ'ର ବ୍ୟବସାୟିକ ସମ୍ପର୍କ ମଧ୍ୟ ବେଶ୍ ମଜଭୁତ୍ ଥିଲା। ୧୮୨୦ ବେଳକୁ ବ୍ରିଟିଶ୍ ବ୍ୟବସାୟୀମାନେ ଚାଇନାକୁ ଚା ବଦଳରେ ଅଫିମ ଯୋଗାଉଥିଲେ। ଚାଇନାରେ ଅଫିମକୁ ଔଷଧ ତିଆରିରେ ବ୍ୟବହାର କରାଯାଉଥିଲା। ଯଦିଓ ସେଠାରେ ଅଫିମକୁ ବେଆଇନ ଘୋଷିତ କରାଯାଇଥିଲା ତଥାପି ବଢୁଥିବା ଚାହିଦା ଏବଂ ବ୍ରିଟିଶ ବ୍ୟବସାୟୀଙ୍କ ଲାଭଖୋର ମନୋଭାବ ଯୋଗୁ ଲୁଚାଚୋରାରେ ଚାଇନାକୁ ବ୍ୟାପକ ପରିମାଣରେ ଅଫିମ ଚାଲାଣ କରାଗଲା। ଫଳରେ ଚାଇନାବାସୀ ଧୀରେ ଧୀରେ ନିଶାଡ଼ି ପାଲଟିଗଲେ। ପରିଣାମ ବିଷମ ହେଉଥିବା ଦେଖିବା ପରେ ୧୮୩୯ରେ ତତ୍କାଳୀନ ଚାଇନା ସମ୍ରାଟ ନିଶା ବିରୋଧରେ ଆରମ୍ଭ କରିଥିଲେ ଅଭିଯାନ। ତେବେ ଚାଇନାରେ ଅଫିମ କାରବାର ହଠାତ୍ ବନ୍ଦ ହୋଇଯିବା ପରେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲା ବ୍ରିଟେନ ଏବଂ ଚାଇନା ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା। ୧୮୪୨ରେ ଚାଇନା-ବ୍ରିଟେନ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ହେଲେ ଏହା ସମ୍ପୂର୍ଣ୍ଣ ଏକପାଖିଆ ଏବଂ ବ୍ରିଟେନକୁ ସୁହାଇଲା ଭଳି ଥିଲା। ଚୁକ୍ତି ଅନୁଯାୟୀ ଚାଇନାକୁ ନିଜର ସମସ୍ତ ବନ୍ଦର ବ୍ରିଟିଶ ବ୍ୟବସାୟୀଙ୍କ ପାଇଁ ଖୋଲିବାକୁ ପଡ଼ିଲା। ବ୍ୟବସାୟ ପ୍ରଭାବିତ ହୋଇଥିବାରୁ ଚାଇନାଠାରୁ ବଡ଼ ରକମର ଜରିମାନା ମଧ୍ୟ ଆଦାୟ କରାଯାଇଥିଲା। ଦୀର୍ଘଦିନ ଧରି ଏହା ଚାଲିବା ପରେ ଶେଷରେ ଚାଇନା ନିଜର ଲୋକଙ୍କୁ ଅଫିମ ନିଶାରୁ ମୁକ୍ତି ଦେବାରେ ସକ୍ଷମ ହୋଇଥିଲା। ତେବେ ଚାଇନାରୁ ନିଶା କାରବାର ଶେଷ ହେବା ପରେ 'ଗୋଲ୍ଡେନ ଟ୍ରାଙ୍ଗଲ' ଆଖପାଖ ଅଞ୍ଚଳ ପାଲଟିଗଲା ଡ୍ରଗ୍ସ କାରବାରର ଆଡ୍ଡାସ୍ଥଳୀ।

ଉତ୍ତରପୂର୍ବ ରାଜ୍ୟ ଅରୁଣାଚଳପ୍ରଦେଶ, ମଣିପୁର, ମିଜୋରାମ, ନାଗାଲାଣ୍ଡ ସୀମା ଦେଇ ମ୍ୟାନ୍‌ମାରରୁ ଅଫିମ, ହେରୋଇନ, ମିଥାଲିନଡାଇଅକ୍ସି ମେଥାମ୍ଫେଟାମାଇନ (ଏମ୍‌ଡିଏମ୍ଏ) ଭଳି ଘାତକ ନିଶା ଭାରତକୁ ଆସିଥାଏ। ମଧ୍ୟସ୍ଥଙ୍କ ଜରିଆରେ ଏହା ମହାନଗରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ପହଞ୍ଚିଯାଏ। ସବୁଠାରୁ ବଡ଼ କଥା ଭାରତ-ମ୍ୟାନ୍‌ମାର ସୀମାନ୍ତର ୧୬ କିମି ଯାଏ ଉଭୟ ଦେଶର ଲୋକଙ୍କୁ ଅବାଧ ପ୍ରବେଶ ଅନୁମତି ରହିଛି। ଏଥିଲାଗି କୌଣସି ଭିଜା ଆବଶ୍ୟକ ନାହିଁ। କଡ଼ାକଡ଼ି ଯାଞ୍ଚ ମଧ୍ୟ ହୋଇ ନ ଥାଏ। ଫଳରେ ଚୋରା ନିଶାଦ୍ରବ୍ୟ କାରବାର ବେଶ୍ ସହଜ ହୋଇଯାଉଛି।

ଡ୍ରଗ୍ସର ଏପରି ସପ୍ଲାଇ ଚେନ୍‌ର ନିକଟତର ହେବା ଏନ୍‌ସିବି ପାଇଁ ଚ୍ୟାଲେଞ୍ଜ ପାଲଟିଛି। ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପରେ ଡ୍ରଗ୍ସ କାରବାର ଜାଲରେ ଛନ୍ଦି ହୋଇପଡ଼ିଥିବା ତାଙ୍କ ବାନ୍ଧବୀ ରିଆ ଚକ୍ରବର୍ତ୍ତୀଙ୍କୁ ଏନ୍‌ସିବି ଗୁଡେଇତୁଡେଇ ଜେରା କରୁଛି। ଏପରି କି ଏହି ଡ୍ରଗ୍ସ କାରବାରର ଚେର ବଲିଉଡ୍‌ରୁ ଆରମ୍ଭ ହୋଇ ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରି ଯାଏ ଲମ୍ବିଥିବା ମଧ୍ୟ ଧରାପଡ଼ିଲାଣି, ଯାହା ଏବେ ହଇଚଇ ସୃଷ୍ଟି କରିଛି।

## କର୍ମଚାରୀ ଛିଙ୍କିବାରୁ ଦୌଡ଼ି ପଳାଇଲେ ଟ୍ରମ୍ପ୍

**ୱାଶିଂଟନ:** କରୋନା ମହାମାରୀ ଆତଙ୍କ ସାରା ପୃଥିବୀରେ ଜାରି ରହିଛି। କେହି ଜଣେ ଛିଙ୍କିଲେ ଏବେ ସଭିଏଁ ସମ୍ପୃକ୍ତ ବ୍ୟକ୍ତିଙ୍କ ଆଡ଼କୁ ବୁଲି ଚାହୁଁଛନ୍ତି। ସତେଯେପରି ବ୍ୟକ୍ତି ଜଣକ ବଡ଼ ଅପରାଧ କରିଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟ କରୋନାକୁ ଭୟ କରୁଛନ୍ତି। ଏ ସମ୍ପର୍କରେ ଆମେରିକାର ଚର୍ଚ୍ଚିତ ଗଣମାଧ୍ୟମ ପ୍ରତିନିଧି ନଏ ଟେପ୍ ଏକ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଜଣେ କର୍ମଚାରୀ ଛିଙ୍କିବାରୁ ଟ୍ରମ୍ପ୍ ଅଫିସରୁ ଦୌଡ଼ି ପଳାଇଥିବା ଏଥିରେ ଦର୍ଶାଯାଇଛି। ଏ ସମ୍ପର୍କିତ ଖବର ଗଣମାଧ୍ୟମ ସଂସ୍ଥା ଡେଲି ମେଲ୍‌ରେ ମଧ୍ୟ ପ୍ରକାଶ ପାଇଛି। ଏବେ ଏହି ଖବର ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାକୁ ଟ୍ରମ୍ପ୍ ସ୍ୱୀକାର ମଧ୍ୟ କରିଛନ୍ତି। ସେ କହିଛନ୍ତି ଯେ, ୧୦ ଜଣ ଅଧିକାରୀଙ୍କ ସହିତ ଏକ ମିଟିଂରେ ଥିଲେ। ଲକ୍‌ଡାଉନ୍ ଅନ୍‌ଲକ୍ ନେଇ ଏହି ମିଟିଂ ଜାରି ରହିଥିଲା। ଏହି ସମୟରେ ଜଣେ କର୍ମଚାରୀ ଛିଙ୍କିଥିଲେ। ଟ୍ରମ୍ପ୍ ଅଧାରୁ ମିଟିଂ ଛାଡ଼ି ଘରକୁ ପଳାଇଥିଲେ।

## ୧୨୩ ସେକେଣ୍ଡରେ ମାଟିରେ ମିଶିଲା ସ୍କୁଲ

**ପାଟନା:** ଲଗାତର ବର୍ଷା ଯୋଗୁ ବିହାରର ଏକ ସରକାରୀ ସ୍କୁଲ ମାତ୍ର ୧୨୩ ସେକେଣ୍ଡ ମଧ୍ୟରେ ମାଟିରେ ମିଶିଯାଇଛି। ଏହାର ଭିଡିଓ ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ପୂର୍ଣ୍ଣିଆ ଜିଲାର ଜ୍ଞାନଡୋଭା ପଞ୍ଚାୟତର ସିମଲବାଡ଼ି ଅଞ୍ଚଳରେ କନକେଇ ନଦୀ କୂଳରେ ଥିବା ପ୍ରାଥମିକ ସ୍କୁଲ ଦେଖୁ ଦେଖୁ ଭୁଶୁଡ଼ି ପଡ଼ିଥିଲା। ସ୍କୁଲର ସ୍ଥିତି ଖରାପ ଥିବା ନେଇ ପୂର୍ବରୁ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲା। ତେବେ ଏନେଇ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା କୁହାଯାଉଛି। ଏଠାରେ ଛୋଟ ପିଲାମାନେ ବିପଦସଙ୍କୁଳ ଅବସ୍ଥାରେ ପାଠପଢୁଥିବା ନେଇ ସ୍ଥାନୀୟ ପ୍ରଶାସନ ଜିଲା ପ୍ରଶାସନଙ୍କୁ ଚିଠି ଲେଖିଥିଲେ। ଗତ ୭୨ ଘଣ୍ଟାରେ ପୂର୍ଣ୍ଣିଆ ଜିଲାରେ ୨୦୦ମିମି ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣା ମଙ୍ଗଳବାର ରାତିରେ ଘଟିଥିବା କୁହାଯାଉଛି।


MUTUAL FUNDS
Sahi Hai
CRICKETERS HO YA FANS,
HAR EK KE LIYE MUTUAL FUNDS SAHI HAI.
• Retirement planning ke liye Sahi Hai
• Long-term aur short-term ke liye Sahi Hai
• Direct Plan ke zariye invest karna Sahi Hai
• SIP se investment ki shuruvat karna Sahi Hai
• Investment karne se pehle risk ko samajhna Sahi Hai
To know how Mutual Funds are right for you:
• Visit mutualfundssahihai.com
• Visit your nearest Mutual Fund office or contact a Mutual Fund distributor or an investment advisor today
Follow Mutual Funds Sahi Hai on:
Scan for more information
Mutual Fund investments are subject to market risks. Read all scheme related documents carefully.

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ............................



ଶ୍ରୀୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁରୁକି ହସା, ମାଗୁର ନିଶା**
**ହିଆରେ ନଥାଏ ବାଳ**
**ଏ ତିନି ଜଣଙ୍କୁ ବିଶ୍ୱାସ ନ ଯିବ**
**ଜୀଇଥିବ ଯେତେ କାଳ।**

ମୁରୁକି ହସୁଥିବା ବ୍ୟକ୍ତି ଅନ୍ତଃକପଟି ହୋଇଥାନ୍ତି। ତାଙ୍କର ମନ ଆଦୌ ଖୋଲା ନଥାଏ। ସେହିପରି ମାଗୁର ମାଛ ପରି ନିଶ ଓ ଛାତିରେ ଆଦୌ ବାଳ ଉଠିନଥିବା ପୁରୁଷ ସେତେ ଭରସାଯୋଗ୍ୟ ହୋଇନଥାନ୍ତି। ଏହି ତିନି ପ୍ରକାରର ବ୍ୟକ୍ତିଙ୍କୁ ବିଶ୍ୱାସରେ ନେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ମନେ ମନେ ହୁଅ ଦରିଆ ପାର**
**ମନ ମରିଗଲେ ସବୁ ଅସାର।**

କିଛି ବ୍ୟକ୍ତି ମନେମନେ ଅନେକ କିଛି ଯୋଜନା କରିବସନ୍ତି। ତେବେ ପରିକଳ୍ପନା କରିବା ଏବଂ ତାକୁ ବାସ୍ତବରେ କାର୍ଯ୍ୟକାରିତା କରାଇବାରେ ଅନେକ ଫରକ ବା ତଫାତ ରହିଥାଏ। କିଛି ଉଦ୍ୟମ ନକରି ମନେମନେ ଖାଲି ଭାବିବସିଲେ କିଛି ହାସଲ କରିହେଉନଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ - ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

# ଯେତିକି ଉଚ୍ଚର ମୂର୍ତ୍ତି ହୋଇଛି, ସେତିକି ରହିବ

**ହାଇକୋର୍ଟରେ ଦଶହରା ମାମଲା**

■ ଅନୁମତି ପାଇଁ ଡିସିପିଙ୍କ ନିକଟରେ ଆବେଦନ

■ ଆଜି ପୂଜାମଣ୍ଡପରେ ଯାଞ୍ଚ ହେବ

**କଟକ ଅଫିସ,୧୬।୯**

ଦଶହରାରେ ମୃଣ୍ମୟୀ ମୂର୍ତ୍ତି ନିର୍ମାଣକୁ ନେଇ ଲାଗିଥିବା ବିବାଦରେ ହାଇକୋର୍ଟ ବୁଧବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଯେଉଁ ପୂଜା କମିଟି ଯେତିକି ଉଚ୍ଚତାର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରିଛନ୍ତି, ସେତିକି ଉଚ୍ଚତା ପର୍ଯ୍ୟନ୍ତ ଅନୁମତି ମିଳିବ। ଏ ନେଇ ଡିସିପିଙ୍କ ନିକଟରେ ବୁଧବାର ସନ୍ଧ୍ୟା ୭ଟା ସୁଦ୍ଧା ଆବେଦନପତ୍ର ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ କେତେ ସଂଖ୍ୟକ ପୂଜା କମିଟି ଆବେଦନପତ୍ର ଦାଖଲ କରିଛନ୍ତି, ତାହା ସ୍ପଷ୍ଟ ହୋଇନି। ଏ ସମ୍ପର୍କରେ କୌଣସି ମତାମତ ଦେବାକୁ ଡିସିପି ପ୍ରତୀକ ସିଂ ମନା କରିଥିଲେ।

ଯେଉଁ ପୂଜା କମିଟି ୪ଫୁଟର ମୂର୍ତ୍ତି ନିର୍ମାଣ କରିଛନ୍ତି ସେମାନେ ଏବେ ସେହି ଉଚ୍ଚତାର ମୂର୍ତ୍ତି ପୂଜା କରିବେ। ଏହାଛଡା ଯେଉଁମାନେ ୭ଫୁଟର ମୂର୍ତ୍ତି ନିର୍ମାଣ କରିଛନ୍ତି ସେମାନେ ମଧ୍ୟ ଅପରିବର୍ତ୍ତିତ ରହିବେ। କଟକର ଅଧାରୁ ଅଧିକ ପୂଜା କମିଟି ବର୍ତ୍ତମାନ ସୁଦ୍ଧା ମୂର୍ତ୍ତି ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ କରିସାରିଲେଣି। ନିଜ ମୂର୍ତ୍ତିର ଫଟୋ ଓ ପୂଜା କମିଟିର କାଗଜପତ୍ର ଡିସିପିଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ରହିଥିଲା। କାଗଜପତ୍ର ଯାଞ୍ଚ କରିବା ପରେ ପୋଲିସର ଏକ ଟିମ୍ ପୂଜାମଣ୍ଡପ ଅନୁଧ୍ୟାନରେ ଯିବ ବୋଲି ଜଣାପଡ଼ିଛି। ହାଇକୋର୍ଟରେ ରୁଜୁ ହୋଇଥିବା ଏହି ମାମଲାରେ ବୁଧବାର ବିସ୍ତୃତ ଶୁଣାଣି କରାଯାଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଏବଂ ବିଚାରପତି ଜଷ୍ଟିସ୍ ବି.ଆର. ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ମାମଲାର ରାୟ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଅନ୍ୟ ଏକ ନିୟମକୁ ନେଇ ମଧ୍ୟ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ମଣ୍ଡପର ୩ ପାର୍ଶ୍ୱ ଆବଦ୍ଧ କରାଯାଇ ପୂଜା ହେବ ବୋଲି କମିଶନରଙ୍କ ଗାଇଡ୍‌ଲାଇନରେ ଉଲ୍ଲେଖ କରାଯାଇଥିଲା। ହାଇକୋର୍ଟ ଏହି ଘଟଣାରେ କୌଣସି ହସ୍ତକ୍ଷେପ କରି ନ ଥିବା ଜଣାପଡିଛି।

# ଆନ୍ଧ୍ରପ୍ରଦେଶ ବିଏଡ୍ ପରୀକ୍ଷା ଘୁଞ୍ଚିଲା

**ରାଜ୍ୟପାଳଙ୍କ ହସ୍ତକ୍ଷେପ ପରେ ନିଷ୍ପତ୍ତି**

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଆନ୍ଧ୍ରପ୍ରଦେଶରେ ବିଏଡ୍ ଶିକ୍ଷା କରୁଥିବା ଓଡ଼ିଶାର ୩୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପରୀକ୍ଷାକୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଛନ୍ତି ସେଠାକାର ସରକାର। ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ହସ୍ତକ୍ଷେପ ପରେ ଆସନ୍ତା ଅକ୍ଟୋବରରେ ହେବାକୁ ଥିବା ବିଏଡ୍ ପରୀକ୍ଷାକୁ ନଭେମ୍ବର ମାସକୁ ଘୁଞ୍ଚାଇ ଦିଆଯାଇଛି। ମିଳିଥିବା ସୂଚନା ମୁତାବକ, ଆନ୍ଧ୍ରପ୍ରଦେଶ ବିଏଡ୍ ପରୀକ୍ଷାକୁ ଫିଜିକାଲ ପରିବର୍ତ୍ତେ ଅନ୍‌ଲାଇନରେ କରିବା ପାଇଁ ଓଡ଼ିଶା ଏଜୁକେଶନ କନସଲ୍‌ଟାନ୍ସି ଫୋରମ(ଓଇସିଏଫ) ରାଜ୍ୟପାଳଙ୍କୁ ନିବେଦନ କରିଥିଲା। ବର୍ତ୍ତମାନ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାରେ ସଂକ୍ରମଣ ଦ୍ରୁତ ବୃଦ୍ଧି ପାଉଛି ଏବଂ ଓଡ଼ିଶାରେ ବନ୍ୟା କାରଣରୁ ଛାତ୍ରୀଛାତ୍ର ଓ ଅଭିଭାବକ ଦୟନୀୟ ସ୍ଥିତିରେ ଅଛନ୍ତି। ଏହି ସମୟରେ ଓଡ଼ିଶାରୁ ଛାତ୍ରୀଛାତ୍ରମାନେ ଆନ୍ଧ୍ରପ୍ରଦେଶକୁ ପରୀକ୍ଷା ଦେବା ଲାଗି ଗଲେ ସେମାନଙ୍କ ଗମନାଗମନ, ରହଣି, ସ୍ୱାସ୍ଥ୍ୟଯତ୍ନ ଓ ଉପଯୁକ୍ତ ସାନିଟାଇଜେଶନରେ ଗୁରୁତର ଅସୁବିଧା ଦେଖାଦେବାର ସମ୍ଭାବନା ରହିଛି। ଏପରିକି ସେମାନେ ମଧ୍ୟ କରୋନାରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଏନେଇ ଫୋରମ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହାପରେ ରାଜ୍ୟପାଳ ହରିଚନ୍ଦନ ବୁଧବାର ଆନ୍ଧ୍ରପ୍ରଦେଶ ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଅଧ୍ୟକ୍ଷ ଏବଂ ନାଗାର୍ଜୁନ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଡକାଇ ବିଚାର ବିମର୍ଶ କରିଥିଲେ। ଉକ୍ତ ଆଲୋଚନାରୁ ଜଣାପଡ଼ିଛି ଯେ, ଅକ୍ଟୋବରରେ ହେବାକୁ ଥିବା ବିଏଡ୍‌ର ଦ୍ୱିତୀୟ ଏବଂ ଚତୁର୍ଥ ସେମିଷ୍ଟର ପରୀକ୍ଷାକୁ ଫିଜିକାଲ୍ ନ କରାଇ ଅନ୍‌ଲାଇନ୍‌ରେ ପରୀକ୍ଷା କରାଇଲେ ପରୀକ୍ଷାରେ ସ୍ୱଚ୍ଛତା ରହିବନି। ଏହାଛଡ଼ା ବନ୍ୟାବିପନ୍ନ ଅଞ୍ଚଳରେ ପରୀକ୍ଷାର୍ଥୀମାନେ ନେଟ୍‌ୱର୍କ ସମସ୍ୟାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ତେଣୁ ଉକ୍ତ ପରୀକ୍ଷାକୁ ଆପାତତଃ ନଭେମ୍ବର ମାସକୁ ଘୁଞ୍ଚାଇବାକୁ ନିଷ୍ପତ୍ତି ହୋଇଛି। ଏତଦ୍‌ବ୍ୟତୀତ ଏହି ପରୀକ୍ଷା ଓଡ଼ିଶାର ନିକଟବର୍ତ୍ତୀ ବିଶ୍ୱବିଦ୍ୟାଳୟରେ କରାଇବା ସହିତ ଛାତ୍ରୀଛାତ୍ରଙ୍କ ପରୀକ୍ଷାକୁ ଗଠନମୂଳକ କରିବା ପାଇଁ ସହଜ ବିକଳ୍ପ ଚୟନ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

# ବୈଦେଶିକ ମନ୍ତ୍ରଣାଳୟ ପରାମର୍ଶଦାତା କମିଟି ସଦସ୍ୟ ହେଲେ ସୁଜିତ କୁମାର

ଭୁବନେଶ୍ୱର ୧୬।୯(ବ୍ୟୁରୋ):ରାଜ୍ୟ ସଭା ଏମ୍‌ପି ସୁଜିତ କୁମାରଙ୍କୁ କେନ୍ଦ୍ର ସରକାର ଏକ ନୂଆ ଦାୟିତ୍ୱ ପ୍ରଦାନ କରିଛନ୍ତି। ସୁଜିତଙ୍କୁ ବୈଦେଶିକ ମନ୍ତ୍ରଣାଳୟର ପରାମର୍ଶଦାତା କମିଟି ସଦସ୍ୟଭାବେ ନିଯୁକ୍ତି ମିଳିଛି। ଏନେଇ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏ ସମ୍ପର୍କରେ ସୁଜିତ୍ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ମୋତେ ବୈଦେଶିକ ମନ୍ତ୍ରଣାଳୟର ପରାମର୍ଶଦାତା କମିଟି ସଦସ୍ୟଭାବେ ମନୋନୀତ କରାଯାଇଛି। ଏହି ଦାୟିତ୍ୱକୁ ନମ୍ରତାର ସହ ଗ୍ରହଣ କରୁଥିବା ସେ ଉଲ୍ଲେଖ କରିଛନ୍ତି।

# କଟକ-ଭୁବନେଶ୍ୱରରେ କୋଭିଡ୍ ନିୟମକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଅସନ୍ତୋଷ

**କୋଭିଡ୍-୧୯ ସମୀକ୍ଷା**

■ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଡିଜିପିଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

ରାଜ୍ୟର ଅନ୍ୟ ଅଞ୍ଚଳଗୁଡିକରେ କୋଭିଡ୍ ନିୟମ କଡାକଡି ଅନୁପାଳନ ହେଉଛି। ଭୁବନେଶ୍ୱର-କଟକ କମିଶନରେଟ ଅଞ୍ଚଳରେ ଏହା ସେତେଟା ଉତ୍ସାହଜନକ ନୁହେଁ। ଭୁବନେଶ୍ୱର-କଟକ କମିଶନରେଟ ଅଞ୍ଚଳରେ କୋଭିଡ୍ ନିୟମ କାର୍ଯ୍ୟକାରିତା ଉପରେ ପ୍ରତ୍ୟକ୍ଷ ଭାବେ ଦୃଷ୍ଟି ଦେବା ସହ ଆବଶ୍ୟକ ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୋଲିସ ମହା ନିର୍ଦ୍ଦେଶକ(ଡିଜିପି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍‌ଜନିତ ଆର୍ଥିକ ମାନ୍ଦାବସ୍ଥାରୁ ଗ୍ରାମାଞ୍ଚଳ ଲୋକମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଅର୍ଥନୈତିକ କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ବିଭିନ୍ନ ଜୀବିକା ପ୍ରକଳ୍ପକୁ ଅଧିକ ପାଣ୍ଠି ଯୋଗାଇବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବୁଧବାର ଭିଡିଓ କନଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ କୋଭିଡ୍ ପରିଚାଳନା ସମୀକ୍ଷା କରିଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍ )ସମେତ ଅନ୍ୟାନ୍ୟ ଜୀବିକା କାର୍ଯ୍ୟକ୍ରମ ଜରିଆରେ ଯେପରି ଗାଁ ଲୋକମାନେ ଅଧିକରୁ ଅଧିକ ରୋଜଗାର ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୃଷି, ମତ୍ସ୍ୟଚାଷ, ଉଦ୍ୟାନକୃଷି, ଜଙ୍ଗଲ, ମୃତ୍ତିକା ସଂରକ୍ଷଣ ପାଇଁ ସେ ଘୋଷଣା କରାଯାଇଥିବା ପ୍ୟାକେଜକୁ ଠିକ୍‌ଭାବେ କାର୍ଯ୍ୟକାରୀ କରିବାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହା ବ୍ୟତୀତ ଚାଷୀ, ମିଶନ ଶକ୍ତି, ଏମ୍‌ଏସ୍‌ଏମ୍‌ଇ ଓ ବୁଣାକାରମାନଙ୍କୁ ଅଧିକ ଋଣ ସହାୟତା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୋଲିସ ମହାନିର୍ଦ୍ଦେଶକ ଏବଂ କଟକ-ଭୁବନେଶ୍ୱର ପୋଲିସ କମିଶନର କୋଭିଡ୍ ନିୟମ କଡାକଡି ପାଳନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ରାଜ୍ୟରେ କୋଭିଡ୍-୧୯ ମୃତ୍ୟୁ ହାର କମ୍ ଥିବା ସୂଚନା ଦେଇଥିଲେ।



ନବୀନ ପଟ୍ଟନାୟକ

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାରେ କେନ୍ଦ୍ରୀୟ ...

କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏବଂ ଅନ୍ୟାନ୍ୟ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସହ ବନ୍ୟା ସ୍ଥିତି ଓ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି । ଆଲୋଚନା ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଆକଳନ କରାଯାଇଥିବା କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରାଯିବ । ସେହି ଦିନ ସନ୍ଧ୍ୟାରେ କେନ୍ଦ୍ରୀୟ ଟିମ୍ ନୂଆଦିଲ୍ଲୀ ଫେରିଯିବେ ବୋଲି ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଯୋଗ୍ୟ, ଚଳିତ ବନ୍ୟା ଯୋଗୁ ରାଜ୍ୟରେ ୧୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ ହଜାର ୩୮୨ ଘର ଭାଙ୍ଗିଛି । ସେହିପରି ୧ଲକ୍ଷ ୬୮ ହଜାର ୯୦୪ ହେକ୍ଟର ଜମିରେ ପାଣିମାଡି ଯାଇଛି। ରାଜ୍ୟର ୨୦ଜିଲା ପ୍ରଭାବିତ ହୋଇଛି। ସେହି ଜିଲାଗୁଡିକ ହେଲା ଅନୁଗୋଳ, ବାଲେଶ୍ୱର, ବରଗଡ, ଭଦ୍ରକ, ବୌଦ୍ଧ, କଟକ, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡା, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ନୟାଗଡ, ନୂଆପଡା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ଼। ଏହି ସବୁ ଜିଲାର ୧୧୨ଟି ବ୍ଲକର ୮୯୬ ପଞ୍ଚାୟତର ୩୨୫୬ ଗ୍ରାମ ପ୍ରଭାବିତ ହୋଇଛି। ସେହିପରି ୨୧ ସହରର ୭୫ଟି ୱାର୍ଡରେ ବନ୍ୟାଜଳ ପ୍ରବେଶ କରିଛି। ବନ୍ୟା ଯୋଗୁ ୧୪ ଲକ୍ଷ ୩୨ ହଜାର ୭୦୧ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ୩୪୦ ଗ୍ରାମର ୨ ଲକ୍ଷ ୬୫ ହଜାର ୭୨୩ ଜଣ ଲୋକ ପାଣିଘେରରେ ରହିଥିଲେ। ୫ଟି ଜିଲାରେ ୩୨ଟି ଘାଇ ହୋଇଥିବା ବେଳେ ୧୧ଟି ଜିଲାରେ ୧୦୭ଟି ରାସ୍ତା ନଷ୍ଟ ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଅଗଷ୍ଟ ୩୧ ତାରିଖରେ ଜିଲାପାଳମାନେ ପ୍ରାଥମିକ ରିପୋର୍ଟ ପ୍ରଦାନ କରିଥିଲେ। ତେବେ ବୃତ୍ତାନ୍ତ କ୍ଷୟକ୍ଷତି ଆକଳନ କରି ସେପ୍ଟେମ୍ବର ୪ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ସରକାର ପୁନର୍ବାର ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଠାରୁ କ୍ଷୟକ୍ଷତି ରିପୋର୍ଟ ମିଳିସାରିଛି। ସେହି ରିପୋର୍ଟକୁ କେନ୍ଦ୍ରୀୟ ଟିମ୍‌କୁ ପ୍ରଦାନ କରାଯିବ ବୋଲି ଏସ୍‌ଆର୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ତେବେ କେତେ ପରିମାଣ କ୍ଷୟକ୍ଷତି ଆକଳନ ହୋଇଛି ସେ ନେଇ ୧୭ ତାରିଖ ବୈଠକ ଶେଷରେ ଜଣାଇ ଦିଆଯିବ ବୋଲି ସେ କହିଛନ୍ତି।

### ୨୦ରେ ଲଘୁଚାପ...

ସେମାନେ ୨୦ ତାରିଖ ପୂର୍ବରୁ ଫେରିଆସିବାକୁ କୁହାଯାଇଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଦକ୍ଷିଣ ଚାଇନା ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ତାହା ବୁଲିକରି ବାଂଲାଦେଶ ଉପରକୁ ଆସିବ। ଏହା ପରେ ଲଘୁଚାପ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଉପର ଦେଇ ଯିବ। ଏହାର ପ୍ରଭାବରେ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୧ ତାରିଖରେ ଲଘୁଚାପ ଝାଡ଼ଖଣ୍ଡ ଉପରେ ଘନୀଭୂତ ହୋଇ ଅବପାତ(ଡିପ୍ରେଶନ)ରେ ପରିଣତ ହେବ। ଲଘୁଚାପ ପ୍ରଭାବରେ ବିଶେଷ କରି ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଢେଙ୍କାନାଳ, ଅନୁଗୋଳ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ସୋନପୁର, ବଲାଙ୍ଗୀର, ବୌଦ୍ଧ, ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୧ ତାରିଖ ରାତିରୁ ଉତ୍ତର ଓଡ଼ିଶାରେ ବର୍ଷା ଆରମ୍ଭ ହେବ। ଉପକୂଳ ଜିଲା କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ପୁରୀ ଆଦି ଜିଲାରେ ମଧ୍ୟ ବର୍ଷା ହେବ। ୨୪ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଲାଗି ରହିବ ବୋଲି ସୂଚନା ଦିଆଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

### ରୁଷିଆ ଦେବ ୧୦ ...

ଅଦ୍ୟାବଧି ଭାରତ ସମେତ ବ୍ରାଜିଲ, ମେକ୍ସିକୋ ଓ କାଜାଖସ୍ତାନ ମଧ୍ୟ ଏହି ଟିକା ଆଣିବା ପାଇଁ ରୁଷିଆ ସହ ଚୁକ୍ତି ସ୍ୱାକ୍ଷର କରିସାରିଛନ୍ତି। ହାଇଦ୍ରାବାଦଭିତ୍ତିକ ଫାର୍ମାସ୍ୟୁଟିକାଲ୍ କମ୍ପାନୀ ଡକ୍ଟର ରେଡ୍ଡୀ ସହିତ ସହଭାଗିତାରେ ଭାରତରେ ସ୍ପୁଟ୍‌ନିକ ଭି ଟିକାର କ୍ଲିନିକାଲ ଟ୍ରାଏଲ୍ ଓ ବିତରଣ ପାଇଁ ବୁଝାମଣା ହୋଇଛି। ଭାରତର ଅନୁମୋଦନ ପରେ ଏହା ଡକ୍ଟର ରେଡ୍ଡୀ କମ୍ପାନୀକୁ ପଠାଯିବ ବୋଲି ରୁଷୀୟ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ପାଣ୍ଠି (ଆରଡିଆଇଏଫ୍) ପକ୍ଷରୁ ଏହାର ୱେବ୍‌ସାଇଟ୍‌ରେ ଜାରି ଏକ ବିବୃତିରେ କୁହାଯାଇଛି। ରୁଷିଆରେ ଏହି ଟିକାର ତୃତୀୟ ପର୍ଯ୍ୟାୟ ଟ୍ରାଏଲ୍ ଚାଲିଥିବାବେଳେ ୨୦୨୦ ଶେଷ ସୁଦ୍ଧା ଏହାର ଡେଲିଭରି ଆରମ୍ଭ ହେବ।

### ଅପରାଧ ପୃଷ୍ଠଭୂମିର ...

ପର୍ଯ୍ୟାୟରେ ଆପରାଧିକ ପୃଷ୍ଠଭୂମି ସମ୍ପର୍କରେ ତଥ୍ୟ ଦେବେ। ଦ୍ୱିତୀୟ ପର୍ଯ୍ୟାୟରେ ନାମାଙ୍କନପତ୍ର ପ୍ରତ୍ୟାହାରର ପଞ୍ଚମରୁ ଅଷ୍ଟମ ଦିନ ମଧ୍ୟରେ ଏବଂ ତୃତୀୟ ପର୍ଯ୍ୟାୟରେ ନାମାଙ୍କନପତ୍ର ପ୍ରତ୍ୟାହାରର ନବମ ଦିନଠାରୁ ନିର୍ବାଚନ ପ୍ରଚାରର ଶେଷଦିନ ମଧ୍ୟରେ ଅର୍ଥାତ୍ ଭୋଟ ଗ୍ରହଣର ଦୁଇଦିନ ପୂର୍ବରୁ ଏହା କରାଯିବା ବାଧ୍ୟତାମୂଳକ। ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କ କ୍ଷେତ୍ରରେ ମଧ୍ୟ ଏହା ଲାଗୁହେବ ବୋଲି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ରହିଛି।


## classifieds Everyday
0674-2580101, 2549302

**real estate**

### SALE

**Bhubaneswar Simplex, Duplex at Nakhara & Raghunathpur. Ready to move Flat 2/3 BHK at Patia, 9438166120.** D-69164

Urgent sale of land 15000sqft near Xavier University, Bhubaneswar, Rs. 2300 per sqft. Whatsapp the owner 9437513333. D-18239

Bhubaneswar ସୁନ୍ଦରପଦାରେ ପ୍ଲଟ୍ କିଣି ଆଜି ଘର କରନ୍ତୁ। sqft. 950/-, 9938016295. D-69163

### GENERAL
### SALE

**1. Fully furnished flat No. B-506, 5th floor Gymkhana Palm Height near Sum Hospital, Bhubaneswar front south facing flat.**
**2. Verna Vehicle (vehicle No. OD02AX7761) Registered on 31.08.2018.**
**3. Bolero Pickup (vehicle No. OR02BZ9485) registered on 28.08.2012.**
**4. Micra Vehicle (vehicle No. OR02BV1467) registered on 21.01.2012. Contact No: 9873669329, 9437028801.** D-18256

**healthcare**

Monalisa massage club : All types body massage with hiprofile smart lady rooms service available 9708545108. D-18240

Swarna SPA newly open positively health benefits with expert therapist. 7873794731. D-69747

Rejuvenate and Ayurvedic full body massage by smart therapist. 9348123330. D-69750

Get refreshment body massage by expert therapist contact for. 9556978408. D-69746

Herbal full body massage smart Lady Therapist - 9437453813. D-69917

Herbal full body massage by smart / expert therapist. Contact: 8338067247. D-69745

Newly open spa centre smart therapist body massage,Bamikhal, 7205187702. D-59960

Newly open spa centre smart therapist body massage, Rasulgarh: 7846814019. D-59959

Refresh your mind and soul with best therapy at Orchid Salon/ Spa, 9937287222. D-69541

Newly open full body massage SPA in Bhubaneswar. Contact: 7205058838. D-69749

Get good massage for your health the best therapy SPA station. 7655024727, 8118079281. D-69542

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜି କର୍ମାଧିପ ଶନି ଓ ମନକାରକ ଚନ୍ଦ୍ର ଷଡ଼ାଷ୍ଟକ ସ୍ଥିତିରେ ଥିବାରୁ ନୂତନ କର୍ମାରମ୍ଭ ସକାଶେ ଅନୁକୂଳ ବାତାବରଣ ଆସି ନ ପାରେ। ଅଧିକନ୍ତୁ ମତାନ୍ତର କିମ୍ବା ମନାନ୍ତର ଜନିତ ମାନସିକ ଅଶାନ୍ତିର ଆଶଙ୍କା ମଧ୍ୟ ରହିଛି। ତଥାପି ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ ।

**ବୃଷ** - ଚନ୍ଦ୍ର ଓ ବୁଧ ଦ୍ୱିଦ୍ୱାଦଶ ହେତୁ ପର କଥାକୁ ସତ ମନେକରି ଘରୋଇକଳହକୁ ନେଇ ଅଶାନ୍ତି ଲାଗିରହିବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିରେ ପ୍ରତିବନ୍ଧକ ରହିବନାହିଁ। ଆଜିର ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। କିନ୍ତୁ ଆର୍ଥିକ ଅନଟନ ନେଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ** - କର୍ମସ୍ଥାନ ଶନିଦୃଷ୍ଟ ଯୋଗୁ କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ନେଇ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ କିନ୍ତୁ ଆପଣ ହୁଏ ତ ତାହାକୁ ଅସ୍ୱୀକାର କରିଦେଇପାରନ୍ତି। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**କର୍କଟ** - ଆଜିର ରବି ସହ ବୁଧ ସଂଯୋଗ ପ୍ରଭାବରେ ଯେକୌଣସି କାମ କରନ୍ତୁନା କାହିଁକି,ବିଶେଷ ଭାବେ ଖର୍ଚ୍ଚ କରିବାକୁ ପଡ଼ିପାରେ । କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବରେ ରହିପାରିବେ ନାହିଁ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ସିଂହ** - ନୀଚାରୋହୀ ରବିଙ୍କ ପ୍ରଭାବରେ ପରୋକ୍ଷ ଶତ୍ରୁତା କାରଣରୁ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଅବଶ୍ୟ ପାଖ ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** - କର୍ମଭାବରେ ରାହୁଙ୍କ ଉପସ୍ଥିତିରୁ ସବୁ ସୁବିଧା ଥିଲେ ମଧ୍ୟ କୌଣସି କାମ ସହଜରେ ସମ୍ପନ୍ନ ହୋଇପାରିବ ନାହିଁ। ଗଠନମୂଳକ କିମ୍ବା ସାମୂହିକ କାମରେ ଅଥବା ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ଅପରାହ୍ନେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି ।

**ତୁଳା** - ପାପଯୁକ୍ତ ବୃହସ୍ପତି ହେତୁ ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ସତର୍କତା ଅଭାବରୁ ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା** - ଶନି ଓ ମଙ୍ଗଳଙ୍କ କେନ୍ଦ୍ରାଧିଷ୍ଠାନ ପ୍ରଭାବରେ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପରିବାରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ନେବେ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ ।

**ଧନୁ** - ବୁଧାଦିତ୍ୟ ଯୋଗ ପ୍ରଭାବରୁ ସମସ୍ୟା ଯଦିଓ ଆସିବ ତଥାପି ବେଶି ସମୟ ତିଷ୍ଠି ରହିବ ନାହିଁ। ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି । ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ସାମୟିକ ଶାରୀରିକ ସୁସ୍ଥତା ଫେରିପାଇବେ।

**ମକର** - ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ପରିବାରରେ ସ୍ତ୍ରୀଙ୍କ ସହ ଭୁଲ ବୁଝାମଣା ସୃଷ୍ଟି ହୋଇପାରେ। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇଯିବ। ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** - ଅଭାବବୋଧ ଲାଗିରହିବା କାରଣରୁ ବ୍ୟସ୍ତତା ବଢ଼ି ବଢ଼ି ଯିବ। ସାମାଜିକ ସ୍ତରରେ ପ୍ରତିଷ୍ଠା ସାଙ୍ଗକୁ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ । ପ୍ରକାଶନ, ପ୍ରଶାସନ ଓ ପରିବହନରେ ସମସ୍ୟାର ସମାଧାନର ରାସ୍ତା ଖୋଲିଯିବ।

**ମୀନ** - ଆଜି ଆପଣ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ। ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବା ନିଶ୍ଚିତ।

ଆଜି ସର୍ବପିତୃ ଅମାବାସ୍ୟା,ଗୁରୁବାର,ମହାଳୟା ଶ୍ରାଦ୍ଧ,ଚାତୁର୍ମାସ୍ୟା ଗୁରୁବାର ବ୍ରତ, ସେପ୍ଟେମ୍ବର ୧୭ ତାରିଖ,ରାଶିନକ୍ଷତ୍ର-ଦିବା ଘ.୦୯।୪୭ ଗତେ ଉତ୍ତରାଫାଲ୍‌ଗୁନୀ/ସିଂହ, ସକାଳ ଘ.୦୫।୩୮ ଗତେ ଘ.୦୭।୧୪ ମଧ୍ୟେ, ଘ.୦୧।୪୧ ଗତେ ଘ.୦୩।୧୮ ମଧ୍ୟେ, ସନ୍ଧ୍ୟା ଘ.୦୬।୩୧ ଗତେ ଘ.୦୯।୪୧ ମଧ୍ୟେ, ରାତ୍ରି ଘ.୧୨।୦୪ ଗତେ ଘ.୦୩।୧୫ ମଧ୍ୟେ, ଘ.୦୪।୦୨ ଗତେ ଘ.୦୫।୩୮ ମଧ୍ୟେ ଅମୃତବେଳା। ଦିବା ଘ.୦୧।୧୧ ଗତେ ଘ.୦୨।୪୨ ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୯,୮୨୨,୩୧୬ | ୯,୪୧,୦୧୦ | ୨୧,୬୧୫,୧୩୮ |
| ଭାରତ | ୫୦,୬୦,୮୧୮ | ୮୨,୫୦୪ | ୩୯,୭୬,୪୧୩ |
| ଓଡ଼ିଶା | ୧,୬୨,୯୨୦ | ୬୫୬(+୫୩) | ୧,୨୯,୮୫୯ |

ବୁଧବାର ରାତି ୯ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ବୌଦ୍ଧ ବିଧାୟକ ପ୍ରଦୀପ ଅମାତଙ୍କୁ କରୋନା



ପ୍ରଦୀପ କୁମାର ଅମାତ

**ବୌଦ୍ଧ,୧୬।୯(ସ୍ୱ.ପ୍ର.):** ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ମଙ୍ଗଳବାର ଅମାତଙ୍କ ରିପୋର୍ଟ ପଜିଟିଭ ଆସିଥିବା ବେଳେ ସେ ଘରେ ସଙ୍ଗରୋଧରେ ରହିଥିଲେ। ବୁଧବାର ସକାଳୁ ବୌଦ୍ଧରୁ ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସେ ସେଠାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

### ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ିଙ୍କୁ କରୋନା



ଆଦିତ୍ୟ ମାଢ଼ି

**ମାଲକାନଗିରି, ୧୬।୯(ଡି.ଏନ୍.ଏ.):** ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି କରୋନା ପଜିଟିଭ୍ ହୋଇଥିବା ସୂଚନା ମିଳିଛି। ତାଙ୍କଠାରେ କରୋନା ଲକ୍ଷଣ ଦେଖାଦେବାରୁ ସେ ପରୀକ୍ଷା କରାଯାଇଥିଲେ। ମାଲକାନଗିରିରେ କରାଇଥିବା ରାପିଡ୍ ଆଣ୍ଟିଜେନ ପରୀକ୍ଷାରେ ନେଗେଟିଭ ଆସିଥିଲା। କିନ୍ତୁ ଆର୍‌ଟିପିସିଆର୍ ପାଇଁ ତାଙ୍କ ସ୍ୱାବ ନମୁନା ଭୁବନେଶ୍ୱର ପଠାଯାଇଥିଲା। ଉକ୍ତ ରିପୋର୍ଟ ପଜିଟିଭ ଆସିଥିଲା। ତାଙ୍କୁ ମାଲକାନଗିରି କୋଭିଡ୍ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ତାଙ୍କୁ ଭୁବନେଶ୍ୱର କିମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ବେଡ୍ ଅଭାବରୁ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଛି। ବିଧାୟକଙ୍କ କରୋନା ପଜିଟିଭ ଆସିବା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ୪ ଭାଜପା ନେତା ଓ କର୍ମୀ କୋଭିଡ୍ ଟେଷ୍ଟ କରାଇଛନ୍ତି।

### ୨୫ରେ ସର୍କଲ ସ୍ତରୀୟ ଡାକ ଅଦାଲତ

**ଭୁବନେଶ୍ୱର,୧୬।୯ (ବ୍ୟୁରୋ):** ଆସନ୍ତା ୨୫ ତାରିଖରେ ବସିବାକୁ ଯାଉଛି ୧୧୮ତମ ସର୍କଲ ସ୍ତରୀୟ ଡାକ ଅଦାଲତ। ପୂର୍ବାହ୍ନ ୧୧ଟାରେ ପ୍ରଧାନ ଡାକପାଳଙ୍କ କାର୍ଯ୍ୟାଳୟରେ ଏହି ଅଦାଲତ ଅନୁଷ୍ଠିତ ହେବ। ଡିଭିଜନ ସ୍ତରୀୟ ଡାକ ଅଦାଲତରେ ସମାଧାନ ହୋଇପାରି ନ ଥିବା ଅଭିଯୋଗଗୁଡିକ ସର୍କଲ ସ୍ତରୀୟ ଅଦାଲତରେ ଉପସ୍ଥାପିତ ହେବ। ଏଥିପାଇଁ ଡାକ ଘର ରସିଦ, ଅଭିଯୋଗ ବିବରଣୀ ଓ ଅଭିଯୋଗକାରୀଙ୍କ ସମ୍ପୂର୍ଣ୍ଣ ଡାକ ଠିକଣା ଆବଶ୍ୟକ। ଏହା ଡିଭିଜନ ଡାକ ଘର, ସହାୟକ ଡାକପାଳ ଏବଂ ମୁଖ୍ୟ ଡାକପାଳଙ୍କ କାର୍ଯ୍ୟାଳୟରେ ୨୨ ତାରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ଡାକଘର ସ୍ଥାପନା, ନୂତନ ପଦ ସୃଷ୍ଟି ଓ ଡାକ ଘର ଭଡା ସମ୍ପର୍କିତ ମାମଲାଗୁଡିକ ଏହି ଅଦାଲତର ପରିସର ଭୁକ୍ତ ନୁହେଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ବରିଷ୍ଠ ସେବାୟତଙ୍କ ପରଲୋକ

**ପୁରୀ ଅଫିସ,୧୬।୯:** ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ରବୀନ୍ଦ୍ରନାଥ ପ୍ରତିହାରୀଙ୍କର ୭୯ ବର୍ଷ ବୟସରେ ବୁଧବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ମହାସଚିବ ଥିବା ସ୍ୱର୍ଗତ ପ୍ରତିହାରୀ ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ଏବଂ ପ୍ରତିହାରୀ ନିଯୋଗର ଏକାଧିକ ଥର ପଦପଦବୀରେ ରହିଥିଲେ। ଏଥିସହ ଆରଏସ୍ଏସ୍‌ର ଜଣେ ଦକ୍ଷ ସଂଗଠକ ଭାବେ ଜଣାଶୁଣା ପ୍ରତିହାରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନେକ ଲୀଳାକ୍ଷେତ୍ରକୁ ଯାଇ ଗବେଷଣା କରିଥିଲେ। ଶ୍ରୀଜଗନ୍ନାଥଙ୍କ ପ୍ରଚାର ପ୍ରସାର ଏବଂ ପଞ୍ଚରାତ୍ର କାର୍ଯ୍ୟକ୍ରମରେ ତାଙ୍କ ବଡ଼ ଯୋଗଦାନ ରହିଥିଲା।

# ଦିନକରେ ସର୍ବାଧିକ

## ୪,୨୭୦ ଆକ୍ରାନ୍ତ, ୪,୧୨୧ ସୁସ୍ଥ


**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

- ଆଉ ୧୧ ଜୀବନ ନେଲା କରୋନା
- ସଂକ୍ରମଣରେ ଖୋର୍ଦ୍ଧା, ମୃତ୍ୟୁରେ ଗଞ୍ଜାମ ଆଗରେ

ରାଜ୍ୟରେ କରୋନା ସ୍ଥିତି ଉଦ୍‌ବେଗଜନ ରହିଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ୁଥିଲେ ମଧ୍ୟ ଆରୋଗ୍ୟ ହାର ଆଶ୍ୱସ୍ତି ଦେଉଛି। ଗୋଟିଏ ଦିନରେ ଦୁଇଟି ନୂଆ ରେକର୍ଡ ସୃଷ୍ଟି ହୋଇଛି। ଶେଷ ୨୪ ଘଣ୍ଟାରେ ସର୍ବାଧିକ ୪,୨୭୦ ସଂକ୍ରମିତ ହୋଇଥିବାବେଳେ ସର୍ବାଧିକ ୪,୧୨୧ ଆକ୍ରାନ୍ତ ମଧ୍ୟ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧,୬୨,୯୨୦ରେ ପହଞ୍ଚିଛି ଓ ୧,୨୯,୮୫୯ଜଣ କରୋନାରୁ ମୁକ୍ତ ହୋଇଛନ୍ତି।

ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୮୭୬ଜଣ ରହିଛନ୍ତି। ସେହିପରି କଟକରେ ୩୭୪ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ପୁରୀ ୨୮୭, ଜଗତ୍‌ସିଂହପୁର ୧୮୮, ବରଗଡ଼ ୧୮୩, ଯାଜପୁର ୧୬୨, ବାଲେଶ୍ୱର ୧୫୦, ଅନୁଗୋଳ ୧୪୭, ମୟୂରଭଞ୍ଜ ୧୩୧, ଝାରସୁଗୁଡ଼ା ୧୨୧, ନୂଆପଡ଼ା ୧୧୯ ଓ ସମ୍ବଲପୁରରୁ ୧୧୪ ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ଶହେଠାରୁ କମ୍ ରହିଥିବାବେଳେ ଦେବଗଡ଼ରେ ସର୍ବନିମ୍ନ ୧୮ଜଣ ପଜିଟିଭ୍ ବାହାରିଛନ୍ତି। ଏମାନଙ୍କ ମଧ୍ୟରୁ ୨,୪୭୮ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୧,୭୯୨ଜଣ ସ୍ଥାନୀୟ ଆକ୍ରାନ୍ତ ବୋଲି ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

ସେପଟେ ରାଜ୍ୟରେ ଆଉ ୧୧ଜଣଙ୍କର କରୋନାରେ ଜୀବନ ଯାଇଛି। ସମ୍ବଲପୁର ଓ ପୁରୀରୁ ୩ଜଣ ଲେଖାଏ ମରିଥିବାବେଳେ ଖୋର୍ଦ୍ଧାରୁ ୨, କଳାହାଣ୍ଡି, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ଏବେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୬୫୬କୁ ବୃଦ୍ଧି ପାଇଛି। ତେବେ ଗଞ୍ଜାମ ଜିଲାରେ ସର୍ବାଧିକ ୨୧୫ଜଣଙ୍କ ମୃତ୍ୟୁ ହୋଇଛି। ୯୬ ମୃତକଙ୍କ ସହ ଖୋର୍ଦ୍ଧା ଜିଲା ଦ୍ୱିତୀୟରେ ରହିଥିବାବେଳେ ତୃତୀୟ ସ୍ଥାନରେ ରହିଥିବା କଟକରେ ୫୪ଜଣଙ୍କ ମୃତ୍ୟୁ ଘଟିଛି।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ଶୁଭେଚ୍ଛା ଜଣାଇ ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ ନିର୍ଦ୍ଦେଶ

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

**ଓଏମ୍‌ବିଏଡିସି ପ୍ରକଳ୍ପ ସମୀକ୍ଷା**

- ଅଗଷ୍ଟ ସୁଦ୍ଧା ୯୫ ପ୍ରତିଶତ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି
- ମେଗା କୃଷି ଉଦ୍ୟାନ ନର୍ସରି ସ୍ଥାପନ କରିବାକୁ କୃଷି ବିଭାଗକୁ ନିର୍ଦ୍ଦେଶ

ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍‌ବିଏଡିସି) ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଡିଜିଟାଲ ମୋଡରେ ଓଏମ୍‌ବିଏଡିସି ବୋର୍ଡ ଅଫ ଡାଇରେକ୍ଟୋର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଓଏମ୍‌ବିଏଡିସିର ଫେଜ-୧ ଓ ଫେଜ-୨ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଥିଲା। ଓଏମ୍‌ବିଏଡିସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଉମା ନନ୍ଦୁରୀ ବୈଠକରେ ଏ ନେଇ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଫେଜ-୧ ଓ ଫେଜ-୨ରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଜୀବନ ଜୀବିକା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ଜିଲାସ୍ତରରେ ଥିବା ଓଏମ୍‌ବିଏଡିସି ସେଲ୍‌ଗୁଡ଼ିକୁ ସୁଦୃଢ଼ କରିବାକୁ ନିଗମକୁ ପରାମର୍ଶ ଦିଆଯାଇଛି। ପ୍ରକଳ୍ପଗୁଡ଼ିକର ପ୍ରଶାସନିକ ଅନୁମୋଦନ ବିଳମ୍ବ ନ କରିବାକୁ ବିଭିନ୍ନ ବିଭାଗର ସଚିବମାନଙ୍କୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। କୃଷି ଜଳବାୟୁକୁ ଦେଖି ବିଭିନ୍ନ ପ୍ରକାର ଚାରା ସଂଗ୍ରହ କରିବାକୁ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ପରାମର୍ଶ ଦେଇଛନ୍ତି। ବଡ ବଡ ଚାରା ଯୋଗାଇ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଫେଜ-୧ରେ ୯୫ ପ୍ରତିଶତ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ଏହି ବୈଠକରେ ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରମୁଖ ଯୋଗ ଦେଇଥିଲେ।

# ରୋଗୀ ମୃତ୍ୟୁ ମାମଲାରେ କାର୍ଯ୍ୟାନୁଷ୍ଠାନ

**ଢେଙ୍କାନାଳ ଅଫିସ,୧୬।୯**

- ଅସ୍ଥାୟୀ ଫାର୍ମାସିଷ୍ଟଙ୍କୁ ଦାୟିତ୍ୱରୁ ହଟାଗଲା
- ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ନ ପାଇ ଜଣେ ୫୫ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଜିଲା ପ୍ରଶାସନ। କରୋନା ପରୀକ୍ଷା କରିବା ଦାୟିତ୍ୱରେ ଥିବା ଅସ୍ଥାୟୀ ଫାର୍ମାସିଷ୍ଟ ଶୁଭସ୍ମିତା ସାହୁଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଛି। ଏଥିସହ ଘଟଣା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ଜଣେ ଆୟୁଷ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ଆୟୁଷ ନିର୍ଦ୍ଦେଶକଙ୍କୁ ସୁପାରିସ କରାଯାଇଥିବା ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଘଟଣାର ବିଧିବଦ୍ଧ ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି। ଉକ୍ତ କମିଟି ତଦନ୍ତ ରିପୋର୍ଟ ପ୍ରଦାନ କରିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ସୋମବାର ସମ୍ପୃକ୍ତ ବ୍ୟକ୍ତି ସ୍ତ୍ରୀ ଏବଂ ଅନ୍ୟଜଣେ ସମ୍ପର୍କୀୟଙ୍କ ସହ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ କରୋନା ପରୀକ୍ଷା କରାଇବାକୁ ଆସିଥିଲେ। ସ୍ତ୍ରୀ ଏବଂ ସମ୍ପର୍କୀୟଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲା। ତେବେ କରୋନା ପଜିଟିଭ୍ ରିପୋର୍ଟ ଆସିବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ଡାକ୍ତରଖାନାର କୌଣସି କର୍ମଚାରୀ ସହାୟତା ପାଇଁ ହାତ ବଢ଼ାଇ ନ ଥିଲେ। ଫଳରେ ସ୍ତ୍ରୀଙ୍କ ସମ୍ମୁଖରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## ୮ଦିନର ଯାଆଁଳା ଶିଶୁ କରୋନା ଆକ୍ରାନ୍ତ

### ଜନ୍ମ ଦେଇ ଆଖି ବୁଜିଥିଲେ ମା’

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

ରାଜ୍ୟରେ କରୋନା ମହାମାରୀ ଭୟଙ୍କର ହେଉଥିବାବେଳେ ଏବେ ଏକ ଛାତି ଥରାଇଲା ଭଳି ଘଟଣା ସାମ୍ନାକୁ ଆସିଛି। ମାତ୍ର ୮ଦିନର ଯାଆଁଳା ଶିଶୁ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର କିମ୍ସ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ଏମାନଙ୍କୁ ଜନ୍ମ ଦେଇଥିବା ମା’ କିନ୍ତୁ ପାଖରେ ନାହାନ୍ତି। କରୋନା ସେମାନଙ୍କଠାରୁ ମା’ କୋଳ ଛଡ଼ାଇ ନେଇଛି। ଜନ୍ମ ଦେବାର ଦୁଇଦିନ ପରେ ଆକ୍ରାନ୍ତ ମା’ ଆଖି ବୁଜିଛନ୍ତି। ଏବେ ଦୁଇ ଶିଶୁ କରୋନା ସହ ଲଢ଼େଇ କରୁଥିବାବେଳେ ସେମାନଙ୍କୁ ଦେଖି ଚିକିତ୍ସା ଓ ଯତ୍ନ ନେଉଥିବା ଡାକ୍ତର, ନର୍ସଙ୍କ ହୃଦୟ ତରଳି ଯାଉଛି।

ସୂଚନାଯୋଗ୍ୟ, ଦୁଇ ଯାଆଁଳା ଶିଶୁଙ୍କ ଘର ଝାରସୁଗୁଡ଼ା ଜିଲାରେ। ସେଠାରେ ପ୍ରଥମେ ଗର୍ଭବତୀ ମା’ଙ୍କ କୋଭିଡ୍ ଟେଷ୍ଟ କରାଯାଇଥିଲା ଓ ରିପୋର୍ଟ ନେଗେଟିଭ୍ ଆସିଥିଲା। ଏହାପରେ ଗତ ୭ ତାରିଖରେ ତାଙ୍କୁ ସମ୍ବଲପୁର ଅଣାଯାଇଥିଲା ଏବଂ ସେଠାରେ କରୋନା ପରୀକ୍ଷାବେଳେ ରିପୋର୍ଟ ପଜିଟିଭ୍ ଆସିଥିଲା। ମା’ ପଜିଟିଭି ଥିବାରୁ ଓ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିବାରୁ ୭ ମାସରେ ହିଁ ଡେଲିଭରି କରାଯାଇଥିଲା। ସେ ଯାଆଁଳା ଶିଶୁ ଜନ୍ମ ଦେଇଥିଲେ। ଏହାର ଦୁଇଦିନ ପରେ ମା’ଙ୍କର ମୃତ୍ୟୁ ହୋଇଯାଇଥିଲା। କରୋନା ପରୀକ୍ଷା ପରେ ଉଭୟ ଶିଶୁ ମଧ୍ୟ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ଏହାପରେ ଉଭୟ ଶିଶୁଙ୍କୁ କିମ୍ସ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ଆଜିଠାରୁ ଆଇଜିଏନ୍ଓୟୁ ପରୀକ୍ଷା

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଓପନ୍ ୟୁନିଭର୍ସିଟି (ଆଇଜିଏନ୍ଓୟୁ)ର ସ୍ନାତକୋତ୍ତର, ସ୍ନାତକ, ଡିପ୍ଲୋମା ଏବଂ ସାର୍ଟିଫିକେଟ୍ ପ୍ରୋଗ୍ରାମ୍‌ର ଅନ୍ତିମ ବର୍ଷ/ଶେଷ ସେମିଷ୍ଟର ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହେବ। ଏହା ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିଲାଗି ଜେଲ୍ ଅନ୍ତେବାସୀଙ୍କ ଲାଗି ୩ଟିକୁ ମିଶାଇ ମୋଟ ୩୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି। କେବଳ ଆବେଦନ କରିଥିବା ଛାତ୍ରୀଛାତ୍ରମାନେ ହିଁ ଏହି ପରୀକ୍ଷା ଦେଇପାରିବେ। ଏଥିପାଇଁ ସେମାନେ ହଲ୍ ଟିକେଟ୍ ୟୁନିଭର୍ସିଟି ୱେବ୍‌ସାଇଟ୍ www.ignou.ac.inରେ ପାଇପାରିବେ। ଯେଉଁମାନଙ୍କର ହଲ୍ ଟିକେଟ୍ ନାହିଁ, କିନ୍ତୁ ସେମାନଙ୍କର ନାମ ଉକ୍ତ କେନ୍ଦ୍ରର ପରୀକ୍ଷାର୍ଥୀ ତାଲିକାରେ ରହିଛି, ସେମାନଙ୍କୁ ପରୀକ୍ଷା ଦେବାକୁ ଅନୁମତି ପ୍ରଦାନ କରାଯିବ। ଏନେଇ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ, ପରୀକ୍ଷା କେନ୍ଦ୍ରଗୁଡ଼ିକ ସାମାଜିକ ଦୂରତ୍ୱକୁ କଡ଼ାକଡ଼ିଭାବେ ପାଳନ କରିବେ।

# ୨୭ରୁ ବିଧାୟକଙ୍କ କରୋନା ଟେଷ୍ଟ

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

- ବିଏମ୍‌ସି, ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖିଲା ବିଧାନସଭା ସଚିବାଳୟ
- ୬ ମନ୍ତ୍ରୀ, ବହୁ ବିଧାୟକ କରୋନା ପଜିଟିଭ

ସେପ୍ଟେମ୍ବର ୨୯ରେ ବିଧାନସଭା ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହାର ଦୁଇଦିନ ପୂର୍ବରୁ ଅଧିବେଶନରେ ଯୋଗ ଦେଉଥିବା ସମସ୍ତ ବିଧାୟକ ଓ ବିଧାନସଭା କର୍ମଚାରୀମାନଙ୍କର କୋଭିଡ୍-୧୯ ଟେଷ୍ଟ କରାଯିବ। ଅଧିବେଶନର ପଞ୍ଚମ ଦିନ ଅର୍ଥାତ୍ ଅକ୍ଟୋବର ୪ରେ ପୁଣିଥରେ ବିଧାୟକ, ସେମାନଙ୍କର ସୁରକ୍ଷା କର୍ମୀ ଓ ବିଧାନସଭା ସଚିବାଳୟର କର୍ମଚାରୀମାନଙ୍କର ଆର୍‌ଟିପିସିଆର୍ ଟେଷ୍ଟ କରାଯିବ। ଗୃହ ଚାଲୁଥିବା ବେଳେ ଯଦି କୌଣସି ସଦସ୍ୟ ଅସୁସ୍ଥ ଅନୁଭବ କରିବେ ତେବେ ତାଙ୍କର ଆଣ୍ଟିଜେନ୍ ଟେଷ୍ଟ କରାଯିବ। ବିଧାନସଭା ସଚିବାଳୟ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗ ଓ ବିଏମ୍‌ସିକୁ ଆଗୁଆ ବିଧାୟକ, କର୍ମଚାରୀମାନଙ୍କର ତାଲିକା ପ୍ରଦାନ କରାଯିବ। ଏ ନେଇ ବୁଧବାର ବିଧାନସଭା ସଚିବାଳୟ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ଓ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖାଯାଇଛି। ସକାଳ ୭ଟା ୩୦ରୁ ୯ଟା ୩୦ ମଧ୍ୟରେ ଟେଷ୍ଟ କରାଯିବ। ସେପ୍ଟେମ୍ବର ୨୬ରୁ ୨୮ ତାରିଖ ମଧ୍ୟରେ ବିଧାନସଭା ସଚିବାଳୟର ଅଫିସର ଓ କର୍ମଚାରୀ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିରୋଧୀ ଦଳ ନେତା, ସରକାରୀ ଦଳ ମୁଖ୍ୟ ସଚେତକ, ବିରୋଧୀ ଦଳ ମୁଖ୍ୟ ସଚେତକମାନଙ୍କର କର୍ମଚାରୀଙ୍କର ଆରଟି-ପିସିଆର ଟେଷ୍ଟ ହେବ।

ସେହିପରି ୨୭ ତାରିଖରେ ବିଧାୟକ, ସେମାନଙ୍କର ପିଏସ୍ଓ ଏବଂ ସେମାନଙ୍କ ଡ୍ରାଇଭରମାନଙ୍କର ଆର୍‌ଟି-ପିସିଆର୍ ଟେଷ୍ଟ କରାଯିବ। ଲୋକ ସଭା ଢାଞ୍ଚାରେ ବିଧାନସଭା ଡାକିବାକୁ ବାଚସ୍ପତି ନିଷ୍ପତ୍ତି ନେଇଛନ୍ତି। ବିଧାୟକମାନଙ୍କୁ ବିଧାନସଭା ଭିତରକୁ ଯିବା ଲାଗି କୋଭିଡ୍ ନେଗେଟିଭ ଥିବା ସଦସ୍ୟମାନଙ୍କୁ ମାସ୍କ, ହ୍ୟାଣ୍ଡ ସାନିଟାଇଜର, ଗ୍ଲୋଭ୍ସ, ଫେସ୍ ସିଲ୍ ଆଦି ଭର୍ତ୍ତି ଏକ କିଟ୍ ଯୋଗାଇ ଦିଆଯିବ।

ସୂଚନା ଯୋଗ୍ୟ ଯେ, ଏବେ ସୁଦ୍ଧା ୬ ମନ୍ତ୍ରୀଙ୍କୁ କରୋନା ପଜିଟିଭ ହୋଇ ସାରିଲାଣି। ମନ୍ତ୍ରୀମାନଙ୍କ ମଧ୍ୟରେ ଅରୁଣ ସାହୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଟୁକୁନୀ ସାହୁ, ପଦ୍ମିନୀ ଦିଆନ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏବଂ ସୁଶାନ୍ତ ସିଂଙ୍କୁ କରୋନା ହୋଇଛି। ସେହିପରି ବହୁ ବିଧାୟକ ମଧ୍ୟ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ଖଣ୍ଡପଡା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ସିଂ, ଭୁବନେଶ୍ୱର ମଧ୍ୟ ଅନନ୍ତ ନାରାୟଣ ଜେନା, ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ପଟାଙ୍ଗୀ ବିଧାୟକ ପିତମ ପାଢୀ, ଭଦ୍ରକ ବିଧାୟକ ଶିବ ମଲ୍ଲିକ, ବରି ବିଧାୟକ ସୁନନ୍ଦା ଦାସ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ନୀଳଗିରି ବିଧାୟକ ସୁକାନ୍ତ ନାୟକ ପ୍ରମୁଖ କୋଭିଡ୍ ପଜିଟିଭ ହୋଇଛନ୍ତି। ସେହିପରି ବରଗଡ ଏମ୍‌ପି ସୁରେଶ ପୂଜାରୀ, ନବରଙ୍ଗପୁର ଏମ୍‌ପି ରମେଶ ମାଝି ପ୍ରମୁଖ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

## ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ



**କଟକ ଅଫିସ,୧୬।୯**

କଟକ ଶିଖରପୁର ନିକଟରେ ମଧ୍ୟାହ୍ନ ୧୨ଟା ୫ମିନିଟରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା। ବାଲେଶ୍ୱରରୁ ପାରାଦୀପ ଅଭିମୁଖେ ତେଲ ଆଣିବା ପାଇଁ ଯାଉଥିବା ଉକ୍ତ ଟ୍ରେନ୍‌ର ଗୋଟିଏ ବଗି ରେଳଧାରଣାରୁ ବିଚ୍ୟୁତ ହୋଇଥିଲା ବୋଲି ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଟେକ୍ନିକାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମରାମତି କରିବା ପରେ ଅପରାହ୍ନ ପ୍ରାୟ ୨ଟା ୨୫ରେ ଲାଇନ୍ କ୍ଲିୟର କରାଯାଇଥିଲା। ଟ୍ରାକ୍ ନଂ-୧୦ରେ ଏହି ଦୁର୍ଘଟଣା ଘଟିଥିବାରୁ ରେଳ ଚଳାଚଳ ସେବାରେ କୌଣସି ଅସୁବିଧା ହୋଇନାହିଁ ବୋଲି ରେଲୱେ ପକ୍ଷରୁ କୁହାଯାଇଛି।

## ଅଟୋ-ଟ୍ରକ୍ ଧକ୍କା: ୩ ମୃତ, ୯ ଗୁରୁତର



ଦୁର୍ଘଟଣାଗ୍ରସ୍ତ ଅଟୋ

### ମଧ୍ୟାହ୍ନଭୋଜନ ଚାଉଳ ଆଣିବାକୁ ଯିବା ବେଳେ ଦୁର୍ଘଟଣା

**ବାରିପଦା ଅଫିସ/ବାଙ୍ଗିରିପୋଷି, ୧୬।୯(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣି ଘାଟିରେ ବୁଧବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମଧ୍ୟାହ୍ନଭୋଜନ ଚାଉଳ ଆଣିବାକୁ ଯାଉଥିବା ଅଟୋକୁ ପଛପଟୁ ଏକ ଟ୍ରକ ଧକ୍କା ଦେବାରୁ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୯ ଗୁରୁତର ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ୨ ଜଣ ଅଭିଭାବକ ଥିବା ସୂଚନା ମିଳିଛି। ଆହତମାନଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ସଂକ୍ରାନ୍ତରେ ବାଙ୍ଗିରିପୋଷି ପୋଲିସ ଏକ ମାମଲା(ନଂ.୧୩୪/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତକମାନେ ହେଲେ ବିଶୋଇ ଥାନା ଅଧୀନ ଦୁପଟା ଗ୍ରାମର ମାନସ ମାରାଣ୍ଡି (୪୦), ଫାଗୁ ହେମ୍ବ୍ରମ(୧୪) ଓ ମାନ ମାରାଣ୍ଡି(୪୫)।

ସୂଚନା ଅନୁଯାୟୀ, ମଧ୍ୟାହ୍ନଭୋଜନ ଚାଉଳ ଆଣିବାକୁ ବିଶୋଇ ଥାନା ଅନ୍ତର୍ଗତ ଦୁପଟା ଗ୍ରାମରୁ ଶୁଳିଆପଦା ନିକଟସ୍ଥ ବଣକାଟୀରେ ଥିବା ଆଶ୍ରମ ସ୍କୁଲ ଅଭିମୁଖେ ଏକ ଅଟୋ(ଓଡି୧୧କ୍ୟୁ-୩୧୬୫)ରେ ଚାଳକଙ୍କ ସମେତ ୧୨ ଜଣ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ମହିଳା, ୩ ପୁରୁଷ ଓ ୫ ଜଣ ପିଲା ଥିଲେ। ଅଟୋଟି ଘାଟିରୁ ତଳକୁ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ମାଲ୍ ବୋଝେଇ ଟ୍ରକ୍ (ଡବ୍ଲୁବି୨୩ଇ-୦୭୩୫) ପଛପଟୁ ଧକ୍କା ଦେବା ସହ ଅଟୋକୁ ଘୋଷାଡ଼ି ନେଇ ରାସ୍ତା ପାର୍ଶ୍ୱରେ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଅଭିଭାବକ ମାନସ ମାରାଣ୍ଡି ଓ ଛାତ୍ର ଫାଗୁ ହେମ୍ବ୍ରମଙ୍କ ମୃତ୍ୟୁ ଘଟିଥିଲା। ଦମକଳବାହିନୀ ପହଞ୍ଚି ଆହତମାନଙ୍କୁ ପ୍ରଥମେ ବାଙ୍ଗିରିପୋଷି ଡାକ୍ତରଖାନା ଓ ପରେ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମାନ ମାରାଣ୍ଡିଙ୍କ ମୃତ୍ୟୁ ଘଟିଥିଲା। ଆହତମାନେ ହେଲେ ଯମୁନା ହେମ୍ବ୍ରମ (୩୫), ଚମ୍ପା ହାଁସଦା (୪୦), ସିଙ୍ଗରାୟ ସୋରେନ (୩୫), ସିଧ ହାଁସଦା (୯), ସୁନ୍ଦର ମାର୍ଣ୍ଡୀ (୮), ଲକ୍ଷ୍ମୀ ମାର୍ଣ୍ଡୀ (୧୮), ବାଘରାୟ ମାର୍ଣ୍ଡୀ (୨୦), ଫାଗୁ ଟୁଡୁ (୧୧) ଓ ସୁନାରାମ ସୋରେନ (୧୦)।

**DISTRICT PROJECT OFFICE**
**SAMAGRA SHIKSHA, MAYURBHANJ**
Baripada, PIN-757002, Ph.No.-06792-260865,
Fax- 06792-260007
No.1624/CW/20, Date:15.09.20

**QUOTATION CALL NOTICE**

Sealed quotations are invited from the intending Govt. approved laboratory/farms and valid I.T. & GST registration certificate to conduct soil investigation for construction of 26 (Twenty six) Nos. of KGBV Hostel building at Jharadihi Govt. UPS in Bahalada Block, Shyamsundarpur Govt. UPS in Bangriposi Block, Barasahi Govt. UPS in Barasahi Block, Maharani Takat Kumari Govt. UPS in Baripada Block, Dhanpur Nodal UPS in Betnoti Block, Purneswar Nodal UPS, Saragada in Bijatala Block, Bisoi Nodal High School in Bisoi Block, Khunta Govt. ME School in G.B. Nagar Block, Jamda Govt. UPS in Jamda Block, Durdura Nodal UPS in Jashipur Block, Kapitada Govt. ME School in Kaptipada Block, Rasamtola Nodal UPS in Karanjia Block, Gayalmara Nodal UPS in Khunta Block, Chandua Govt. UPS in Kuliana Block, Chingudipokhari Nodal UPS in Kusumi Block, Bhaliadiha Govt. UPS in Morada Block, Gorumohisani Govt. ME School in Rairangpur Block, Binodray Govt. UPS in Rasgovindpur Block, Fulcomp Govt. UPS in Raruan Block, Paikabasa Govt. UPS in Samakhunta Block, Paktia Govt. UPS in Saraskana Block, Jamdapal Govt. UPS in Sukruli Block, Narayan Bidyapitha, Kantisahi in Suliapada Block, Thakurmunda Govt. UPS in Thakurmunda Block, Changua Govt. UPS in Tiring Block & Radho Govt. UPS in Udala Block of Mayurbhanj district through registered post/ speed post only. The sealed quotations will be received at the District Project Office, Samagra Shiksha, Mayurbhanj upto 3.00 P.M. on 25.09.2020 and will be opened on 25.09.2020 at 4.00 P.M. in the office chamber of the undersigned. The details of the advertisement & schedule can be downloaded from the website of www.osepa.in & www.mayurbhanj.nic.in

Sd./- District Education Officer & DPC
Samagra Shiksha, Mayurbhanj

ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଚ୍ଚଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। -ଶ୍ରୀଅରବିନ୍ଦ



# ମଣିଷର ଆସୁରିକ ଭୋଜନ



ମାନେକା ଗାନ୍ଧୀ

ଖାଇବାବେଳେ ନିଜେ ପ୍ରାଣୀକୁ ମାରି ଖାଉଥିବା ଜଣେ ମାଂସାହାରୀଙ୍କଠାରୁ କଂସେଇଖାନାରେ କଟାଯାଇଥିବା ପ୍ରାଣୀଙ୍କ ମାଂସ ଖାଉଥିବା ମାଂସାହାରୀ ଜଣକ ଅଧିକ ଖରାପ ବୋଲି କାହିଁ ମୁଁ ଭାବି ପାରୁନାହିଁ। କିଛି ନିର୍ଦ୍ଦିଷ୍ଟ ପ୍ରକାର ବ୍ୟକ୍ତି ରହିଛନ୍ତି ଯେଉଁମାନେ ରେସ୍ତୋରାଁକୁ ଯାଇ ଆକ୍ୱାରିୟମ ଭିତରୁ ଜିଅନ୍ତା ମାଛ, ଅକ୍ଟୋପସ, ଚିଙ୍ଗୁଡ଼ି କିମ୍ବା ସାପ ପସନ୍ଦ କରୁଛନ୍ତି ଓ ତାହାକୁ ସେଥିରୁ ବାହାର କରି ସେମାନଙ୍କ ସମ୍ମୁଖରେ ମରାଯାଉଛି। ଏହାର ମୁଖ୍ୟ କାରଣ ସେମାନେ ତଟକା ମାଂସ ଚାହୁଁଛନ୍ତି। ବାସ୍ତବ କଥା ହେଉଛି କିଛି ଲୋକ ପ୍ରାଣୀମାନଙ୍କ ନିର୍ଯାତନା ଉପଭୋଗ କରିବାକୁ ଭଲ ପାଆନ୍ତି। ଏମାନଙ୍କ ପାଇଁ ମାଂସର ସ୍ୱାଦ ଅପେକ୍ଷା ନିର୍ଯାତନା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏଭଳି ଭୋଜନ କରୁଥିବା ଲୋକମାନଙ୍କ ସମ୍ପର୍କରେ ମୁଁ ବା କ'ଣ କହିବି।

ଚାଇନାର ୟିଙ୍ଗ୍ ୟାଙ୍ଗ୍ ଫିସ୍‌କୁ ଫ୍ରାଏ କରାଗଲେ ବି ତାହା ଜିଇଥାଏ। ମାଛ ମୁହଁ ଓ ଆଖିରେ ଚୋପଷ୍ଟିକରେ ଆଘାତ କଲେ ମାଛଟି ମୁହଁ ଓ ଗାଲିଶି ସାହାଯ୍ୟରେ ନିଃଶ୍ୱାସ ନେବାକୁ ଚେଷ୍ଟା କରିବା ଲକ୍ଷ୍ୟ କରାଯାଏ। ଏହାର ଆଭ୍ୟନ୍ତରୀଣ ଅଙ୍ଗ ନଷ୍ଟ ନ ହେବା ଭଳି ଏହାକୁ ଖାଦ୍ୟ ଶୀଘ୍ର ପ୍ରସ୍ତୁତ କରାଯାଏ। ଏହା ଦ୍ୱାରା ମାଛ ୩୦ ମିନିଟ ଯାଏ ବଞ୍ଚିରହେ। ମାଛମାନେ ମୁଖ୍ୟତଃ ଯନ୍ତ୍ରଣା ପ୍ରତି ଖୁବ୍ ସମ୍ବେଦନଶୀଳ। ତେବେ ଚିନ୍ତା କରନ୍ତୁ ତ ଜିଅନ୍ତା ଅବସ୍ଥାରେ ମାଛ ଫ୍ରାଏ ହେବା ଓ ତାହାକୁ ପୁଣି ଖଣ୍ଡ ଖଣ୍ଡ କରି ଖାଇବା କେତେ ଯନ୍ତ୍ରଣାଦାୟକ। ଜାପାନରେ ସଶିମି ଏକ ପ୍ରକାର ଡିଶ୍ ଯେଉଁଥିରେ ଛୋଟ ଛୋଟ ତଟକା କଞ୍ଚା ମାଛ ଓ ମାଂସକୁ ସୋୟା ସସ୍ ସହ ଖିଆଯାଇଥାଏ। ଇକିଜୁକୁରୀ ଏକ ପ୍ରକାର ସଶିମି ଯାହା ଜିଅନ୍ତା ସାମୁଦ୍ରିକ ଜୀବଙ୍କୁ ନେଇ ପ୍ରସ୍ତୁତ କରାଯାଏ। ମୁଖ୍ୟତଃ ମାଛ ଓ ଅକ୍ଟୋପସକୁ ହିଁ ପ୍ଲେଟ୍‌ରେ ପାଇବେ। ଏହାବାଦ ସଶିମିରେ ବି ଜିଅନ୍ତା ଫ୍ରଗ୍ ବା ବେଙ୍ଗ ଖାଇବାକୁ ମିଳିବ। ବେଙ୍ଗର ଚମଡା ଛେଲି ଦିଆଯାଇ ଏକ କଣ୍ଟାରେ ଧୀରେ ଧୀରେ ତା ଦେହରୁ ମାଂସ କାଟି ଖିଆଯାଏ। ଶିଂଜୁକାର ଏକ ରେସ୍ତୋରାଁରେ ଷ୍ଟାର୍ଟର ଭାବେ ଏଭଳି ଜିଅନ୍ତା ବେଙ୍ଗ ଖାଇବାକୁ ଦିଅନ୍ତି। ନ୍ୟୁୟର୍କର ରେସ୍ତୋରାଁଗୁଡ଼ିକରେ ଜିଅନ୍ତା କଙ୍କଡ଼ା ବି ପ୍ଲେଟ୍‌ରେ ପାଇବେ। ସେଠାରେ କଙ୍କଡ଼ାରୁ 'ବେଲି ସଶିମ' ପ୍ରସ୍ତୁତ କରାଯାଏ। ତା' ପେଟରୁ ମାଂସ ଖାଇବା ବେଳେ ତାହା ଯନ୍ତ୍ରଣା ପାଇଥାଏ। ଭିନେଗାର ଓ ଶେକ୍‌ରେ ବୁଡାଯାଇଥିବା ଛୋଟ କୋଚିଆକୁ ଜାପାନରେ ଜିଅନ୍ତା ଗଳିଦିଅନ୍ତି। ଦକ୍ଷିଣ କୋରିଆରେ ସାନାକ୍‌ଜି ଏକ ପ୍ରକାର ଖାଦ୍ୟ ଯେଉଁଥିରେ ଛୋଟ ଅକ୍ଟୋପସର ଶୁଣ୍ଢକୁ ଟାଣି ବାହାର କରିବା ପରେ ତାହା ଛଟପଟ ହେଉଥିବା ଅବସ୍ଥାରେ ପରଷି ଦିଆଯାଏ। ସାନାକ୍‌ଜି ଗ୍ରାହକମାନେ ଜିଅନ୍ତା ଅକ୍ଟେପସ ଶୁଣ୍ଢକୁ ଷ୍ଟିକ୍ ମାଧ୍ୟମରେ ପାଟିକୁ ନେଇ ତା' ଜିଅନ୍ତାପଣକୁ ଅନୁଭବ କରିଥାନ୍ତି।

ଚାଇନାମାନେ ପ୍ରାଣୀମାନଙ୍କୁ ନିର୍ଯାତନା ଦେବାରେ ବି ପଛରେ ନାହାନ୍ତି। ଜିଅନ୍ତା ଚିଙ୍ଗୁଡିକୁ ବାୟିଜ୍ୟୁ ନାମକ ଏକ ପ୍ରକାର ମଦରେ ରଖାଯାଏ ଏବଂ ଡିନର୍‌ରେ ଲୋକମାନେ ମଦ ପିଇବା ସମୟରେ ତା' ମୁଣ୍ଡକୁ କାମୁଡ଼ି ଖାଇଥାନ୍ତି। ଚାଇନାରେ 'ଥ୍ରି ସ୍କୁଏକ୍ସ' ଡିଶ୍‌ରେ ମୂଷା ଛୁଆକୁ ସସ୍‌ରେ ବୁଡାଇ ଜିଅନ୍ତା ଖିଆଯାଏ। ମୂଷାଛୁଆକୁ ଚୋପ୍‌ଷ୍ଟିକରେ ଧରି ସସ୍‌ରେ ବୁଡ଼ାଇ ଆଘାତ ଦେବା ସମୟରେ ତାହା ଏକ ପ୍ରକାର ଶବ୍ଦ କରିଥାଏ ଯେଉଁଥିପାଇଁ ଏହି ଡିଶ୍‌ର ନାମ ରଖାଯାଇଛି 'ଥ୍ରି ସ୍କୁଏକ୍ସ'। ଜିଅନ୍ତା ମାଙ୍କଡ଼ ଛୁଆର ତାଜା ମସ୍ତିଷ୍କକୁ ବହୁତ ଅଧିକ ଦାମ୍ ଦେଇ ଚାଇନା ଓ ହଂକଂରେ ଧନୀ ଲୋକମାନେ ଖାଇଥାନ୍ତି। ଶେଫ୍ ଟେବୁଲ ତଳେ ଏକ ଜିଅନ୍ତା ମାଙ୍କଡ଼ ଛୁଆକୁ ରଖିବା ସହ ଏକ କଣା ମାଧ୍ୟମରେ ତା' ମୁଣ୍ଡକୁ ଟେବୁଲ ଉପରକୁ ଉଠାଇ ରଖିଥାନ୍ତି। ପରେ ଶେଫ୍ ତା' ମୁଣ୍ଡର ଉପର ଅଂଶକୁ କାଟି ଦେବା ପରେ ତାହା ଚିଲାଉଥିବା ବେଳେ ଗ୍ରାହକ ମସ୍ତିଷ୍କକୁ କଞ୍ଚା ଖାଇଯାଆନ୍ତି। ଏହାପରେ ରହିଛି ଗଧ ଛୁଆର ତଟକା ମାଂସ (ହ୍ୟୁଓ ଜିଆଓ ଲୁ)। ଗଧ ଛୁଆର ଗୋଡ଼ ବାନ୍ଧି ଦିଆଯାଏ ଓ ଶେଫ୍ ତା' ଶରୀରରୁ ମାଂସ କାଟି ତତ୍‌କ୍ଷଣାତ ଗ୍ରାହକଙ୍କୁ ଦେଇଥାନ୍ତି। ବତକ ଅଣ୍ଡାରୁ ଛୁଆ ଫୁଟିବାର ଦିନକ ପରେ ଜିଅନ୍ତା ଭ୍ରୂଣକୁ ଚାଇନାରେ ଖିଆଯାଇଥାଏ। ଏବେ ଏହାକୁ ଫିଲିପାଇନ୍ସର ଲୋକେ ଖାଉଛନ୍ତି ଓ ସେଠାରେ ଏହାକୁ ବାଲୁଟ୍ କୁହାଯାଉଛି। ଚାଇନାମାନେ ଜିଅନ୍ତା କୁକୁଡ଼ାଛୁଆକୁ ଛଟପଟ ହେଉଥିବା ଅବସ୍ଥାରେ ଖାଆନ୍ତି। ସେମାନେ ପ୍ରାଣୀମାନଙ୍କ ଶତ୍ରୁ ପାଲଟିଯିବାରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। ସେମାନେ ପ୍ରାଣୀମାନଙ୍କୁ ନିର୍ଯାତନା ଦେବାକୁ ତଥା ରକ୍ତାକ୍ତ ଅବସ୍ଥାରେ ଦେଖିବାକୁ ଭଲ ପାଆନ୍ତି। ଓଡରି ଇବି କିମ୍ବା 'ଡ୍ୟାନ୍ସିଂ ଶ୍ରିମ୍ପ୍' ଜାପାନର ଏକ ପ୍ରକାର ସଶିମି ଯେଉଁଥିରେ ଗୋଲାପି ରଙ୍ଗର ଚିଙ୍ଗୁଡି ଗୋଡ ଓ ନିଶ ହଲାଉଥିବା ଅବସ୍ଥାରେ ଲୋକେ ତାହାକୁ ଖାଇଥାନ୍ତି। ଚିଙ୍ଗୁଡିକୁ ଚୋବାଇବା ପରେ ହିଁ ତାହା ମରିଥାଏ। ଓଡରି ଡନ୍ ରେ ଜିଅନ୍ତା କଟଲଫିସ୍ ବା ସମୁଦ୍ରଫେଣୀ ଉପରେ ସୋୟା ସସ୍ ଢାଳିବା ପରେ ତା' ନିଶ ଶୀଘ୍ର ହଲାଉଥିବା ଅବସ୍ଥାରେ ତାକୁ ଚୋବାଇ ଖାଇଥାନ୍ତି। ଭିଏତନାମର ଲୋକେ ଜିଅନ୍ତା ସାପର ସ୍ପନ୍ଦନ ହେଉଥିବା ହାର୍ଟ ଓ ରକ୍ତ ଖାଇବାକୁ ଭଲ ପାଆନ୍ତି। ରାସ୍ତାକଡ଼ ଷ୍ଟଲ୍‌ରୁ ଜିଅନ୍ତା ସାପ ପସନ୍ଦ କରିବା ପରେ ସେମାନେ ତାକୁ କାଟି ଗୋଟିଏ ମିନିଟରେ ଆପଣଙ୍କୁ ଦେଇଥାନ୍ତି। ମୁଁ ବି ଏହି ଦୃଶ୍ୟ ହଂକଂରେ ଦେଖିଛି। ଚାଇନାରେ ଲୋକେ ଜିଅନ୍ତା ସାପ ଛୁଆ ମଧ୍ୟ ଖାଆନ୍ତି।

ସି' ଅର୍ଚ୍ଚିନ୍ସ ସମୁଦ୍ର ଶଯ୍ୟାରେ ରହୁଥିବା ଏକ ଗୋଲାକାର ପ୍ରାଣୀ। ଏହାର ଶରୀର ଚାରିପାଖରେ କଣ୍ଟା ରହିଛି ଓ ଏହା ସାହାଯ୍ୟରେ ନିଜକୁ ରକ୍ଷା କରନ୍ତି। ଏମାନଙ୍କୁ ଧରି ଜିଅନ୍ତା ଭୋଜନରେ ପରଷି ଦିଆଯାଉଛି। ଏମାନଙ୍କ ଜନନେନ୍ଦ୍ର ସବୁଠୁ ସ୍ୱାଦିଷ୍ଟ। ମୁଖ୍ୟତଃ ୟୁରୋପୀୟମାନେ ଜିଅନ୍ତା ଅର୍ଚ୍ଚିନକୁ କଇଁଚିରେ କାଟି ଲୁଣିଆ ସ୍ୱାଦର ଜନନଗ୍ରନ୍ଥିକୁ ବାହାର କରି କଞ୍ଚା ଖାଇଥାନ୍ତି। ସାଧାରଣତଃ ଫ୍ରାନ୍ସର ଲୋକେ ଶାମୁକାର ଖୋଳକୁ ଭାଙ୍ଗି ତା' ଭିତରେ ଥିବା ମାଂସକୁ ଶୋଷି କଞ୍ଚା ଖାଇବାକୁ ଭଲ ପାଆନ୍ତି। ପ୍ରଥମରୁ ଫ୍ରାନ୍ସର ଲୋକେ ଜିଅନ୍ତା ଶାମୁକା ଖାଉଥିଲେ ବି ଏବେ ପ୍ରାୟ ସାରା ବିଶ୍ୱରେ ଏହାକୁ ଖାଉଛନ୍ତି। କୋପେନହାଗେନର ଏକ ପ୍ରତିଷ୍ଠିତ ରେସ୍ତୋରାଁ ଗ୍ରୁପ୍ ସାଲାଡ଼ ପରଷି ଦିଅନ୍ତି ଯାହା ଉପରେ ପିମ୍ପୁଡ଼ି ଧୀରେ ଧୀରେ ଚାଲୁଥାନ୍ତି ଓ ଗ୍ରାହକ ସେମାନଙ୍କୁ ସାଲାଡ ସହ ଜିଅନ୍ତା ଖାଆନ୍ତି। ଅଷ୍ଟ୍ରେଲିଆର କେତେକ ଅଞ୍ଚଳରେ ଲୋକେ ଜିଅନ୍ତା ୱିଚିଟି ଗ୍ରୁବ୍ (କାଠ ଖାଉଥିବା ଏକ ପ୍ରକାର ଲାର୍ଭା)କୁ ଖାଆନ୍ତି। ଇଟାଲୀରେ ମେଣ୍ଢା କ୍ଷୀରରୁ ଏକ ପ୍ରକାର ଛେନା (କାସୁମାର୍ଜୁ) ପ୍ରସ୍ତୁତ କରାଯାଏ। ଏଥିରେ ଚିଜ ଫ୍ଲାଇ ବା ଛେନା ଉପରେ ବସୁଥିବା ମାଛିର ଲାର୍ଭା ରହିଥାଏ। ଛେନାକୁ ଚୋବାଇ ଖାଇବା ସମୟରେ ଏମାନଙ୍କ ଉପସ୍ଥିତି ଜାଣିହୁଏ। ଫିୟର ଫ୍ୟାକ୍ଟର ଆଣ୍ଡ୍ ସର୍ଭାଇବର ଟିଭି ଶୋ'ରେ ପ୍ରତିଯୋଗୀମାନେ ଜିଅନ୍ତା କୀଟ, ବୁଢ଼ିଆଣୀ, ଅସରପା ଓ ପୋକ ଖାଇବା ଦୃଶ୍ୟ ବିରୋଧରେ ମୁଁ ବାରମ୍ବାର ବର୍ଷ ବର୍ଷ ଧରି ମନ୍ତ୍ରଣାଳୟକୁ ଅଭିଯୋଗ କରିଛି। କିନ୍ତୁ ସେମାନେ କାର୍ଯ୍ୟାନୁଷ୍ଠାନ ନେବାବେଳକୁ ସେହି ଶୋ' ଶେଷ ହୋଇଯାଇଥିଲା। ତା' ପରେ ଆମେ ଆଉ ଗୋଟିଏ ସିରିଜ୍ ମ୍ୟାନ୍ ଭର୍ସେସ ଆନିମଲ୍ ଆରମ୍ଭ କରିଦେଇଛୁ, ଯେଉଁଥିରେ ବିୟର ଗ୍ରିଲିସ ତାଙ୍କ ମରଦପଣିଆ ଦେଖାଇବାକୁ ଯାଇ ଜିଅନ୍ତା କୀଟ ଖାଇବା ପ୍ରଦର୍ଶନ କରୁଛନ୍ତି। ଯେଉଁମାନେ ଯନ୍ତ୍ରଣା ଜର୍ଜରିତ ଖାଦ୍ୟ ଖାଇବାକୁ ଚାହୁଁଛନ୍ତି ସେମାନଙ୍କୁ କ'ଣ କହିବା? ଏମାନେ ଅସୁର! ଏହି ଭୟଙ୍କର ଦୁଷ୍ଟ ମାନବ ସମ୍ଭବତଃ ସମାଜ ଲାଗି ବଡ଼ ସଙ୍କଟ।

Email: gandhim@nic.in

# ଲାଗିବ କି ରୋକ୍



ଇପ୍ସିତା ମହାନ୍ତି

ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ୨୦୨୦ ଫେବୃୟାରୀ ୧୩ ଦିନ ଭ୍ରଷ୍ଟାଚାର ଉପରେ ବଡ ପ୍ରହାର କରିଥିଲେ। ଏହିଦିନ ସର୍ବୋଚ୍ଚ ନ୍ୟାୟାଳୟ ଏକ ବଡ ଫଇସଲା ଶୁଣାଇ ଥିଲେ। ଯଦି କୌଣସି ରାଜନୈତିକ ଦଳ ଦାଗୀ କିମ୍ବା ଆପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀଙ୍କୁ ଲୋକ ସଭା ଅବା ବିଧାନସଭା ନିର୍ବାଚନ ଲଢିବା ପାଇଁ ଟିକଟ ଦିଅନ୍ତି; ଏଥି ସମ୍ପର୍କିତ ସମସ୍ତ ତଥ୍ୟ ସେହି ରାଜନୈତିକ ଦଳକୁ ଗଣମାଧ୍ୟମରେ ସାର୍ବଜନୀନ କରିବାକୁ ପଡିବ। ଏପରି ନ କଲେ ନ୍ୟାୟାଳୟର ଅବମାନନା କରିଛି ବୋଲି ଧରି ନିଆଯାଇ ଆଇନ୍ ଅନୁସାରେ ସଂପୃକ୍ତ ରାଜନୈତିକ ଦଳ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ପ୍ରତ୍ୟେକ ରାଜନୈତିକ ଦଳଙ୍କୁ ୪୮ଘଣ୍ଟା ମଧ୍ୟରେ ନିଜ ପ୍ରାର୍ଥୀଙ୍କ ଆପରାଧିକ ପୃଷ୍ଠଭୂମି ସମ୍ବଳିତ ବିସ୍ତୃତ ବିବରଣୀ ୩ଟି ପ୍ରମୁଖ ଟିଭି ନ୍ୟୁଜ୍ ଚ୍ୟାନେଲ୍ ଓ ୩ଟି ପ୍ରମୁଖ ଖବରକାଗଜକୁ ପ୍ରଚାର ଓ ପ୍ରସାର ପାଇଁ ଦେବାକୁ ହେବ। ବିସ୍ତୃତ ବିବରଣୀ କହିଲେ ନିଜ ପ୍ରାର୍ଥୀଙ୍କ ବିରୋଧରେ କେତେ ସଂଖ୍ୟକ ମାମଲା ଦାଏର ହୋଇଛି, ଏସବୁ ମାମଲା କେଉଁଠି ଦାଏର ହୋଇଛି, କେଉଁ ଧାରା ଆଧାରରେ ମକଦ୍ଦମା ରୁଜୁ ହୋଇଛି, ସେ ଦଣ୍ଡିତ ହୋଇଛନ୍ତି କି ନାହିଁ, ମାମଲାଗୁଡିକର ଫଇସଲା ହୋଇଛି ନା ନାହିଁ, ଯଦି ଫଇସଲା ହୋଇନାହିଁ ତେବେ ମକଦ୍ଦମାର ସ୍ଥିତି କ'ଣ, ଏହା କେଉଁଠି ପହଞ୍ଚିଛି, ଏସବୁ ବିଷୟରେ ରାଜନୈତିକ ଦଳଗୁଡିକୁ ଜଣେଇବାକୁ ପଡିବ। କେବଳ ଏତିକି ନୁହେଁ, ରାଜନୈତିକ ଦଳ କାହିଁକି ଏଭଳି ଦାଗୀଙ୍କୁ ପ୍ରାର୍ଥୀ କରିଛନ୍ତି? ପୁଣି ଯାହା ବିରୋଧରେ କୌଣସି ଆପରାଧିକ ମାମଲା ନାହିଁ ସେଭଳି ବ୍ୟକ୍ତିଙ୍କୁ ଦଳ କାହିଁକି ପ୍ରାର୍ଥୀ କଲା ନାହିଁ? ଦାଗୀଙ୍କୁ ଟିକଟ ଦେବା ପଛରେ ସଂପୃକ୍ତ ରାଜନୈତିକ ଦଳର କି ଉଦ୍ଦେଶ୍ୟ ରହିଛି? ଏସବୁ କଥାକୁ ପ୍ରତ୍ୟେକ ରାଜନୈତିକ ଦଳ ୭୨ଘଣ୍ଟା ମଧ୍ୟରେ ନିର୍ବାଚନ ଆୟୋଗଙ୍କୁ ଲିଖିତ ମାଧ୍ୟମରେ ଜଣେଇବାକୁ ପଡିବ।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ଆଦେଶକୁ ଅନୁପାଳନ କରିବା ନିର୍ବାଚନ ଆୟୋଗଙ୍କ ଦାୟିତ୍ୱ। ଯଦି ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ କୌଣସି ଦଳ ଏସବୁ ତଥ୍ୟ ନ ଦିଅନ୍ତି; ତେବେ ଏହାକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଅବମାନନା ବୋଲି ଧରିନିଆଯିବ। ଗତ ୪ଟି ନିର୍ବାଚନକୁ ଅନୁଧ୍ୟାନ କରି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି, ରାଜନୀତିରେ ଅପରାଧୀକରଣ କ୍ରମାଗତ ଭାବେ ବଢି ବଢି ଚାଲିଛି। ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ପରିସଂଖ୍ୟାନକୁ ଦୃଷ୍ଟିରେ ରଖି ଏକଥା କହିଛନ୍ତି; ତଦନୁସାରେ ୨୦୦୪ରେ ୨୪ପ୍ରତିଶତ, ୨୦୦୯ରେ ୩୦ପ୍ରତିଶତ, ୨୦୧୪ରେ ୩୪ପ୍ରତିଶତ ଏବଂ ୨୦୧୯ରେ ୪୩ପ୍ରତିଶତ ସାଂସଦ ଆପରାଧିକ ଶ୍ରେଣୀର। ତା'ମାନେ ଆପରାଧିକ ପୃଷ୍ଠଭୂମି ଥିବା ସଦସ୍ୟଙ୍କ ସଂଖ୍ୟା କ୍ରମାଗତ ଭାବେ ବଢିବଢି ଚାଲିଛି। ତେଣୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଚିନ୍ତା ପ୍ରକଟ କରିବା ଯଥାର୍ଥ।

ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟ ୨୦୧୮ରେ ଏକ ମାମଲାର ଶୁଣାଣି ଅବସରରେ ଏପରି ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ବି କୌଣସି ରାଜନୈତିକ ଦଳ ନିଜର ଦାଗୀ ପ୍ରାର୍ଥୀଙ୍କ ବିବରଣୀ ଦେଇ ନ ଥିଲେ। ତେଣୁ ପୁଣି ଏକ ମାମଲାର ଶୁଣାଣି କରିବା ସମୟରେ ୨ୟ ଥର ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଏହା ଉପରେ ଟିପ୍ପଣୀ ଦେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ମାମଲା ଦାଏର କରି ଉଭୟ ନିର୍ବାଚନ ଆୟୋଗ ଓ କେନ୍ଦ୍ର ସରକାରଙ୍କୁ ଏବିଷୟରେ ଅବଗତ କରାଇଥିଲେ। ଶ୍ରୀ ଉପାଧ୍ୟାୟଙ୍କ କହିବା ଅନୁସାରେ ନିର୍ବାଚନ ଆୟୋଗ ଏବିଷୟରେ ସମ୍ପୂର୍ଣ୍ଣ ଭାବେ ଅସଫଳ ହେଲେ। କାରଣ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ନିର୍ବାଚନ ଆୟୋଗ ପାଳନ କରିପାରିଲେ ନାହିଁ। ଅନ୍ୟପକ୍ଷରେ କେନ୍ଦ୍ର ସରକାର ବିଗତ ୨ବର୍ଷ ମଧ୍ୟରେ ଏକାଧିକ ମହତ୍ତ୍ୱପୂର୍ଣ୍ଣ ଆଇନ ପ୍ରଣୟନ କରିଛନ୍ତି କିନ୍ତୁ ରାଜନୀତିରେ ଅପରାଧୀକରଣକୁ ରୋକିବା ପାଇଁ ଏଯାଏ କୌଣସି ଆଇନ ପ୍ରଣୟନ କରି ନାହାନ୍ତି।

ଆପରାଧିକ ଶ୍ରେଣୀର ଲୋକେ ବିଧାନସଭା ଓ ସଂସଦରେ ପ୍ରତିନିଧିତ୍ୱ କଲେ ନିମ୍ନସ୍ତରରେ ଏହାର ଖରାପ ପ୍ରଭାବ ପଡ଼ିବା ସ୍ୱାଭାବିକ କଥା। ଲୋକତନ୍ତ୍ରର ମନ୍ଦିରରେ ଏହି ଦାଗୀଙ୍କର କି କାମ ରହିଛି ଯେ? ପ୍ରକୃତରେ ଏହା ଲୋକଙ୍କୁ ଖରାପ ବାର୍ତ୍ତା ଦେଉଛି। ନିର୍ବାଚନରେ ଅପରାଧୀକରଣକୁ ଦୂରେଇ ରଖିବା ପାଇଁ ପ୍ରାୟ ୨୦ଟି ରିପୋର୍ଟରେ ଲ' କମିଶନର କହି ସାରିଛନ୍ତି। ନିର୍ବାଚନ ଆୟୋଗ ମଧ୍ୟ ବାରମ୍ବାର ଅପରାଧୀକରଣ ଉପରେ ରୋକ୍ ଲଗାଇବା ପାଇଁ ରାଜନୈତିକ ଦଳଙ୍କୁ ନିର୍ଦ୍ଦେଶିତ କରି ଆସୁଛନ୍ତି। ଏହା ବ୍ୟତୀତ ଭୋରା କମିଟି, ଗୋସ୍ୱାମୀ କମିଟି, ଭେଙ୍କଟଚଲେୟା କମିଶନ ପରି ପ୍ରାୟ ୧୦ଟି ନ୍ୟାୟିକ କମିଟିର ରିପୋର୍ଟରେ ମଧ୍ୟ ଅପରାଧୀଙ୍କ ଉପରେ ରୋକ୍ ଲଗେଇବାକୁ କୁହାଯାଇଛି। ଏଥିପାଇଁ ରାଜକୋଷରୁ କୋଟିକୋଟି ଟଙ୍କା ଶ୍ରାଦ୍ଧ ହୋଇ ଚାଲିଛି। ହେଲେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ପଦକ୍ଷେପ ନିଆ ନ ଯାଇ କମିଟି ପରେ କମିଟି ଗଢ଼ି ରିପୋର୍ଟ ପରେ ରିପୋର୍ଟ ପ୍ରସ୍ତୁତ କରାଯାଇ ସେଗୁଡିକୁ ଶୀତଳ ଭଣ୍ଡାରରେ ସାଇତା ଯାଉଛି। ତେଣୁ ଅପରାଧୀକରଣ ଉପରେ ରୋକ୍ ଲାଗିବ କିପରି?

ପ୍ରଶ୍ନ ଆସୁଛି, ସତରେ କ'ଣ ଆମ ଦେଶରେ ଭ୍ରଷ୍ଟାଚାରକୁ ନେଇ କାହାର କୌଣସି ଅସୁବିଧା ହେଉଛି? ଆମ ଦେଶର ଆପରାଧିକ ପୃଷ୍ଠଭୂମି ରହିଥିବା ରାଜନେତାଙ୍କ ଦ୍ୱାରା କାହାର କୌଣସି ସମସ୍ୟା ସୃଷ୍ଟି ହେଉଛି? ଆମ ଦେଶର ଭୋଟରଙ୍କ ପାଇଁ ଏହା ନିର୍ବାଚନ ପ୍ରସଙ୍ଗ ହୋଇପାରିଛି କି? ଏ ସମ୍ପର୍କିତ ପରିସଂଖ୍ୟାନ ଉପରେ ଦୃଷ୍ଟି ଦେଲେ ଜାଣିପାରିବା, ଆମ ଦେଶର ଭୋଟରଙ୍କ ପାଇଁ କୌଣସି ନିର୍ବାଚନରେ ଏହା ପ୍ରସଙ୍ଗ ନ ଥିଲା କି ଏବେ ଥିଲା ପରି ଜଣାପଡୁନାହିଁ। ନଚେତ ପରିସଂଖ୍ୟାନ ଅନୁସାରେ ଭୋଟରଙ୍କ ଦ୍ୱାରା ଏତେ ସଂଖ୍ୟକ ଆପରାଧିକ ଶ୍ରେଣୀର ପ୍ରାର୍ଥୀ ନିର୍ବାଚିତ ହୋଇ ପାରି ନ ଥାନ୍ତେ। ଅବଶ୍ୟ ଏହା ଯଦି ନିର୍ବାଚନର ପ୍ରସଙ୍ଗ ହେବ, ତେବେ ଜନତା ଏମାନଙ୍କୁ ନିଶ୍ଚିତ ରୂପେ ହରାଇ ଦେବେ।

ବୈପାରୀଗୁଡ଼ା, କୋରାପୁଟ
ମୋ- ୬୩୭୦୬୭୯୪୦୫

## ଏଇ ଭାରତରେ

ଦେହଜୀବୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାରେ ଲାଗିଛନ୍ତି ମହାରାଷ୍ଟ୍ରର ଡାକ୍ତର ସ୍ୱାତୀ ସିଂ। କରୋନା ମହାମାରୀ ସମୟରେ ବିପଦକୁ ଭ୍ରୂକ୍ଷେପ ନ କରି ସେ ଭିୱାଣ୍ଡିର ୩୦୦ଦେହଜୀବୀଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିପାରିଛନ୍ତି। ସେମାନଙ୍କୁ ସ୍ୱାତୀ ଖାଦ୍ୟ ଓ କର୍ମସଂସ୍ଥାନ ବି ଯୋଗାଇ ଦେଇଛନ୍ତି। ୨୦୧୬ରେ ସ୍ୱାତୀ ପ୍ରତିଷ୍ଠା କରିଥିବା ଶ୍ରୀ ସେବା ସଂସ୍ଥା ମାଧ୍ୟମରେଏହି ସେବା କରୁଛନ୍ତି। ଏବେ ସେମାନେ ଧୂପକାଠି, ପାମ୍ପଡ଼, ଆଚାର ଓ ବିଭିନ୍ନ ପ୍ରକାର ହସ୍ତକଳାକୃତି ତିଆରି କରି ବିକ୍ରି କରୁଛନ୍ତି। ଫଳରେ ସେମାନେ ପ୍ରତ୍ୟେକ ଦୈନିକ ୨୦୦ ଟଙ୍କା ରୋଜଗାର କରୁଛନ୍ତି। ପୋଷାକ ତିଆରି କରିବାରେ ୩୦ ଜଣଙ୍କୁ କାର୍ଯ୍ୟରେ ଲଗାଇଛନ୍ତି ଓ ସେମାନେ ଅନ୍ତର୍ଜାତୀୟ ପ୍ରଦର୍ଶନୀ ଲାଗି ପୋଷାକ ପ୍ରସ୍ତୁତ କରିବାରେ ଲାଗିଛନ୍ତି। ଆଉ କିଛି ଦିନ ମଧ୍ୟରେ ସେ ଆଉ ୧୩୦ ମହିଳାଙ୍କୁ ଏଥିରେ ନିଯୁକ୍ତ କରିବା ଲାଗି ଯୋଜନା ରଖିଛନ୍ତି। ଡ.ସ୍ୱାତୀ ସେମାନଙ୍କ ପିଲାଙ୍କ ପାଇଁ 'ଡେ କେୟାର ସେଣ୍ଟର' ଖୋଲିଛନ୍ତି। ପିଲାମାନଙ୍କ ପଢ଼ା ସହ ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ମଧ୍ୟ ନେଉଛନ୍ତି ସ୍ୱାତୀ। ଯେଉଁ ମହିଳା ସଶକ୍ତ ହୋଇପାରିଛନ୍ତି ସେମାନଙ୍କୁ ସ୍ୱତନ୍ତ୍ର ଭାବେ ରହିବା ଲାଗି 'ସିଷ୍ଟର ହାଉସ୍' ଖୋଲାଯାଇଛି ଯାହାଦ୍ୱାରା ସେମାନେ ରେଡ୍‌ଲାଇଟ ଏରିଆରେ ନ ରହି ସେଠାରେ ରହୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ସେପ୍ଟେମ୍ବର ୧୯୯୫

- ଶ୍ରୀଲଙ୍କାର ତାମିଲ ଉଗ୍ରପନ୍ଥୀମାନେ ସେନାବାହିନୀର ପାଟ୍ରୋଲିଂ ଗାଡ଼ି ଉପରେ ଅତର୍କିତ ଆକ୍ରମଣ କରିବା ଫଳରେ ୧୬ଜଣ ସୈନ୍ୟ ନିହତ ହୋଇଛନ୍ତି।
- ଓଡ଼ିଶାରେ ୪ ହଜାର କୋଟି ଟଙ୍କାର ଏକ ତୈଳ ବିଶୋଧନାଗାର ପ୍ରତିଷ୍ଠା ପାଇଁ ଭାରତୀୟ ତୈଳ ନିଗମ ଏବଂ କୁଏଟ୍ ପେଟ୍ରୋଲିୟମ୍ କର୍ପୋରେଶନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ।
- ଇସ୍ରାଏଲ ଗସ୍ତରେ ଯାଇଥିବା ଓଡ଼ିଶାର ସରକାରୀ ଓ ଶିଳ୍ପ ପ୍ରତିନିଧି ଦଳ ଇସ୍ରାଏଲ ସରକାର ଓ ଘରୋଇ ସଂସ୍ଥାଗୁଡ଼ିକ ସହ ୧୭ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 2 | | | 9 | | | | | | | | 0 |
| A | | | | | 3 | | E | | | | | 1 | 7 | 5 |
| | | 9 | 5 | | | B | | 0 | 4 | | | | | |
| 1 | | | A | B | | | 8 | | | | 7 | 3 | | |
| | D | | | | | | 6 | 4 | | E | B | 2 | | |
| | C | | | 9 | | | | 2 | | 1 | | | | |
| D | 2 | | 8 | | | | | | | | 5 | | 0 | 6 |
| 7 | 1 | 4 | | | | | 9 | | | A | 6 | | 5 | |
| 3 | | | | 7 | C | | | | | 9 | | | | B |
| | 6 | | 4 | | 5 | | | | C | 0 | D | | | |
| | 5 | | | | | | | | | | 0 | | 9 | |
| 8 | | C | | 4 | | | | B | 7 | | | 0 | | A |
| | 0 | | | | E | 5 | | | | | 2 | | D | |
| | | | 3 | | B | 6 | | 1 | | | A | | | E |
| 2 | | | | | A | 3 | | | | | 8 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 4 | B | 8 | C | 0 | E | 1 | A | 9 | D | 3 | 7 | 2 | 5 |
| C | A | 2 | 3 | 9 | E | D | 8 | B | 7 | 6 | 5 | 0 | 1 | 4 |
| 1 | 5 | 9 | B | 2 | 4 | 7 | C | 6 | E | A | 0 | D | 3 | 8 |
| 3 | 8 | D | 6 | 1 | 7 | 0 | 5 | 2 | B | 4 | C | 9 | A | E |
| 0 | 7 | E | 5 | A | D | 3 | 9 | 4 | 1 | 8 | 2 | C | 6 | B |
| 9 | 1 | C | 4 | E | 2 | B | 6 | 7 | 8 | 0 | A | 3 | 5 | D |
| 2 | 3 | 4 | 9 | D | B | 1 | 0 | C | 5 | E | 6 | A | 8 | 7 |
| A | 6 | 8 | 0 | 5 | C | 2 | 4 | 3 | D | 7 | 9 | E | B | 1 |
| B | D | 0 | A | 7 | 6 | 5 | E | 8 | 3 | 2 | 1 | 4 | 9 | C |
| 7 | E | 5 | 1 | 3 | 8 | A | D | 9 | C | B | 4 | 2 | 0 | 6 |
| E | B | 3 | C | 8 | A | 6 | 2 | 5 | 4 | 9 | D | 1 | 7 | 0 |
| 5 | 0 | 6 | 2 | 4 | 1 | 9 | 7 | D | A | C | B | 8 | E | 3 |
| 8 | 9 | A | D | 0 | 3 | 4 | B | E | 6 | 1 | 7 | 5 | C | 2 |
| 4 | 2 | 7 | E | 6 | 5 | C | A | 1 | 0 | 3 | 8 | B | D | 9 |
| D | C | 1 | 7 | B | 9 | 8 | 3 | 0 | 2 | 5 | E | 6 | 4 | A |

ଗତକାଲିର ଉତ୍ତର

# ପ୍ଲାଜ୍‌ମା ଚିକିତ୍ସାକୁ ଗୁରୁତ୍ୱ



ଡା. ଉମେଶ ଚନ୍ଦ୍ର ପାତ୍ର

ରାଜ୍ୟରେ ଏ ପର୍ଯ୍ୟନ୍ତ ୫୫୯ ଜଣ କରୋନା ରୋଗୀଙ୍କଠାରୁ ପ୍ଲାଜ୍‌ମା ସଂଗ୍ରହ କରାଯାଇ ସାରିଲାଣି। ୪୮୨ ଜଣ ଗୁରୁତର କୋଭିଡ ରୋଗୀଙ୍କୁ ପ୍ଲାଜ୍‌ମା ଚିକିତ୍ସା ଦିଆଯାଇଛି। ସେ ମଧ୍ୟରୁ ସୁସ୍ଥ ହୋଇ ୬୩ଜଣ ଘରକୁ ଗଲେଣି। ରାଜ୍ୟରେ ପ୍ଲାଜ୍‌ମା ଚିକିତ୍ସା ସଫଳତା ସମ୍ପର୍କରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ଏଇଥିପାଇଁ ଯେ ସରକାର ନିଷ୍ପତ୍ତି ନେଇଛନ୍ତି, ପ୍ଲାଜ୍‌ମା ଥେରାପି ବା ଚିକିତ୍ସା ବ୍ୟବସ୍ଥାକୁ ଅଧିକରୁ ଅଧିକ ଗୁରୁତ୍ୱ ଦିଆଯିବ ଓ ଏହାର ସୁଦୃଢ଼ୀକରଣ କରାଯିବ। ପ୍ଲାଜମା ଥେରାପି ମାଧ୍ୟମରେ ଚିକିତ୍ସା କାରଣରୁ ଓଡ଼ିଶାରେ କୋଭିଡ୍ ମୃତ୍ୟୁ ହ୍ରାସ ପାଇଛି। କେବଳ ସେତିକି ନୁହେଁ, ଗତ ୪୦ ଦିନ ମଧ୍ୟରେ ରାଜ୍ୟରେ ୬ଟି ପ୍ଲାଜମା ବ୍ୟାଙ୍କ ବି ସ୍ଥାପନ କରାଯାଇଛି। ଜୁଲାଇ ୧୫ ତାରିଖ ଦିନ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ପ୍ରଥମ ପ୍ଲାଜମା ବ୍ୟାଙ୍କ ପ୍ରତିଷ୍ଠା କରାଯାଇଥିଲା। ପରବର୍ତ୍ତୀ ସମୟରେ ଭୁବନେଶ୍ୱର, ରାଉରକେଲାର ଆଇଜିଏଚ୍, ବ୍ରହ୍ମପୁର ଏମ୍‌କେସିଜି, ବୁର୍ଲାସ୍ଥିତ ଭୀମସାର ଓ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଏଭଳି ସୁବିଧା ଦିଆଯାଇଛି। କେବଳ ସେତିକି ନୁହେଁ, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜରେ ପ୍ଲାଜମା ଆବଶ୍ୟକତାକୁ ଲକ୍ଷ୍ୟ କରି ବାଲେଶ୍ୱର ମେଡିକାଲ କଲେଜରେ ପ୍ଲାଜ୍‌ମା ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ୪୮୨ ଜଣ ଗୁରୁତର ଅସୁସ୍ଥଙ୍କ କ୍ଷେତ୍ରରେ ଏହାର ପ୍ରୟୋଗ କାରଣରୁ ଓଡ଼ିଶାରେ ଏବେ କୋଭିଡ୍ ମୃତ୍ୟୁ ସଂଖ୍ୟା ସର୍ବନିମ୍ନସ୍ତରରେ ଅର୍ଥାତ୍ ୦.୫୧ପ୍ରତିଶତରେ ପହଞ୍ଚିଛି। ଏଭଳି ଉତ୍ସାହଜନକ ଫଳାଫଳକୁ ନେଇ ରାଜ୍ୟ ସରକାର କୋଭିଡ୍ ଚିକିତ୍ସା କ୍ଷେତ୍ରରେ ଆଗକୁ ବଢୁଛନ୍ତି। ଏଣୁ ଅଧିକରୁ ଅଧିକ ସୁସ୍ଥ ରୋଗୀଙ୍କୁ ପ୍ଲାଜ୍‌ମା ଦାନ କରିବାକୁ ଉତ୍ସାହିତ କରାଯାଉଛି। ସମାନ୍ତରାଳ ଭାବରେ ଜିଲାସ୍ତରରେ ଥିବା ବ୍ଲଡ ବ୍ୟାଙ୍କକୁ ଅଧିକ ସକ୍ରିୟ କରାଯାଇଛି, ଯାହାଫଳରେ ସେମାନେ ଆଣ୍ଟିବଡ଼ିସ୍ତର ପରୀକ୍ଷା କରି ସଂପୃକ୍ତ ବ୍ୟକ୍ତି ପ୍ଲାଜ୍‌ମା ଦାନ କରିବାକୁ ଯୋଗ୍ୟ ନା ନାହିଁ, ତାହା ଜାଣିପାରିବେ।

ସଂପ୍ରତି କୋଭିଡ ପାଇଁ ପ୍ଲାଜ୍‌ମା ଚିକିତ୍ସା ପଦ୍ଧତିରେ ଭାରତ ନୁହେଁ, ସାରା ବିଶ୍ୱରେ ଓଡ଼ିଶା ଏକ ଅଗ୍ରଗଣ୍ୟ ସ୍ଥାନ ହାସଲ କରିପାରିଛି। ଓଡ଼ିଶାର ଡାକ୍ତର ଓ ମେଡିକାଲ ଟିମ୍‌ର ଦକ୍ଷତା ଓ ପ୍ରତିବଦ୍ଧତା ଯୋଗୁ ଏହା ସଫଳ ହୋଇପାରିଛି। କରୋନା ଲୋକମାନଙ୍କ ଭିତରେ ଛାତିଥରା ଅହେତୁକ ଭୟ ସୃଷ୍ଟି କରିଥିବାବେଳେ ସମଗ୍ର ବିଶ୍ୱରେ ଏହାର କାୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ତେବେ କରୋନା ଚିକିତ୍ସା ପାଇଁ ପ୍ଲାଜ୍‌ମା ଥେରାପି ଚିକିତ୍ସାକୁ ଗ୍ରହଣୀୟ ଭାବେ ବିଚାର କରାଯାଉଥିବାବେଳେ ଓଡ଼ିଶାରେ ଇତିମଧ୍ୟରେ ଆରମ୍ଭ ହୋଇଛି ପ୍ଲାଜ୍‌ମା ଥେରାପି। କରୋନାରୁ ସୁସ୍ଥ ହେଉଥିବା ରୋଗୀଙ୍କ ରକ୍ତ ସଂଗ୍ରହ କରାଯାଇ ଗୁରୁତର କରୋନା ରୋଗୀଙ୍କୁ ଯୋଗାଇ ଦିଆଯିବ, ଯାହାଦ୍ୱାରା ଅନେକ ମୂଲ୍ୟବାନ ଜୀବନ ବଞ୍ଚିପାରିବ। ଓଡ଼ିଶାରେ ରାଜ୍ୟର ଚାରୋଟି ପ୍ରମୁଖ ଚିକିତ୍ସା ଅନୁଷ୍ଠାନ ଯଥା କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, ଅଶ୍ୱିନୀ ହସ୍ପିଟାଲ, ଆଇଏମ୍‌ଏସ୍, ସମ୍ ହସ୍ପିଟାଲ ଓ କିମ୍ସ୍ ହସ୍ପିଟାଲରେ ପ୍ରାଥମିକ ପର୍ଯ୍ୟାୟରେ ଏହା ଆରମ୍ଭ ହୋଇଛି।

ଅତି ଗୁରୁତର ଅବସ୍ଥାରେ ଥିବା ରୋଗୀମାନଙ୍କ କ୍ଷେତ୍ରରେ କରୋନା ମୁକ୍ତ ହୋଇଥିବା ବ୍ୟକ୍ତିଙ୍କ ପ୍ଲାଜ୍‌ମା ଥେରାପି ଫଳପ୍ରଦ ହେଉଥିବା କୁହାଯାଉଛି। ରକ୍ତରେ ପ୍ଲାଜ୍‌ମା ବାଦ ଆରବିସି, ଡବ୍ଲ୍ୟୁବିସି ଓ ପ୍ଲାଟଲେଟ ରହିଛି। ତେବେ ଯେଉଁ କରୋନା ସଂକ୍ରମିତ ସୁସ୍ଥ ହୋଇ ସାରିଛନ୍ତି ତାଙ୍କ ଶରୀରରେ ଆଣ୍ଟିବଡ଼ି ସୃଷ୍ଟି ହୋଇଥାଏ। ଗୁରୁତର ରୋଗୀଙ୍କ ଶରୀରରେ ଏହି ଆଣ୍ଟିବଡ଼ି କରୋନା ଭୂତାଣୁ ସହ ଲଢ଼ିବାରେ ସାହାଯ୍ୟ କରିଥାଏ। ପ୍ଲାଜ୍‌ମା ହେଉଛି ରକ୍ତର ଲିକ୍ୟୁଇଡ଼ କମ୍ପୋନେଣ୍ଟ। କରୋନା ରୋଗୀ ସୁସ୍ଥ ହେବା ପରେ ସେମାନଙ୍କ ରକ୍ତର ପ୍ଲାଜ୍‌ମାରେ ଆଣ୍ଟିବଡ଼ି ତିଆରି ହୋଇଥାଏ। ଏହି ପ୍ଲାଜ୍‌ମାକୁ ଆଣି କରୋନା ଆକ୍ରାନ୍ତକୁ ଦିଆଗଲେ ଆଣ୍ଟିବଡ଼ି ଆକ୍ରାନ୍ତ ବ୍ୟକ୍ତିଙ୍କ ଚିକିତ୍ସାରେ ସହାୟକ ହେବ। ପ୍ଲାଜମା ଥେରାପି ଏବେ ନୁହେଁ। ୧୮୯୨ରୁ ଏହି ପ୍ରକ୍ରିୟାରେ ଚିକିତ୍ସା କରାଯାଉଛି। ଡିଫେରିଆ ନାମକ ରୋଗର ଚିକିତ୍ସା ପାଇଁ ପ୍ରଥମେ ପ୍ଲାଜ୍‌ମା ଥେରାପି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଇବୋଲା, ସ୍ୱାଇନ୍ ଫ୍ଲୁ, ସାର୍ସ ଭଳିରୋଗର ଚିକିତ୍ସା ପାଇଁ ମଧ୍ୟ ପ୍ଲାଜମା ଥେରାପି ଦିଆଯାଇଛି। ଆକ୍ରାନ୍ତ ସୁସ୍ଥ ହେବାର ୧୪ ଦିନ ପରେ ଯାଇ ପ୍ଲାଜ୍‌ମା ଦାନ କରିପାରିବେ। ୧୮ରୁ ୬୦ ବର୍ଷ ବୟସର ଲୋକଙ୍କଠାରୁ ପ୍ଲାଜ୍‌ମା ନିଆଯାଇପାରିବ। ବ୍ୟକ୍ତିର ଓଜନ ୫୦ କିଲୋରୁ କମ୍ ହୋଇ ନ ଥିବ। ପ୍ଲାଜ୍‌ମା ଦେବା ପୂର୍ବରୁ ସେ ସୁସ୍ଥ ଅଛନ୍ତି କି ନାହିଁ ଏହାକୁ ଦେଖିବାକୁ ହେବ। ପ୍ଲାଜ୍‌ମା ଦାତାଙ୍କଠାରୁ ମେଶିନ୍‌ରେ ରକ୍ତ ନିଆଯିବ। ତେବେ କେବଳ ପ୍ଲାଜ୍‌ମାକୁ ଗ୍ରହଣ କରିବା ପରେ ରକ୍ତ ପୁଣିଥରେ ବ୍ୟକ୍ତି ଦେହକୁ ଫେରି ଯିବ। ତିନି ମାସ ବ୍ୟବଧାନରେ ରକ୍ତଦାନ କରିବାକୁ ଥିବାବେଳେ ପ୍ଲାଜ୍‌ମା କିନ୍ତୁ ଜଣେ ସପ୍ତାହକୁ ଦୁଇଥର ଦାନ କରିପାରିବେ। ତେବେ ପ୍ଲାଜ୍‌ମା ଦାନ ପୂର୍ବରୁ ଏଚ୍‌ଆଇଭି, ହେପାଟାଇଟିସ୍ ବି ଓ ସି'ର ପରୀକ୍ଷା କରାଯିବ। ପ୍ଲାଜମାକୁ ଅଧିକ ଦିନ ଯାଏ ଷ୍ଟୋର କରି ମଧ୍ୟ ରଖିହେବ। ଜଣେ ଡୋନରଙ୍କଠାରୁ ନିଆଯାଇଥିବା ପ୍ଲାଜ୍‌ମାକୁ ଦୁଇଜଣଙ୍କୁ ଦିଆଯାଇପାରିବ। ବାସ୍ତବକଥା ହେଉଛି ଏକ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ହେଉଛି ପ୍ଲାଜ୍‌ମା। କରୋନା ସଂକ୍ରମିତମାନେ ସୁସ୍ଥତା ପାଇବା ପରେ ସେମାନଙ୍କ ଦେହରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ସେମାନଙ୍କ ରକ୍ତରୁ ପ୍ଲାଜ୍‌ମା ସଂଗ୍ରହ କରାଯାଇ ମୁମୂର୍ଷୁ ଅବସ୍ଥାରେ ଥିବା ରୋଗୀଙ୍କ ଶରୀରରେ ଏହାକୁ ପ୍ରୟୋଗ କରାଯାଇଥାଏ। ଦେଶବ୍ୟାପୀ ଏହି ଚିକିତ୍ସା ପଦ୍ଧତି ବିଭିନ୍ନ ରାଜ୍ୟରେ ସଫଳତା ପାଇପାରିଛି।

ଓଡ଼ିଶାରେ ସର୍ବପ୍ରଥମେ ଏସ୍‌ସିବି ମେଡିକାଲ କଲେଜ ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗ ପରିସରରେ ପ୍ଲାଜମା ବ୍ୟାଙ୍କ ପ୍ରତିଷ୍ଠା ହୋଇଛି। ବ୍ଲଡବ୍ୟାଙ୍କ ଉପରେ ଏହି ବ୍ୟାଙ୍କ ପ୍ରସ୍ତୁତ କରାଯାଇଛି। ହଜାରେ ୟୁନିଟ ପ୍ଲାଜ୍‌ମା ରଖିବାକୁ ବ୍ୟବସ୍ଥା କରାଯାଇଛି। ମାଇନସ୍ ୪୦ ଡିଗ୍ରୀ ସେଲସିୟସରେ ଏହାକୁ ରଖାଯିବ। ୧ବର୍ଷ ପର୍ଯ୍ୟନ୍ତ ଏହି ପ୍ଲାଜମା ସଂରକ୍ଷିତ ରହିପାରିବ। ପରେ ଅନ୍ୟ ହସ୍ପିଟାଲଗୁଡ଼ିକରେ ନିଜ ନିଜର ପ୍ଲାଜ୍‌ମା ବ୍ୟାଙ୍କ ପ୍ରତିଷ୍ଠା ପାଇଁ ସେମାନଙ୍କୁ ପ୍ରୋତ୍ସାହନ କରାଯିବ। ଏସ୍‌ସିବିରେ ରକ୍ତ ସଂଗ୍ରହ କରାଯିବା ପରେ ଅନ୍ୟ ଡାକ୍ତରଖାନାଗୁଡ଼ିକୁ ସଂରକ୍ଷିତ ରଖାଯିବା ପାଇଁ ପଠାଯିବ। ରାଜ୍ୟରେ ପ୍ଲାଜ୍‌ମା ଥେରାପି କାର୍ଯ୍ୟ କରିବା ପାଇଁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଡିଏମ୍‌ଇଟି ବିଧିବଦ୍ଧ ଭାବେ ଏକ ବୈଷୟିକ କମିଟି ଗଠନ କରାଯିବା ସହ ସେହିପରି କରୋନାରୁ ମୁକ୍ତ ହେଉଥିବା ରୋଗୀମାନଙ୍କ ସବିଶେଷ ତଥ୍ୟ ଓ ପ୍ଲାଜ୍‌ମା ଦେବାଲାଗି ଆଗ୍ରହୀ ବ୍ୟକ୍ତିଙ୍କ ସମ୍ବଳିତ ଏକ କେନ୍ଦ୍ରୀୟ ଡାଟାବେସ ଏସ୍‌ସିବିରେ ପ୍ରସ୍ତୁତ ହୋଇ ରହିବାର ବ୍ୟବସ୍ଥା ହୋଇଛି। ରାଜ୍ୟର ସମସ୍ତ କୋଭିଡ୍ ହସ୍ପିଟାଲଗୁଡ଼ିକ ପ୍ଲାଜମା ଦେବାଲାଗି ଇଚ୍ଛା କରୁଥିବା ବ୍ୟକ୍ତିଙ୍କଠାରୁ ତଥ୍ୟ ସଂଗ୍ରହ କରିବେ। କରୋନା ପାଇଁ ରୋଗପ୍ରତିରୋଧକ ଶକ୍ତି ମୂଳ ଅସ୍ତ୍ର ହୋଇଥିବାବେଳେ ପ୍ଲାଜ୍‌ମା ଥେରାପିକୁ ନେଇ ଚିକିତ୍ସା ମହଲରେ ଅନେକ ଆଶା ଓ ଉତ୍ସାହ ରହିବା ସ୍ୱାଭାବିକ।

ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ
ମୋ- ୯୪୩୭୦୫୧୯୫୭

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷା ଓ ରାଜନୀତି

ମହାଶୟ,

କରୋନା ପାଇଁ ସ୍କୁଲ ଓ କଲେଜ ସବୁ ବନ୍ଦ କରିଦେଲେ ସରକାର। ଏହି ଯେଉଁ ଅନ୍‌ଲାଇନ ପଦ୍ଧତିରେ ପାଠ ପଢ଼ା ଯାଉଅଛି ସିଏ ଗୋଟାଏ ନୂଆ ପଦ୍ଧତିର ଶିକ୍ଷାଦାନ ବୋଲି କହି ହେବ କି? ଧୁଆମୂଳା ଆଉ ଅଧୁଆ ମୂଳାରେ କିଛି ଫରକ ନ ରଖି ସରକାର ସିଦ୍ଧାନ୍ତ ନେଲେ ଯେ ସବୁ ପାସ୍। ଗୃହ କଳହଠାରୁ, ଠାକୁରପୂଜା, କ୍ରିକେଟ, ମେଡିକାଲ, ଶିକ୍ଷା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କୋର୍ଟ ନେଉଛନ୍ତି। ତା' ହେଲେ ବିଧାନସଭା, ଲୋକ ସଭା ଓ ରାଜ୍ୟ ସଭାର ନିଷ୍ପତ୍ତି କ'ଣ କିଛି ନୁହଁ। ଏହି ଅନ୍‌ଲାଇନ ଶିକ୍ଷା କାହିଁକି କରାଗଲା। ଲାଭ ଭିତରେ ପ୍ରଚୁର ସ୍ମାର୍ଟ ଫୋନ ବିକ୍ରିହେଲା ଓ ପିଲା ଗଛରେ ଚଢି ପାଠ ପଢିଲେ। ଏଭଳି ନିଷ୍ପତ୍ତି ନେବା ପୂର୍ବରୁ ଦେଶରେ ବିଜ୍ଞ ବ୍ୟକ୍ତିମାନଙ୍କୁ ପଚାରିବାର ନ ଥିଲା କି? ୧୯୧୮ ମହାମାରୀ ସମୟରେ କ'ଣ ଏହିଭଳି ପଦ୍ଧତି ଅବଲମ୍ବନ କରାଯାଇଥିଲା? ଶିକ୍ଷା ସହିତ ରାଜନୀତିକୁ ମିଶାଇ ଆମ୍ଭେମାନେ ପିଲାଙ୍କ ଭବିଷ୍ୟତକୁ ନଷ୍ଟ କରୁନୁ ତ?

**ସଂଜୟ କୁମାର ଶତପଥୀ, ଭୁବନେଶ୍ୱର**

### ଚିରନ୍ତନୀ

ଚରଣ ନ ଇଚ୍ଛେ ଚାଲିବା ଆଶେ
ମୁକତ ପଥେ
କରମ-କଠିନ ହେବାକୁ ହାତ
ନ ଚାହେଁ ସତେ?

(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବନ୍ଦେ ଭାରତରୁ ଏୟାର ଇଣ୍ଡିଆକୁ ୨୫୫୬ କୋଟି ରାଜସ୍ୱ**

ନୂଆଦିଲ୍ଲୀ: ଲକ୍‌ଡାଉନରେ ବିଦେଶରେ ଫସିଥିବା ଭାରତୀୟଙ୍କୁ ଫେରାଇ ଆଣିବା ଲାଗି କେନ୍ଦ୍ର ସରକାର ଆରମ୍ଭ କରିଥିବା 'ବନ୍ଦେ ଭାରତ ମିଶନ'ରେ ଏୟାର ଇଣ୍ଡିଆ ବିମାନ ସେବା ଯୋଗାଣ କରିଥିଲା। ଏହାଦ୍ୱାରା ଏୟାର ଇଣ୍ଡିଆକୁ ଅଗଷ୍ଟ ୩୧ ସୁଦ୍ଧା ୨,୫୫୬ କୋଟି ଟଙ୍କାର ରାଜସ୍ୱ ମିଳିଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ବୁଧବାର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବିମାନ କମ୍ପାନୀ ରାଜସ୍ୱ ୮୫.୭% କମିଛି

ନୂଆଦିଲ୍ଲୀ,୧୬।୯: ଆର୍ଥିକ ବର୍ଷ ୨୦୨୦-୨୧ର ପ୍ରଥମ ତ୍ରୈମାସରେ ବିମାନ କମ୍ପାନୀଗୁଡିକର ରାଜସ୍ୱ ୮୫.୭% ହ୍ରାସ ଘଟି ୩,୬୫୧ କୋଟି ରହିଛି। କୋଭିଡ୍-୧୯ ଯୋଗୁ ବିମାନ ସେବା ବାତିଲ ରହିବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ବୁଧବାର ସୂଚନା ଦେଇଛି। ଭାରତୀୟ ବିମାନ କମ୍ପାନୀଗୁଡିକରେ ମାର୍ଚ୍ଚରେ ୭୪,୮୮୭ କର୍ମଚାରୀ କାମ କରୁଥିଲେ। ଏଥିରେ ୭.୦୭% ହ୍ରାସ ଘଟି ୬୯,୫୮୯କୁ ରହିଥିବା ଜଣାପଡିଛି। ଏପ୍ରିଲ-ଜୁନ ସମୟରେ ଏୟାରପୋର୍ଟ ଅପରେଟରଙ୍କ କ୍ଷତି ୮୯୪ କୋଟି ଟଙ୍କା ରହିଛି। ସୂଚନାଯୋଗ୍ୟ, ଦେଶ ମଧ୍ୟରେ ବିମାନ ସେବା ମାର୍ଚ୍ଚ ୨୫ରୁ ମେ ୨୪ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ମେ ମାସ ୨୫ ଠାରୁ ପୁଣି ଥରେ ବିମାନ ସେବା ଉପଲବ୍ଧ ହେଉଛି। ୨୦୧୯ ଏପ୍ରିଲ-ଜୁନ ସମୟ ଅବଧିରେ ବିମାନ କମ୍ପାନୀଗୁଡିକର ରାଜସ୍ୱ ୨୫,୫୧୭ କୋଟି ରହିଥିଲା। ଏହା ଚଳିତ ଆର୍ଥିକ ବର୍ଷ ସମାନ ଅବଧିରେ ୩,୬୫୧ କୋଟିକୁ ଖସିଛି। ଏୟାର ଇଣ୍ଡିଆର ରାଜସ୍ୱ ୭,୦୬୬ କୋଟି ଟଙ୍କାରୁ ୧୫୩୧ ଟଙ୍କାକୁ ଖସିଛି। ସେହିଭଳି ମାର୍ଚ୍ଚ-ଜୁଲାଇ ଅବଧିରେ ଘରୋଇ ବଜାରର ଏୟାର ଟ୍ରାଫିକ ୧.୨ କୋଟିକୁ ଖସିଛି। ଏହା ଗତ ବର୍ଷ ସମାନ ଅବଧିରେ ୫.୮୫ କୋଟି ରହିଥିଲା।

# ଅର୍ଥ ବ୍ୟବସ୍ଥାର ସ୍ଥିତାବସ୍ଥା ଫେରୁଛି

**ଜରୁରୀ ପଦକ୍ଷେପ ନେଉଛି ଆର୍‌ବିଆଇ: ଶକ୍ତିକାନ୍ତ**




ନୂଆଦିଲ୍ଲୀ,୧୬।୯

କରୋନା ମହାମାରୀ ଯୋଗୁ ଘରୋଇ ବଜାର କ୍ଷତିଗ୍ରସ୍ତ ହୋଇ ରହିଛି। ଏଭଳି ସ୍ଥିତିରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ବୁଧବାର ଦେଶର ଶିଳ୍ପଜଗତକୁ ଆଶ୍ୱାସନା ଦେଇଛନ୍ତି। ସେ କହିଛନ୍ତି ଯେ, ଅର୍ଥ ବ୍ୟବସ୍ଥାରେ ସ୍ଥିତାବସ୍ଥା ଫେରୁଛି। ଅଭିବୃଦ୍ଧି ଧୀରେ ଧୀରେ ଫେରିବ। ଏହି ଧାରା ନିରନ୍ତର ହେବ। ଏଭଳି ବିଭିନ୍ନ ସ୍ଥିତିକୁ ନଜରରେ ରଖି କେନ୍ଦ୍ରୀୟ ବ୍ୟାଙ୍କ ବିଭିନ୍ନ ଜରୁରୀ ପଦକ୍ଷେପ ହାତକୁ ନେବାକୁ ପ୍ରସ୍ତୁତ ରହିଛି। ବଜାରରେ ନଗଦ ସୁନିଶ୍ଚିତ କରିବା ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ଶକ୍ତିକାନ୍ତ ଭରସା ଦେଇଛନ୍ତି।

ଶିଳ୍ପ ସଂଘ ଫିକିର ଏକ ଭର୍ଚୁଆଲ କନ୍‌ଫରେନ୍ସରେ ଶକ୍ତିକାନ୍ତ କହିଛନ୍ତି, କୋଭିଡ୍ ଯୋଗୁ ଅର୍ଥ ବ୍ୟବସ୍ଥାକୁ ଏକ ଶକ୍ତ ଧକ୍କା ଲାଗିଛି। ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଭାରତୀୟ ଅର୍ଥ ବ୍ୟବସ୍ଥା -୨୩.୯% ହ୍ରାସ ହୋଇଛି। ଏହା ସରକାରୀ ଡାଟାରୁ ଆକଳନ କରିହେବ। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସରେ କିଛି ମାତ୍ରାରେ ସ୍ଥିତାବସ୍ଥା ଫେରୁଥିବା ସେ ମତ ପ୍ରକାଶ କରିଛନ୍ତି। କୃଷିକ୍ଷେତ୍ର କାର୍ଯ୍ୟକଳାପ, ପରଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ ଏବଂ ନିଯୁକ୍ତି ଭଳି କ୍ଷେତ୍ରରେ ସ୍ଥିତାବସ୍ଥା ଫେରୁଛି। ସେହିଭଳି କ୍ଷତିଗ୍ରସ୍ତ ହୋଇଥିବା ଅନ୍ୟ କ୍ଷେତ୍ରଗୁଡିକରେ ଉନ୍ନତି ଧାରା ଫେରିବା ନେଇ ସେ ଆଶାବାଦୀ ରହିଥିବା କହିଛନ୍ତି।

ଅର୍ଥ ବ୍ୟବସ୍ଥା ଏବେ ସମ୍ପୂର୍ଣ୍ଣ ଭାବେ ଟ୍ରାକ୍‌କୁ ଫେରିପାରିନାହିଁ। ଘରୋଇ କ୍ଷେତ୍ର ମଧ୍ୟ ଅର୍ଥ ବ୍ୟବସ୍ଥାର ଉନ୍ନତି ଲାଗି ନିଜର ଯୋଗଦାନ ରଖିବାକୁ ଗଭର୍ନର ଆହ୍ୱାନ ଜଣାଇଛନ୍ତି।

# ଏସ୍‌ବିଆଇ-ଟାଇଟନ୍‌ର କଣ୍ଟାକ୍ଟଲେସ ପେମେଣ୍ଟ ୱାଚ୍

ଭୁବନେଶ୍ୱର,୧୬।୯

ଟାଇଟନ କମ୍ପାନୀ ଲିମିଟେଡ୍ ପକ୍ଷରୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ସହଯୋଗରେ ଏକ ଭିନ୍ନ ଧରଣର ୱାଚ୍ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା କଣ୍ଟାକ୍ଟଲେସ୍ ପେମେଣ୍ଟ ସୁବିଧା ମିଳିପାରିବ। ୟୁନୋ ଏସ୍‌ବିଆଇ ଦ୍ୱାରା 'ଟାଇଟାନ ପେ'କୁ ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ଯେକୌଣସି ସ୍ଥାନରୁ ବ୍ୟାଙ୍କର ୟୋନ ସୁବିଧା ସହାୟତାରେ କଣ୍ଟାକ୍ଟଲେସ କାରବାର କରିବା ସୁବିଧା ମିଳିବ। ଭାରତ ବଜାରରେ ଏହା ହେଉଛି ପ୍ରଥମ ୱାଚ ପଦ୍ଧତି ବ୍ୟବସ୍ଥା। ଏହାଦ୍ୱାରା ଏସ୍‌ବିଆଇ ଗ୍ରାହକମାନେ ଟାଇଟାନ ପେ ୱାଚ୍‌କୁ କଣ୍ଟାକ୍ଟଲେସ ପେମେଣ୍ଟ ପିଓଏସ୍ ମେଶିନରେ ଟ୍ୟାପ୍ କରି ପେମେଣ୍ଟ କରିବାକୁ ହେବ। ଫଳରେ ଏସ୍‌ବିଆଇ ବ୍ୟାଙ୍କ କାର୍ଡକୁ ସ୍ୱାଇପ୍ କିମ୍ବା ଇନ୍‌ସର୍ଟ କରିବାକୁ ପଡି ନ ଥାଏ। ନୂଆ ବ୍ୟବସ୍ଥାରେ ପ୍ରାୟ ୨୦୦୦ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ ଉପରେ କୌଣସି ପିନ୍ ଦେବାକୁ ପଡି ନ ଥାଏ। ଏହି ଘଡିରେ ନିଅର ଫିଲ୍ଡ କମ୍ୟୁନିକେସନ (ଏନ୍‌ଏଫ୍‌ସି) ଚିପ୍ ଲାଗିଛି। ଘଡିର ଷ୍ଟ୍ରାପ୍‌ରେ ଟାପି ଟେକ୍ନୋଲୋଜି ସହ ଏହାକୁ ସଂଯୋଗ କରାଯାଇଛି। ପ୍ରାୟ ୨ ନିଯୁତ କଣ୍ଟାକ୍ଟଲେସ ମାଷ୍ଟରକାର୍ଡ ପିଓସି ମେଶିନରେ ଏହି ସୁବିଧା ବ୍ୟବହାର ହୋଇପାରିବ। ପୁରୁଷଙ୍କ ଲାଗି ୩ଟି ଏବଂ ମହିଳାଙ୍କ ପାଇଁ ୨ଟି ଷ୍ଟାଇଲ ବର୍ଗରେ ଘଡି କମ୍ପାନୀ ବଜାରକୁ ଛାଡିଛି। ଏହି ୱାଚ୍‌ର ଦାମ ଯଥାକ୍ରମେ ୨୯୯୫ ଏବଂ ୫୯୯୫ ଟଙ୍କା ରହିଛି।

# ଟିକସ ସଂଗ୍ରହ ୨୨.୫% କମିଲା

**ଲକ୍‌ଡାଉନ୍ ପ୍ରଭାବ**

ନୂଆଦିଲ୍ଲୀ,୧୬।୯

ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସ ଶେଷ ସୁଦ୍ଧା କେନ୍ଦ୍ର ସରକାରଙ୍କ ମୋଟ ଟିକସ ସଂଗ୍ରହ ୨୨.୫% ହ୍ରାସ ଘଟିଛି। ସେପ୍ଟେମ୍ବର ୧୫ ସୁଦ୍ଧା ସରକାର ୨.୫୩ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି। ଏହା ମଧ୍ୟରେ ଅଗ୍ରିମ ଟିକସ ମଧ୍ୟ ସାମିଲ ରହିଥିବା ଆୟକର ବିଭାଗ ମୁମ୍ବାଇ ଜୋନର ଜଣେ ଅଧିକାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ଗତ ବର୍ଷ ଏହି ସମୟ ଅବଧିରେ ୩.୨୭ ଲକ୍ଷ କୋଟି ଟଙ୍କାର ଟିକସ ସଂଗ୍ରହ ହୋଇଥିଲା। ଅପରପକ୍ଷରେ ଚଳିତ ତ୍ରୈମାସରେ କେତେ ପରିମାଣରେ ଅଗ୍ରିମ ଟିକସ ସଂଗ୍ରହ ହୋଇଛି ସେ ନେଇ କୌଣସି ସୂଚନା ମିଳିପାରିନାହିଁ। ମିଳିଥିବା ତଥ୍ୟ ପ୍ରୋଭିଜନାଲ ହୋଇଥିବା ବେଳେ ବ୍ୟାଙ୍କଗୁଡିକ ଚୂଡାନ୍ତ ଡାଟାକୁ ଶୀଘ୍ର ଅପ୍‌ଡେଟ କରିବେ ବୋଲି ଜଣାପଡିଛି।

# ବିଭିନ୍ନ ବ୍ୟାଙ୍କ ପକ୍ଷରୁ ରାଜଭାଷା ମାସ

ଭୁବନେଶ୍ୱର, ୧୬।୯

ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପକ୍ଷରୁ ରାଜଭାଷା ମାସ ପାଳିତ ହୋଇଛି। ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପ୍ରବନ୍ଧକ ପ୍ରିୟବ୍ରତ ପଟ୍ଟନାୟକ ହିନ୍ଦୀ ଭାଷାର ବ୍ୟବହାର ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ। ବ୍ୟାଙ୍କର ଉପ ଆଞ୍ଚଳିକ ପ୍ରବନ୍ଧକ ଭରତ ବରାଡ ଏବଂ ଆର୍.ସି. ଦାସ ରାଜଭାଷାର ବ୍ୟବହାର ପାଇଁ ଆମକୁ ପ୍ରୟାସ କରିବାକୁ ହେବ ବୋଲି ମତ ରଖିଥିଲେ। ସେହିଭଳି ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ଭୁବନେଶ୍ୱର ଏବଂ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ମିଳିତ ଭାବେ ହିନ୍ଦୀ ଦିବସ ସମାରୋହ ବ୍ୟାଙ୍କର ଭୁବନେଶ୍ୱରସ୍ଥିତ ଷ୍ଟାଫ୍ ଟ୍ରେନିଂ ସେଣ୍ଟର ପରିସରରେ ପାଳିତ ହୋଇଯାଇଛି। ଏଥିରେ ଭାରତୀୟ ରାଜଭାଷା ପରିଷଦର ସେକ୍ରେଟାରୀ ଡ. ସୁବାସ ପାଣି ହିନ୍ଦୀ ଭାଷା ବିଶ୍ୱର ବହୁଳ ବ୍ୟବହାର ସମ୍ପର୍କରେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଅଞ୍ଚଳର କ୍ଷେତ୍ର ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ, କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଭୁବନେଶ୍ୱର ନାୟକ, ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଶୋଭନ ସେନଗୁପ୍ତା ଏବଂ ବାଲେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଶଙ୍କର ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ଖବର

# ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବ ବାଇକ୍ ଆମ୍ବୁଲାନ୍ସ



କୋରାପୁଟ ଜିଲା ସଦରମହକୁମାରେ ଆସି ପହଞ୍ଚି ଥିବା ବାଇକ୍ ଆମ୍ବୁଲାନ୍ସ।

କୋରାପୁଟ,୧୬।୯(ସ୍ୱ.ପ୍ର.)

କୋରାପୁଟ ଜିଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବ ବାଇକ ଆମ୍ବୁଲାନ୍ସ। ଏ ନେଇ ଜିଲାର ସଦର ମହକୁମାରେ ବୁଧବାର ୮ ଟି ବାଇକ ଆମ୍ବୁଲାନ୍ସ ପହଞ୍ଚିଛି। କେନ୍ଦ୍ରୀୟ ଅନୁଦାନରେ କ୍ରୟ କରାଯାଇଥିବା ଏହି ବାଇକ ଆମ୍ବୁଲାନ୍ସ ଦ୍ୱାରା ଅପହଞ୍ଚ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟ ରଖାଯାଇଛି ବୋଲି କୋରାପୁଟ ସିଡିଏମ୍‌ଓ ମକରନ୍ଦ ବେଉରା କହିଛନ୍ତି। ବାଇକ ଆମ୍ବୁଲାନ୍ସଗୁଡିକ କେଉଁ ଅଞ୍ଚଳକୁ ପଠାଯିବ ସେ ନେଇ ଆଲୋଚନା ପରେ ନିଷ୍ପତ୍ତି କରାଯିବ ବୋଲି ସେ କହିଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ବାଇକ ଆମ୍ବୁଲାନ୍ସ ସେବା ପରିଚାଳନା କରିବେ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ପାହାଡ ପର୍ବତ ଘେରା କୋରାପୁଟ ଜିଲାରେ ଅନେକ ଅପହଞ୍ଚ ଇଲାକା ରହିଛି। ସେଠାକାର ଲୋକେ ସ୍ୱାସ୍ଥ୍ୟ ସୁବିଧାରୁ ଏକ ପ୍ରକାର ବଞ୍ଚିତ ହୋଇ ରହିଛନ୍ତି। ଗମନାଗମନ ସୁବିଧା ନ ଥିବାରୁ ଏହି ଦୁର୍ଗମ ଅଞ୍ଚଳରେ ଆମ୍ବୁଲାନ୍ସ ସେବା ସ୍ୱପ୍ନ ଥିଲା। ରୋଗୀଙ୍କୁ ଖଟିଆ, ଭାରରେ ବୋହି ଡାକ୍ତରଖାନା ନେବାକୁ ପଡୁଥିଲା। ବିଭିନ୍ନ ସମୟରେ ରୋଗୀ, ଗର୍ଭବତୀଙ୍କ ମୃତ୍ୟୁ ହୋଇଥିବା ନଜିର ମଧ୍ୟ ରହିଛି। ଏହି ଅସୁବିଧା ସବୁ ଦୂର କରିବାକୁ କୋରାପୁଟରେ ବାଇକ୍ ଆମ୍ବୁଲାନ୍ସ ସେବା ଆରମ୍ଭ କରାଯାଉଛି।

# ସରକାରଙ୍କୁ ଭାଜପା, କଂଗ୍ରେସର ଟାର୍ଗେଟ୍

**କରୋନା ଆକ୍ରାନ୍ତ କଟକ-ଭୁବନେଶ୍ୱର ଆସିବା ପ୍ରସଙ୍ଗ**

ଭୁବନେଶ୍ୱର, ୧୬।୯(ବ୍ୟୁରୋ)

ରାଜ୍ୟରେ ହୁ ହୁ ହୋଇ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଥିବାବେଳେ ସରକାର କୋଭିଡ୍ କେୟାର ସେଣ୍ଟର ଏବଂ ଟିଏମ୍‌ସି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ। ସେହିପରି ବାହାର ଆକ୍ରାନ୍ତଙ୍କୁ କଟକ ଏବଂ ଭୁବନେଶ୍ୱରକୁ ନ ଆଣିବା ନେଇ ଉଠିଥିବା ପ୍ରସଙ୍ଗରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଓ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ରାଜ୍ୟ ସରକାରଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି। ନିଜ ପ୍ରତିକ୍ରିୟାରେ ତାରା କହିଛନ୍ତି, କୋଭିଡ୍ ପରିଚାଳନାରେ ସରକାର ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି। ରାଜ୍ୟରେ କରୋନା ସଂକ୍ରମିତ ଦ୍ରୁତଗତିରେ ବଢୁଥିବାବେଳେ ଗୋଟିଏ ପରେ ଗୋଟିଏ ସେଣ୍ଟର ବନ୍ଦ କରାଯାଉଛି। ଏହି ସବୁ କେନ୍ଦ୍ର ଲୋକଙ୍କ ଟଙ୍କାରେ ଚାଲିଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ଗୁରୁତର ରୋଗୀ କଟକ ଓ ଭୁବନେଶ୍ୱର ଆସୁଛନ୍ତି। ଯଦି ସେମାନେ ନ ଆସିବେ ତେବେ କ'ଣ ମରିବେ କି ବୋଲି ତାରା ପ୍ରଶ୍ନ କରିଛନ୍ତି। ସେହିପରି ବିରୋଧୀ ଦଳ ନେତା କହିଛନ୍ତି, ବାହାର ଜିଲା ରୋଗୀଙ୍କୁ କଟକ, ଭୁବନେଶ୍ୱର ଆସିବା ଲାଗି ମନା କରିବାକୁ କାହାରି ନୈତିକ ଅଧିକାର ନାହିଁ। ସମସ୍ତଙ୍କୁ ଉପଯୁକ୍ତ ଚିକିତ୍ସା ମିଳିବା ଉଚିତ। ଅନ୍ୟପଟେ ବିଜେଡି ବିଧାୟକ ପ୍ରଶାନ୍ତ ଜଗଦେବ କହିଛନ୍ତି, କରୋନା ଆକ୍ରାନ୍ତଙ୍କୁ ହୋମ୍ ଆଇସୋଲେସନରେ ରଖାଯାଉଛି। ବହୁ ସଂଖ୍ୟାରେ ଆକ୍ରାନ୍ତ କଟକ, ଭୁବନେଶ୍ୱର ଆସିଲେ ସମ୍ଭାଳିବା କଷ୍ଟକର ହୋଇପଡିବ।

# ସ୍କୁଲରେ ହେବ ପରିବାଚାଷ

**ମଧ୍ୟାହ୍ନଭୋଜନ ମାନ ବୃଦ୍ଧି, ପିଲାଙ୍କୁ କୃଷି ଜ୍ଞାନ ପ୍ରଦାନ ଲକ୍ଷ୍ୟ**

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ରାଜ୍ୟର ସରକାରୀ ସ୍କୁଲଗୁଡ଼ିକରେ ମଧ୍ୟାହ୍ନ ଭୋଜନର ଗୁଣବତ୍ତା ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ ଏଣିକି ସ୍କୁଲ ପରିସରରେ ପନିପରିବା ଚାଷ ହେବ। ସ୍କୁଲ କର୍ତ୍ତୃପକ୍ଷ ପରିବା ଚାଷ କରିବେ। ଉତ୍ପାଦିତ ପନିପରିବାରେ ହିଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେବ। ଏଥିପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି କିଚେନ ଗାର୍ଡେନ କନସେପ୍ଟ। ଏହି ନୂଆ ଯୋଜନା ଅନୁସାରେ ରାଜ୍ୟର ୪୩ ହଜାର ସ୍କୁଲକୁ ୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଥିବା ମଧ୍ୟାହ୍ନ ଭୋଜନ ଯୋଜନାର ରାଜ୍ୟ ନୋଡାଲ ଅଫିସର ଗଙ୍ଗାଧର ସାହୁ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ନୂତନ ଶିକ୍ଷା ନୀତି ଆଧାରରେ ଛାତ୍ରୀଛାତ୍ରଙ୍କୁ କୃଷି ଜ୍ଞାନ ପାଇବା ପାଇଁ ଏହା କରାଯାଇଛି। ମଧ୍ୟାହ୍ନ ଭୋଜନ ଅନ୍ତର୍ଗତ ଏହି ଯୋଜନାରେ ସ୍କୁଲ କର୍ତ୍ତୃପକ୍ଷ ଏବଂ ଛାତ୍ରୀଛାତ୍ର ମିଶି ପନିପରିବା ଚାରା ଲଗାଇବେ। ଜିଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ କିଟ୍ ଓ ବୈଷୟିକ ସହାୟତା ପ୍ରଦାନ କରାଯିବ। ଏଥିପାଇଁ ଜିଲାପାଳଙ୍କ ଅଧକ୍ଷତାରେ ଏକ କମିଟି ଗଠନ ହେବ। ବର୍ତ୍ତମାନ ସ୍କୁଲ ବନ୍ଦ ରହିଛି। ତେଣୁ କେବଳ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅମୃତଭଣ୍ଡା, ଟମାଟୋ, ଲେମ୍ବୁ ଭଳି ବିଭିନ୍ନ ପନିପରିବା ଚାରା ଲଗାଇବା ପାଇଁ କୁହାଯାଇଛି। କିନ୍ତୁ ସ୍କୁଲ ଖୋଲିଲେ ଛାତ୍ରୀଛାତ୍ରଙ୍କୁ ମଧ୍ୟ ଏଥିରେ ସାମିଲ କରାଯିବ। ବର୍ତ୍ତମାନ ଓଡ଼ିଶାର କିଛି ଜାଗାରେ ଆରମ୍ଭ ହୋଇଗଲାଣି। ମାଲକାନଗିରି, କନ୍ଧମାଳ, କେନ୍ଦୁଝର ଜିଲାରେ ଏହା ଫଳପ୍ରଦ ହୋଇଥିବା ଗଙ୍ଗାଧର ସାହୁ କହିଛନ୍ତି।

# ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ଉଚ୍ଚଶିକ୍ଷା ବିରୋଧୀ

ଭୁବନେଶ୍ୱର ୧୬।୯(ବ୍ୟୁରୋ)

"ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦"କୁ ଗତ ୪ରେ ରାଜ୍ୟ ସରକାର ତରବରିଆ ଭାବେ ମଞ୍ଜୁରୀ କଲେ। ଏପରିକି ଏହି ଅଧିନିୟମ ପ୍ରସଙ୍ଗରେ କୌଣସି ବୁଦ୍ଧିଜୀବୀ, ଶିକ୍ଷାବିତ୍‌ଙ୍କ ସହ ଆଲୋଚନା କଲେ ନାହିଁ ବୋଲି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଲେଖାଶ୍ରୀ କହିଛନ୍ତି, ଏହି ଅଧିନିୟମ ପାସ୍ ନ ହେଉଣୁ ରାଜ୍ୟର ଶିକ୍ଷା ସଚିବ ବିଶ୍ୱବିଦ୍ୟାଳୟଗୁଡିକର ଦୈନନ୍ଦିନ କାର୍ଯ୍ୟରେ ହସ୍ତକ୍ଷେପ କରିବା ଆରମ୍ଭ କରିଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଏହାଦ୍ୱାରା ରାଜ୍ୟରେ ଉଚ୍ଚ ଶିକ୍ଷାର ମାନ ହ୍ରାସ ପାଇବ। କୁଳପତି ଚୟନ ପ୍ରକ୍ରିୟା ରାଜ୍ୟପାଳଙ୍କ ଦ୍ୱାରା ସ୍ଥିରୀକୃତ ସର୍ଚ୍ଚ କମିଟି ଜରିଆରେ ହୋଇଥାଏ। "ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦" ଅନୁମୋଦନ ହେବା କ୍ଷଣି ଶିକ୍ଷା ସଚିବ ରାଜ୍ୟପାଳଙ୍କୁ ପତ୍ର ଲେଖି କୁଳପତି ପଦ ପାଇଁ ଆବେଦନକାରୀଙ୍କ ଦରଖାସ୍ତଗୁଡିକୁ ଦେବାକୁ କହିଥିଲେ।


**ZILLA SWASTHYA SAMITI, MAYURBHANJ**
**DISTRICT PROGRAMME MANAGEMENT UNIT, NATIONAL HEALTH MISSION**
E-mail: dpmumay@gmail.com

Advt. No. 5721 Date: 16.09.2020

**ADVERTISEMENT FOR FILLING UP OF DIFFERENT VACANT POSTS UNDER OMBADC**

No. E-248: Applications are invited from eligible candidates for filling up of the following positions under Odisha Mineral Bearing Area Development Corporation (OMBADAC) on contractual basis with monthly consolidated salay as noted against each and subject to renewal as per the project terms and conditions. The position is purely temporary and co-terminus with the project. Lower age limit for both the positions is 21 years and maximum 40 years as on Dt.01.09.2020. The cateogry wise vacant positions are mentioned below.

| Sl. No. | Name of the Positions | No. of Vacancies | Consolidated Remuneration (in Rs.) |
|---|---|---|---|
| 01 | Junior Entomologist (NVBDCP) | 10 | Rs.23,800/- |
| 02 | Manager-Accounts and MIS (NVBDCP) | 01 | Rs.23,800/- |

Interested candidates can log on to **www.mayurbhanj.nic.in** for details of vacancy, eligibility criteria, age, selection procedure, ToR & application form. The application in proper format with the requisite attachements should reach the CDM&PHO, Mayurbhanj-757001 by Dt.28.09.2020 till 5 P.M. through Regd. Post/Speed Post/Courier only. The envelope containing the application should be superscribed with "the application for the post of ______________". The undersigned reserves right to cancel the advertisement or any part of it without assigning any reason thereof.

**Sd./- Dr. Rupabhanu Mishra**
**Chief District Medical & PHO, Mayurbhanj**
**OIPR-10020/11/0006/2021**



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KORAPUT**

**Advt. No. 4599/DPMU/NHM/2020 Date: 16.09.2020**

**SHORT TENDER CALL NOTICE**

No. E-249: Sealed tenders are invited from registered suppliers/agencies for supply of A. Office Stationery and B. Printing & supply of different type of printing assignments and Hoardings to CDM & PHO, Koraput (NHM Wing) for a period of one year on an annual rate contract basis. Details regarding the items, terms & conditions and formats for submission of tender may be downloaded from the website: **www.koraput.nic.in**. The tenders should reach the office of the undersigned by 03.10.2020 till 11.00 A.M. The undersigned reserves the right to reject any or all the tenders without assigning any reason thereof.

**Sd./- CDM & PHO-cum-**
**District Mission Director, Koraput**
**OIPR-10077/11/0004/2021**



No. C-134

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, PUBLIC HEALTH DIVISION, JHARSUGUDA, ODISHA**
**E-mail id: - eephjsg@gmail.com**

**NATIONAL COMPETITIVE BIDDING THROUGH e-Procurement**

**Bid Identification No. EEPHJSG- 05 /2020-21 Dt. 15.09.2020**

| | | |
|---|---|---|
| 01. | Number of Work | 6 Nos. |
| 02. | Type of Bid | Double Cover (Technical & Financial) |
| 03. | Estimated Cost | Rs. 504.28 lakhs to Rs.833.97 lakhs (Excluding GST) |
| 04. | Period of Completion | 4 (Four) Calendar Months |
| 05. | Class of Contractor | Manufacturer |
| 06. | Date & Time of availability of bid document in the portal | From 11.00 hrs. of dt. 24.09.2020 to 15.00 hrs. of 14.10.2020 |
| 07. | Last date / time of seeking clarification | 17.00 hrs. of 10.10.2020 |
| 08. | Last date / time of receipt of bids in the portal | 17.00 hrs. of 14.10.2020 |
| 09. | Date & Time of opening of Technical bids | At 11.00 hrs. of 15.10.2020 |
| 10. | Name and Address of the Officer Inviting Bid | Executive Engineer, P.H. Division, Jharsuguda, Black Diamond College Road, Near DHH, Jharsuguda, At – Balijori, Dist-Jharsuguda-768 203. |

Further details can be seen from the e-Procurement portal **"http://www.tendersorissa.gov.in"**.

**Sd./- Executive Engineer,**
**P.H. Division, Jharsuguda**
**OIPR-13057/11/0002/2021**



ODISHA INDIA'S BEST KEPT SECRET.

**Dept. of Tourism**
**Government of Odisha**
**Paryatan Bhavan, Museum Complex, Lewis Road, Bhubaneswar - 751014**
**Phone: (0674) 2432177**
**www.dot.odishatourism.gov.in**

No. 6932 / TCT-TSP-FEST-0025/2020 Date: 16.09.2020

**TENDER NOTICE**

**RFP FOR SELECTION OF OPERATOR(S) FOR ORGANISING ECO RETREATS (GLAMPING EVENT) 2020-21 AT MULTIPLE LOCATIONS IN ODISHA THROUGH VIABILITY GAP FUNDING (VGF) MODE**

**No. R-09:-** Department of Tourism, Government of Odisha invites proposals from reputed agencies for organizing Eco Retreats (Glamping Event) 2020-21 at Multiple Locations in Odisha through Viability Gap Funding (VGF) mode. Interested bidders may download the RFP document from tender section of Department of Tourism website - https://dot.odishatourism.gov.in/?q=tender.

Due date and time for submision of bids: **09 October 2020, 12 Noon.**

**Sd./- Director, Tourism &**
**Additional Secretary to Government**
OIPR-37001/11/0010/2021



FAKIR MOHAN UNIVERSITY

**FAKIR MOHAN UNIVERSITY**
**VYASA VIHAR, NUAPADHI, BALASORE-756020**
**No.FMU/UTILITY/22/2020/5492 Date:16.9.20**

**TENDER CALL NOTICE**

Sealed tenders are invited from travel firms / Bus owners for supply of Seven (7) Nos. of buses on hired basis to Fakir Mohan University, Balasore. For details interested parties may visit University website: **www.fmuniversity.nic.in**

By order of Vice Chancellor
**Sd./- Registrar**



**DIRECTORATE OF ECONOMICS AND STATISTICS**
**Parisankhyan Bhawan, Unit - 5, Heads of Deptt. Building Campus, Odisha, Bhubaneswar**
**No. DES-PUR-149/2020**
**Dated, Bhubaneswar, the Sept./2020**

**TENDER FOR SALE OF OLD FURNITURES**

No. X-05: Some damaged & Old unserviceable office Steel Furniture, Steel Almirah, Wooden Furniture etc. of Directorate of Economics & Statistics, Odisha, Bhubaneswar - 751001 will be put to public auction through sealed cover tender process. The intending bidder/tenderers are requested to submit their offer price of individual article by Registered Post or Speed Post/SPL, Messenger. Which will be received by this Office on or before 3 P.M. of dated 06.10.2020. The tender will be opened at 3.30 P.M. at the same day in presence of the bidder/tenderers of the authorized representative. The bidder/tenderers are requested to visit website of the **Directorate of Economics & Statistics, Odisha, Bhubaneswar. www.desorissa.nic.in** for the details of offset price of individual articles and other terms and condition of auction sale.

**Sd./- Director**
**OIPR-21002/11/0003/2021**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, Bhawanipatna**

**NOTICE**

**FOR PRADHAN MANTRI GRAM SADAK YOJANA**
**NATIONAL COMPETITIVE BIDDING THROUGH "e"-Procurement**
**Bid identification No. BPT/Online-01/2020-21**

**No. O-357:- The Superintending Engineer, Rural Works Circle, Bhawanipatna on behalf of Odisha State Rural Road Agency invites the percentage rate bids** in electronic tendering system for construction of roads under Pradhan Mantri Gram Sadak Yojana in the districts of **Kalahandi for 02 Packages (Two)** number of packages with estimated cost totalling to **Rs.31.05 Cr (Approximate)** including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract. Date of release of Invitation for Bids through e-procurement. **Dtd.18.09.2020.**

**Availability of Bid Documents and mode of submission:** The bid document is available online and should be submitted online in www.pmgsytenders.gov.in. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB in the O/o the Engineer-In-Chief, Rural Works (PMGSY Branch), Odisha, Bhubaneswar/Superintending Engineer, Rural Works Circle, Bhawanipatna/ Concerned Executive Engineers, R.W.Division (As per Tender Call Notice), **on a date not later than three working days after the opening of technical qualification part of the Bid, either by registered post or by hand,** failing which the bids shall be declared non-responsive.

**Last Date/ Time for receipt of bids through e-procurement: 05.10.2020 up to 5.00 P.M**

**For further details and corrigendum/addendum (if any) please log on to www.pmgsytenders.gov.in.**

**Sd./- Superintending Engineer, R.W.Circle, Bhawanipatna**
OIPR-25102/11/0001/2021

## ବିନା ମାସ୍କଧାରୀଙ୍କଠାରୁ ଜରିମାନା ଆଦାୟ

ସୋର,(ଡି.ଏନ୍.ଏ.)-ବାଲେଶ୍ୱର ଜିଲା ସୋର ପୋଲିସ ପକ୍ଷରୁ ନିୟମ ଉଲ୍ଲଂଘନ କରୁଥିବା ବିନା ମାସ୍କଧାରୀଙ୍କ ଠାରୁ ଜରିମାନା ଆଦାୟ କରାଯାଉଛି। ସୋର ଥାନା ଭାରପ୍ରାପ୍ତ ଅଧିକାରୀ ମଧୁମିତା ମହାନ୍ତିଙ୍କ ନିର୍ଦ୍ଦେଶରେ ମାସ୍କ ପିନ୍ଧି ନ ଥିବା ସହ ୩ ଜଣଙ୍କୁ ବସାଇ ବାଇକରେ ଯାଉଥିବା ଆରୋହୀଙ୍କ ଠାରୁ ୭ ହଜାର ଟଙ୍କା ଜରିମାନା କରାଯାଇଛି।

**ସଂକ୍ଷେପରେ**

## ଅନିୟମିତତା ପ୍ରତିବାଦରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

ପାଟଣା,୧୬।୯(ସ୍ୱ.ପ୍ର.)-କେନ୍ଦୁଝର ଜିଲା ସାହାରପଡା ବ୍ଲକ ଖଜିରାପାଟ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତାକୁ ନେଇ ବୁଧବାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରି ହରିହର ମହାନ୍ତ ଓ ଜିଆରଏସ୍ ଅକ୍ଷୟ ମହାନ୍ତ ଉପସ୍ଥିତ ଥିବାବେଳେ ଉତ୍ତ୍ୟକ୍ତ ଲୋକେ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ସୂଚନା ଯୋଗ୍ୟ ଯେ, ଉକ୍ତ ପଞ୍ଚାୟତରେ ସରକାରୀ ଉନ୍ନୟନ କାର୍ଯ୍ୟ, ଏମଜିଏନ୍ଆର୍ଇଜିଏସ୍ କାର୍ଯ୍ୟ ଓ ଆବାସ ଯୋଜନାରେ ଦୁର୍ନୀତି ପ୍ରତିବାଦରେ ସାହାରପଡା ବିଡିଓଙ୍କ ନିକଟରେ ପଞ୍ଚାୟତର ୱାର୍ଡମେମ୍ବରମାନେ ପୂର୍ବରୁ ଅଭିଯୋଗ କରିଥିଲେ। ଏହାର ସମାଧାନ ହୋଇ ନ ଥିବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଖବର ଲେଖାହେବା ସୁଦ୍ଧା ଚାପା ଉତ୍ତେଜନା ଲାଗି ରହିଛି।

## ବିଦାୟ ନେଲେ ଟୋକା, ପିଲା ଗଣେଶ

ଭଦ୍ରକ ଅଫିସ, ୧୬।୯: ଦୀର୍ଘ ୧ ମାସ ପୂଜା ପରେ ପୁରୁଣାବଜାରରେ ପୂଜା ପାଇ ଆସୁଥିବା ଟୋକା ଗଣେଶ ରୀତିନୀତି ଅନୁଯାୟୀ ବୁଧବାର ପୂଜା ମଣ୍ଡପରୁ ବିଦାୟ ନେଇଛନ୍ତି। ସୂଚନା ଥାଉକି, କୋଭିଡ୍ କଟକଣା କାରଣରୁ କେବଳ ପୂଜା କମିଟି କର୍ମକର୍ତ୍ତା ଓ ଗାଁର ସୀମିତ ଲୋକଙ୍କୁ ନେଇ ଘଣ୍ଟଘଣ୍ଟା ବାଦ୍ୟରେ ଗଣେଶଙ୍କୁ ସାଳନ୍ଦୀ ନଦୀ ଗାନ୍ଧୀଆଶ୍ରମ ଘାଟରେ ବିଦାୟ ଦିଆଯାଇଛି। ମଙ୍ଗଳବାର କୁଆଁସରେ ପୂଜା ପାଇ ଆସୁଥିବା ପ୍ରସିଦ୍ଧ ପିଲା ଗଣେଶଙ୍କୁ ମଧ୍ୟ ବିଦାୟ ଦିଆଯାଇଛି। ଭଦ୍ରକ ସହରରେ ଏହି ଗଣେଶ ପୂଜା ପ୍ରସିଦ୍ଧି ଲାଭ କରି ଆସିଛି।

## ନିରାଡ଼ମ୍ବର ଭାବେ ହେଲା ଦେବଶିଳ୍ପୀଙ୍କ ପୂଜା

କେନ୍ଦୁଝର/ପାଟଣା/ଢେଙ୍କିକୋଟ, ୧୬।୯ (ସ୍ୱ. ପ୍ର./ ଡି.ଏନ୍.ଏ.)- କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ୧୫ନମ୍ବର ୱାର୍ଡ କେନ୍ଦୁପୋଶି ପାତ୍ର ସାହି ବିଶେଶ୍ୱର କ୍ଲବ ପକ୍ଷରୁ ୨୬ତମ ବିଶ୍ୱକର୍ମା ପୂଜା କୋଭିଡ କଟକଣାକୁ ଦୃଷ୍ଟିରେ ରଖି ନିରାଡମ୍ବର ଭାନେ ଅନୁଷ୍ଠିତ ହୋଇଯାଇଛି। ସେହିପରି ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ନିରାଡ଼ମ୍ବର ଭାବେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ମୁଖ୍ୟାଳୟ ସ୍ଥିତ ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ, ପୁଟୁଳିଆ ସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ, ବୈତରଣୀ ରାଇସ ମିଲସରେ ବିଶ୍ୱ କର୍ମା ପୂଜା ନୀତି କାନ୍ତିରେ ସମ୍ପନ୍ନ ହୋଇଛି। ସେହିପରି ଢେଙ୍କିକୋଟ ନେସ୍କୋ ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ ପରିସରରେ ମଧ ନିରାଡ଼ମ୍ବର ଭାବେ ଜୁନିୟର ଇଞ୍ଜିନିୟର ଦେବାଶିଷ ସ୍ୱାଇଁଙ୍କ ସଂକଳ୍ପରେ ଦେବଶିଳ୍ପୀଙ୍କୁ ପୂଜା କରାଯାଇଛି। ଏହି ପୂଜାକୁ ଲାଇନମ୍ୟାନ ବିରେନ କୁମାର ଜେନା ପରିଚାଳନା କରିଥିବା ବେଳେ ସୁଶୀଲ ଓ ଅଶୋକ ସହଯୋଗ କରିଥିଲେ।

# ପାହାଡ଼ିଆ ପନିପରିବା ପାଇ ଗ୍ରାହକ ଖୁସି

କେନ୍ଦୁଝର, ୧୬।୯ (ସ୍ୱ.ପ୍ର.)

କରୋନା କଟକଣା କୋହଳ ହେବା ପରେ ଏବଂ ଯାତ୍ରୀବାହୀ ଗାଡି ଚଳାଚଳ କରିବା ଫଳରେ ଜିଲାରେ ସ୍ୱାଭାବିକ ଅବସ୍ଥା ଫେରୁଛି । ମଲ, ଦୋକାନବଜାର ଆଦି ଖୋଲିବା ଫଳରେ ଜନଗହଳି ହେଉଛି । ଗ୍ରାମାଞ୍ଚଳର ଚାଷୀ, ମୂଲିଆ ତଥା ଛୋଟଛୋଟ ବ୍ୟବସାୟ କରୁଥିବା ଲୋକଙ୍କ ଯାତାୟାତ ବଢୁଛି । ଏଭଳି ପରିସ୍ଥିତିରେ ଖାଲି ଖାଲି ଲାଗୁଥିବା କେନ୍ଦୁଝର ସହରର ରାସ୍ତାଘାଟ ଏବେ ବନବାସୀଙ୍କ ଆଗମନ ଯୋଗୁ ସକାଳୁ ସେମାନଙ୍କ ଆବଶ୍ୟକତା ପୂରଣ ହେଲାଭଳି ଲାଗୁଛି। କେନ୍ଦୁଝର ଜିଲାରୁ ସରକାର କୋଟି କୋଟି ଟଙ୍କା ରାଜସ୍ୱ ପାଉଥିଲେ ମଧ୍ୟ ଆଜିବି ଏହି ଜିଲାର ଅନେକ ଅଞ୍ଚଳ ବିକାଶଠାରୁ ବହୁତ ପଛରେ। କେନ୍ଦୁଝରବାସୀ ପାହାଡ଼ି ଲୋକଙ୍କଠାରୁ ଜୈବିକ ପନିପରିବା ପାଉଛନ୍ତି। କିନ୍ତୁ ବନବାସୀମାନେ କୌଣସି ସୁବିଧା ପାଉନାହାନ୍ତି।

ବନବାସୀମାନେ ପାହାଡ ଜଙ୍ଗଲରୁ ସଂଗୃହୀତ ଫଳମୂଳ, ଜଙ୍ଗଲଜାତ ଦ୍ରବ୍ୟ ଓ ଚାଷ କରିଥିବା ବିଭିନ୍ନ ପ୍ରକାରର ପତ୍ର, ଦାନ୍ତକାଠି, ମକା, କାକୁଡ଼ି, ଜହ୍ନି, କଲରା, ଅମୃତଭଣ୍ଡା, କଦଳୀ ଆଦି ଧରି ଆସି ସହରର ବିଭିନ୍ନ ସ୍ଥାନରେ ବସି ବିକ୍ରି କରିଥିବା ଦେଖିବାକୁ ମିଳୁଛି। ଖାଉଟୀମାନେ ମଧ୍ୟ ବିନା ସାରରେ ଉତ୍ପାଦିତ ପାହାଡ଼ିଆ ଫଳମୂଳ ଓ ପନିପରିବା ପାଇ ବେଶ ଖୁସି ବ୍ୟକ୍ତ କରୁଛନ୍ତି। ତେବେ ପ୍ରଶାସନର କୋହଳ ବ୍ୟବସ୍ଥା ଯୋଗୁ ବେପାରୀଙ୍କ ପ୍ରାଦୁର୍ଭାବ

**ଫେରୁଛି ସ୍ୱାଭାବିକ ଅବସ୍ଥା**

ବଢୁଥିବାରୁ ବନବାସୀମାନେ କ୍ଷତିଗ୍ରସ୍ତ ହେଉଥିବାରୁ ସେମାନଙ୍କୁ ସେମାନେ କିଭଳି ଉଚିତମୂଲ୍ୟ ପାଇବେ ସେଥିପାଇଁ ସରକାର ବ୍ୟବସ୍ଥା କରିବାକୁ ଖାଉଟି ତଥା ସାମାଜିକ କର୍ମୀମାନେ ଦାବି କରୁଛନ୍ତି । ସେହିପରି ଶୀତଳ ଭଣ୍ଡାର ନ ଥିବାରୁ ବନବାସୀମାନେ ବଳକା ଫଳମୂଳ, ପନିପରିବା ସାଇତି ରଖିପାରୁନାହାନ୍ତି। ବଳକା ସାମଗ୍ରୀକୁ ପୁଣି ଥରେ ବୋହିକି ନେବା କଷ୍ଟକର ହେଉଛି। ଏଣୁ ବାଧ ହୋଇ ସେମାନେ କମ ଦରରେ ବିକିଦେଉଛନ୍ତି କିମ୍ବା ବାହାରେ ଫୋପାଡ଼ି ପଳାଇଯାଉଛନ୍ତି।



ସେମାନେ ସେଭଳି ପରିଶ୍ରମ ମୁତାବକ ଲାଭ ପାଇପାରୁନାହାନ୍ତି ବୋଲି ବନବାସୀ ରମେଶ ନାଏକ କହିଛନ୍ତି। ଏପରିକି ବର୍ଷା ଖରାରେ ବିଶ୍ରାମ ନେବାକୁ ଜାଗା ନାହିଁ। ରାତି ହେଲେ ଆଶ୍ରୟ ପାଇଁ ବ୍ୟବସ୍ଥା ନାହିଁ । ଏଣୁ ଅନେକ ସମୟରେ ନିର୍ଯାତିତ ଓ ହଇରାଣ ହରକତ ହେବାକୁ ପଡୁଛି ବୋଲି ସେମାନେ କହିଛନ୍ତି।

## କେନାଲରେ ପଡ଼ିଲେ ୨ ହାତୀ ଛୁଆ

ଚମ୍ପୁଆ,୧୬।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅଧୀନ ଜାମୁଦଲକଠାରେ ଏକ କେନାଲରେ ୨ ହାତୀଛୁଆ ପଡ଼ିଯାଇଥିଲେ। ଲୋକମାନେ ବନ ବିଭାଗକୁ ଖବର ଦେବାପରେ ଏକ ଜେସିବି ସାହାଯ୍ୟରେ ୩ଘଣ୍ଟାର ପରିଶ୍ରମ ପରେ ୨ ହାତୀ ଛୁଆଙ୍କୁ ଉଦ୍ଧାର କରାଯାଇଛି।

ସୂଚନା ଅନୁଯାୟୀ, କିଛିଦିନ ହେବ ଚମ୍ପୁଆ ରେଞ୍ଜରେ ୨୨ଗୋଟି ହାତୀ ଉପଦ୍ରବ ଚଳାଇଥିଲେ। ଫଳରେ ରାତି ହେଲେ ଗ୍ରାମବାସୀ ଘର ଦ୍ୱାର ଛାଡି ନିଜ ଚାଷ ଜମି ଜଗିବାକୁ ବାହାରି ପଡୁଛନ୍ତି। ଗତ ମଙ୍ଗଳବାର ଏହି ହାତୀପଲ କଇଁତା ଜଙ୍ଗଲରୁ ଅଡଙ୍ଗାପାଳ ଅଞ୍ଚଳକୁ ଯାଉଥିବା ବେଳେ ଜଡ଼ିପଦାଠାରେ ଚାଷୀମାନେ ସେମାନଙ୍କୁ ଅଟକାଇଥିଲେ। ଫଳରେ ହାତୀପଲ ଜାମୁଦଲକ ଅଞ୍ଚଳ ଦେଇ ସତହଳିଆ ମୁକୁନ୍ଦପୁର ଅଞ୍ଚଳକୁ ଯିବା ସମୟରେ କାନପୁର କେନାଲରେ ଦୁଇ ହାତୀ ଛୁଆ ପଡ଼ିଯାଇଥିଲେ। ବନ ବିଭାଗର କହିବା ଅନୁଯାୟୀ ଦୁଇଟି ହାତୀ ଅନେକ ସମୟ ଧରି ଉକ୍ତ ସ୍ଥାନରେ ଠିଆ ହେବାରୁ ବନ ବିଭାଗର

**୩ ଘଣ୍ଟା ପରିଶ୍ରମ ପରେ ବନକର୍ମଚାରୀ, ଗ୍ରାମବାସୀ କଲେ ଉଦ୍ଧାର**

ସନ୍ଦେହ ହୋଇଥିଲା। କେନାଲ ପାଖକୁ ଯାଇ ହାତୀ ଛୁଆ ଦୁଇଟି କେନାଲରେ ପଡ଼ିଯାଇଥିବା ଦେଖିବାକୁ ପାଇ ବନରକ୍ଷୀ ପୁତୁଲୁ ନାଏକ ଚମ୍ପୁଆ ରେଞ୍ଜର୍ ଘାସିନାଥ ପାତ୍ରଙ୍କୁ ସୂଚନା ଦେଇଥିଲେ। ସ୍ଥାନୀୟ ଲୋକ ଓ ବନ ବିଭାଗ ମିଳିତ ଭାବେ ନିକଟସ୍ଥ ଗ୍ରାମରୁ ଏକ ଜେସିବି ଆଣି ଉକ୍ତ କେନାଲରେ ମାଟି ଭର୍ତ୍ତି କରି ହାତୀ ଛୁଆ ଦୁଇଟିଙ୍କୁ ଉଦ୍ଧାର କରିଥିଲେ। ପରେ ଜଗି ରହିଥିବା ହାତୀପଲ ଛୁଆ ଦୁଇଟିଙ୍କୁ ଧରି ମୁକୁନ୍ଦପୁର ବୈତରଣୀ ନଦୀ କୂଳ ଜଙ୍ଗଲକୁ ପଳାଇଥିଲେ।

# ୪ ପଞ୍ଚାୟତରେ ଫସଲ କ୍ଷୟକ୍ଷତି ଆକଳନ



ବୋଡ଼କଠାରେ ଅଧିକାରୀମାନେ କ୍ଷତିଗ୍ରସ୍ତ ଚାଷ ଜମି ଦେଖୁଛନ୍ତି।

ଆରଡି,୧୬।୯(ଡି.ଏନ୍.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ସୁନ୍ଦରପୁର, ଓଳଗ, ନାନ୍ଦପୁର, ଆରଡ଼ି ଆଦି ପଞ୍ଚାୟତରେ ବନ୍ୟା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ପ୍ରାୟ ୧୦ ଦିନ ଧରି ବନ୍ୟାଜଳରେ ଫସଲ ବୁଡ଼ି ରହିଥିଲା। ବନ୍ୟା ଛାଡ଼ିବା ପରେ ଏହି ୪ ପଞ୍ଚାୟତରେ ଥିବା ସମସ୍ତ ଗାଁରେ ଫସଲହାନି ହୋଇଥିବା ଦେଖିବାକୁ ମିଳିଥିଲା । କାଁ ଭାଁ କିଛି ଚାଷଜମିରେ ଅଳ୍ପକିଛି ଫସଲ ଥିଲାବେଳେ ଅଧିକାଂଶ ଚାଷଜମିରେ ୮୦ରୁ ପ୍ରତିଶତରୁ ଅଧିକ ଫସଲହାନି ହୋଇଥିବା ଚାଷୀମାନେ କୃଷି ଅଧିକାରୀଙ୍କୁ ଅବଗତ କରିଥିଲେ। ଫସଲ କ୍ଷୟକ୍ଷତିର ଆକଳନ କରିବାକୁ ବୁଧବାର ବିଭାଗୀୟ ଅଧିକାରୀମାନେ ଓଳଗ ପଞ୍ଚାୟତର ବୋଡ଼କ, ଷାଠିବାଙ୍କୁଡ଼ା, ଓଳଗ, ସୁନ୍ଦରପୁର ପଞ୍ଚାୟତର କୁଳେଇପଦା, ଖଟୁଆପାଟଣା, ପାରଡ଼ିଆ, ନାନ୍ଦପୁର ପଞ୍ଚାୟତର ବାଙ୍କମୁହାଁ, ନାନ୍ଦପୁର, କୋଇଲଖା,ଆରଡ଼ି ପଞ୍ଚାୟତର ମୁଆଁ ଓ ସନ୍ତରା ଆଦି ଗାଁର ଚାଷଜମି ବୁଲି ଦେଖିଥିଲେ। ଖୁବଶୀଘ୍ର ଚାଷୀମାନଙ୍କୁ ଫସଲ ବୀମା ସହ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଅଧିକାରୀମାନେ କହିଥିଲେ । ଚାନ୍ଦବାଲି ଅତିରିକ୍ତ ତହସିଲଦାର ପ୍ରଶାନ୍ତ ମହାରଣା, ବ୍ଲକ କୃଷି ଅଧିକାରୀ ବୈରାଗୀ ଚରଣ ସେଠୀ, ଜିଲା ଇନ୍ସ୍ୟୁରାନ୍ସ ସମନ୍ୱୟ ଅଧିକାରୀ ପାଣ୍ଡବ କୁମାର, ବ୍ଲକ ସହକାରୀ କୃଷି ଅଧିକାରୀ ଚୌଧୁରୀ ଜେନା, ଆରଡ଼ି ରାଜସ୍ୱ ନିରୀକ୍ଷକ ଦେବାଶିଷ ରାୟ, ଗ୍ରାମ କୃଷିକର୍ମୀ ରଞ୍ଜିତା ପଣ୍ଡା ପ୍ରମୁଖ ଫସଲ କ୍ଷୟକ୍ଷତିର ରିପୋର୍ଟ ପ୍ରସ୍ତୁତ କରିଥିଲେ।

## ବେଆଇନ ଲଘୁ ଖଣିଜ ସମ୍ପଦ ମହଜୁଦ
## ୪ କ୍ରଶର ସିଲ, ୪କୁ ନୋଟିସ

କେନ୍ଦୁଝର, ୧୬।୯ (ସ୍ୱ.ପ୍ର.)

କେନ୍ଦୁଝର ସଦର ତହସିଲ ଅଞ୍ଚଳରେ ଦୀର୍ଘ ମାସ ହେଲା ବିନା କ୍ୱାରୀରେ ଚାଲିଆସୁଥିବା ୪ ଟି ଷ୍ଟୋନ କ୍ରଶରକୁ ସଦର ତହସିଲଦାର ଆଶିଷ ମହାପାତ୍ରଙ୍କ ନିର୍ଦ୍ଦେଶରେ ସିଲ୍ କରାଯାଇଥିବା ବେଳେ ଅନ୍ୟ ୪ଟିକୁ ନୋଟିସ୍ ଜାରି କରାଯାଇଛି। ରଘୁନାଥପୁର ଆରଆଇ ସେକ୍ସନ ଅଧୀନ ଲ୍ୟାଣ୍ଡ ମାର୍କ କ୍ରଶର, ନିଶ୍ଚିନ୍ତପୁରଠାରେ ଥିବା କଳିଙ୍ଗ ଷ୍ଟୋନ କ୍ରସର ଏବଂ ସଦର ଆର୍ଆଇ ସେକ୍ସନ ଅଧୀନ ଜାମୁନାଳିଆଠାରେ ଥିବା ବିଡି ମିନେରାଲସ୍ ଏବଂ ପଟ୍ଟନାୟକ ଷ୍ଟୋନ କ୍ରସରକୁ ସିଲ୍ କରାଯାଇଛି। ଏନେଇ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ପକ୍ଷରୁ ସଦର ଥାନା ଅଞ୍ଚଳରେ ଚଢ଼ାଉ ପରେ ଏଭଳି ପଦକ୍ଷେପ ନିଆଯାଇଛି। ଗୋଟିଏ କ୍ରସରଠାରୁ ୧ ଲକ୍ଷ ୮୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ତେବେ ଦୀର୍ଘ ବର୍ଷ ହେଲା ଏହି ସବୁ ବେଆଇନ କାମ ଚାଲିଥିଲେ ହେଁ ସ୍ଥାନୀୟ ଆରଆଇ ମାନେ କିପରି ଜାଣିପାରୁ ନ ଥିଲେ ସେ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ବେଆଇନ୍ କ୍ରଶର ପରିସରରେ ଷ୍ଟକ ମାପଚୁପ ପରେ ନାଲିପତାକା ମରାଯାଇଛି। କ୍ରସର ପରିସରରେ ଗଚ୍ଛିତ ଥିବା ଷ୍ଟକ ଯାଞ୍ଚ କରିବା ସହ ଏହି ପଥର କେଉଁଠାରୁ ଅଣାଯାଇଛି ତାହାର ଯାଞ୍ଚ ପାଇଁ ଆବଶ୍ୟକୀୟ କାଗଜପତ୍ର ୩ଦିନ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ତସହିଲଦାର କହିଛନ୍ତି। ଏହି ଚଢ଼ାଉ ସମୟରେ ସଦର ତହସିଲ ସୁପରଭାଇଜର ତ୍ରିନାଥ ନାୟକ, ସଦର ଆରଆଇ ଭୋଲେଶ୍ୱର ପାତ୍ର, ଏଆରଆଇ ମନୋଜ ମହାନ୍ତ, ରଘୁନାଥପୁର ଆରଆଇ ଭାନୁମତୀ ମହାନ୍ତ ଏବଂ ପୋଲିସ ଉପସ୍ଥିତ ଥିଲେ।

## ଟ୍ରଲିରେ ବୁହାହେଲା ଶବ

ବାରିପଦା ଅଫିସ,୧୬।୯

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ପରିବାର ଲୋକେ ଟ୍ରଲିରେ ଶବକୁ ବୋହି ନେଉଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସରକାରଙ୍କ ପକ୍ଷରୁ ମହାପ୍ରୟାଣ ଯୋଜନା କିପରି ଜିଲାରେ କାର୍ଯ୍ୟକାରୀ ହେଉଛି ତାର ବାସ୍ତବଚିତ୍ର ଦେଖିବାକୁ ମିଳିଛି। ରାସଗୋବିନ୍ଦପୁର ବ୍ଲକ ସାରୁମୁଳା ପଞ୍ଚାୟତ ଗୋବରା ଗ୍ରାମର ଦୁଃଖି ମାରାଣ୍ଡି(୪୬)ଙ୍କ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ରାତି ୮ଟାରେ ମୃତ୍ୟୁ ଘଟିଥିଲା। ବୁଧବାର ସକାଳୁ ଦୁଃଖିଙ୍କ ଶବକୁ ଧରି ତାଙ୍କ ସ୍ତ୍ରୀ ଏକ ଟ୍ରଲି ଯୋଗେ ଘରକୁ ନେବା ବେଳେ ସ୍ଥାନୀୟ ଲୋକେ ଏହାର ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଡାକ୍ତରଖାନା ପକ୍ଷରୁ କୌଣସି ସୁବିଧା କରାଯାଇ ନ ଥିବାରୁ ୮ ଶହ ଟଙ୍କା ଖର୍ଚ୍ଚ କରି ଏକ ଟ୍ରଲି ଯୋଗେ ୫ କି.ମି ଦୂର ଘରକୁ ଆଣିଥିଲେ ବୋଲି ମୃତକଙ୍କ ସମ୍ପର୍କୀୟ ଗଜେନ୍ଦ୍ର ମାରାଣ୍ଡି ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଦେବାଶିଷ ପଟ୍ଟନାୟକ କୁହନ୍ତି, ବୁଧବାର ସକାଳେ ଗାଡ଼ି ବ୍ୟବସ୍ଥା କରାଯାଇ ଶବକୁ ପଠାଯିବ ବୋଲି ମୃତକଙ୍କ ସ୍ତ୍ରୀଙ୍କୁ କୁହାଯାଇଥିଲା । ମାତ୍ର ତରବରିଆ ଭାବେ ସେ କାହାକୁ ନ ଜଣାଇ ଶବକୁ ଧରି ପଳାଇଥିଲେ। ଆବଶ୍ୟକ ପଡ଼ିଲେ ଏ ସମ୍ପର୍କରେ ସେ ପୋଲିସକୁ ଜଣାଇବେ ବୋଲି କହିଛନ୍ତି ।

# ହତ୍ୟା ଅଭିଯୋଗରେ ସାବତ ମା' ଗିରଫ

ଖୁଣ୍ଟା,୧୬।୯(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବରାହାଗଡ଼ିଆ ଗ୍ରାମରେ ଜଣେ ୧୦ବର୍ଷର ବାଳିକାଙ୍କୁ ହତ୍ୟା କରି ସାବତ ମା' ଗିରଫ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମୃତ ବାଳିକା ହେଲେ ମାଇନ ଟୁଡୁ। ସାବତ ମା' ସୁମିତ୍ରା ଟୁଡୁଙ୍କୁ ମଙ୍ଗଳବାର ପୋଲିସ କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନା ଅନୁଯାୟୀ, ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ବରାହାଗଡ଼ିଆ ଗ୍ରାମର କାହ୍ନୁ ଟୁଡୁ ସୁମିତ୍ରାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ହୋଇଥିଲା। ତେବେ କାହ୍ନୁ ଭୁବନେଶ୍ୱର ଯାଇ କାମ କରୁଥିବା ବେଳେ ଗାଁରେ ଦ୍ୱିତୀୟ ସ୍ତ୍ରୀ ସୁମିତ୍ରାଙ୍କ ସହିତ ପ୍ରଥମ ସ୍ତ୍ରୀଙ୍କ ୧୦ ବର୍ଷିଆ ଝିଅ ମାଇନ ରହୁଥିଲେ। ସୋମବାର ପୂର୍ବାହ୍ନ ୧୧ଟା ସମୟରେ ମାଇନଙ୍କ ଦେହ ଅସୁସ୍ଥ ବୋଲି ସ୍ତ୍ରୀ ସୁମିତ୍ରାଙ୍କଠାରୁ ଫୋନ ପାଇ କାହ୍ନୁ ଘରକୁ ଫେରିଆସିଥିଲେ। ତେବେ ରାତି ୧୧ଟା ସମୟରେ ସୁମିତ୍ରା ଝିଅ ମାଇନଙ୍କୁ ଆମ୍ବୁଲାନ୍ସ ଯୋଗେ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ କାହ୍ନୁ ଖୁଣ୍ଟା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଝିଅର ବେକରେ ଦାଗ ଥିବା ଦେଖି ସନ୍ଦେହ କରିବା ସହିତ ଦ୍ୱିତୀୟ ସ୍ତ୍ରୀ ସୁମିତ୍ରାଙ୍କ ନାମରେ ହତ୍ୟା ଅଭିଯୋଗ କରିଥିଲେ। ଖୁଣ୍ଟା ଥାନା ପୋଲିସ ଏକ ମାମଲା(ନଂ. ୧୬୧/୨୦) ରୁଜୁ କରି ସୁମିତ୍ରାଙ୍କୁ ଗିରଫ କରିଥିଲା। ପଚରା ଉଚରା ସମୟରେ ପରିବାରରେ ଅଶାନ୍ତି କାରଣରୁ ସାବତ ଝିଅ ବେକରେ ଲୁଗା ଗୁଡ଼ାଇ ଟାଙ୍ଗି ଦେଇଥିବା ସୁମିତ୍ରା ସ୍ୱୀକାର କରିଥିବା ପୋଲିସ କହିଛି।

## ବିଜେଡିରେ ଯୋଗଦେଲେ ପୂର୍ବତନ କାଉନସିଲର



ପୂର୍ବତନ କାଉନ୍ସିଲରଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଉଛି।

ବାଲେଶ୍ୱର ଅଫିସ,୧୬।୯

ଆଗାମୀ ଉପନିର୍ବାଚନକୁ ଲକ୍ଷ୍ୟ ରଖି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଦଳ ନିଜ ନିଜର ଶକ୍ତି ବୃଦ୍ଧି କରିବାରେ ଲାଗିଛନ୍ତି। ଏହି କ୍ରମରେ ବାଲେଶ୍ୱର ମ୍ୟୁନିସିପାଲିଟିର ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର ନିଜର ବହୁ ସମର୍ଥକଙ୍କ ସହ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ବିଜେଡ଼ି ଜିଲା ସଭାପତି ତଥା ପୂର୍ବତନ ଏମ୍ପି ଇଂ. ରବୀନ୍ଦ୍ର କୁମାର ଜେନା ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପିନ୍ଧାଇ ଦଳରେ ସ୍ୱାଗତ କରିଥିଲେ। ସେହିପରି ରବିନାରାୟଣ ଦାସ, ଦିଲ୍ଲୀପ ଦାସ ମହାପାତ୍ର, ରାମା ରାଓ, ଅଶୋକ କୁମାର ପରିଡ଼ା, ବିକାଶ ସୋନାର, ସମିତ ଦାସ ପ୍ରମୁଖ ବହୁ ସମର୍ଥକ ବିଧିବଦ୍ଧ ଭାବରେ ବିଜୁ ଜନତା ଦଳରେ ଯୋଗଦେଇଥିଲେ। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଟାଉନ ବିଜେଡ଼ି ସଭାପତି ସନତ ଦାସ ଏବଂ ଓଡ଼ିଶା ମୋ ପରିବାରର ବାଲେଶ୍ୱର ଜିଲା ସଂଯୋଜକ ସାହିରୁଲ ହକ୍ଙ୍କ ସମେତ ବହୁ ବିଜେଡ଼ି ନେତା ଉପସ୍ଥିତ ଥିଲେ ।

# ଲୋକଙ୍କୁ ଭୁଆଁ ବୁଲାଇବା ଉଦ୍ୟମ-କଂଗ୍ରେସ

ବାଲେଶ୍ୱର ଅଫିସ,୧୬।୯

ରାଜ୍ୟ କ୍ୟାବିନେଟ୍ ବୈଠକରେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଜାମକୁଣ୍ଡାଠାରୁ ଭୋଗରାଇ ବ୍ଲକ ଅଡ଼ଙ୍ଗା-ପନ୍ତେଇ ମଧ୍ୟରେ ସୁବର୍ଣ୍ଣରେଖା ନଦୀ ଉପରେ ଏକ ହାଇଲେଭଲ୍ ବ୍ରିଜ୍ ନିର୍ମାଣ ପ୍ରସ୍ତାବକୁ ମଞ୍ଜୁରି ଦିଆଯାଇଛି। ଏହାଦ୍ୱାରା ଭୋଗରାଇ ଓ ବାଲିଆପାଳ ବ୍ଲକ ମଧ୍ୟରେ ଗମନାଗମନର ଦୂରତା ହ୍ରାସ ପାଇବ। ତେବେ ସରକାରଙ୍କ ଏହି ଉଚ୍ଚସ୍ତରୀୟ ସେତୁ ନିର୍ମାଣ ପ୍ରସ୍ତାବକୁ କଂଗ୍ରେସ ଦଳ ସ୍ୱାଗତ କରିଥିବା ବେଳେ ବାସ୍ତବରେ ଗତ ୨୦୧୯ ସାଧାରଣ ନିର୍ବାଚନ ଘୋଷଣା ହେବାର ଠିକ୍ ୩ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ଗସ୍ତରେ ଆସି ପୋଲିସ ଲାଇନ ପଡ଼ିଆରେ ୨୧ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ମଧ୍ୟରେ ଏଭଳି ହାଇଲେଭଲ୍ ବ୍ରିଜ୍ ଥିଲା। ସେତେବେଳେ ବାଲିଆପାଳ ଓ ଭୋଗରାଇ ତଥା ଜିଲାର ସାଧାରଣ ମତଦାତାମାନଙ୍କୁ ଭୁଆଁ ବୁଲାଇବା ପାଇଁ ନବୀନ ସରକାର ଓ ବିଜେଡ଼ି ଦଳ ଏଭଳି ଶିଳାନ୍ୟାସ କରିଥିବା

**ହାଇଲେଭଲ୍ ବ୍ରିଜ୍ ନିର୍ମାଣ ପ୍ରସଙ୍ଗ**

ସ୍ପଷ୍ଟ ହୋଇ ଯାଇଛି ବୋଲି କଂଗ୍ରେସ ନେତା ତଥା ଲୋକସଭା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହୋଇଥିବା ନବଜ୍ୟୋତି ପଟ୍ଟନାୟକ ଏକ ବିବୃତିରେ ଦର୍ଶାଇଛନ୍ତି ।

ପଟ୍ଟନାୟକ କହିଛନ୍ତି ଯେ, ଗତ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ କ୍ୟାବିନେଟ୍ର ବିନା ଅନୁମୋଦନ ଓ ଆର୍ଥିକ ମଞ୍ଜୁରି ବିନା ଏବଂ ବିନା ଟେଣ୍ଡରରେ ଏଭଳି ହାଇଲେଭଲ୍ ବ୍ରିଜ୍ର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ତରବରିଆ ଭାବେ କରିଥିଲେ। ସେତେବେଳେ ଏଥିପାଇଁ କୌଣସି ଆର୍ଥିକ ମଞ୍ଜୁରି ନ ଥିଲା। ଦୀର୍ଘ ଦେଢ଼ ବର୍ଷ ପରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ପ୍ରସ୍ତାବିତ ବ୍ରିଜ୍ ପାଇଁ ଅନୁମୋଦନ ମିଳିଛି। ସରକାର ୩୦ ମାସ ମଧ୍ୟରେ ଏଲ୍ଆଣ୍ଡଟି କମ୍ପାନୀକୁ ବ୍ରିଜ୍ ନିର୍ମାଣ ପାଇଁ ସର୍ତ୍ତ ରଖିଥିବା ବେଳେ ଧାର୍ଯ୍ୟ ସମୟ ମଧ୍ୟରେ ଏହା ସରିବ ନା ପ୍ରକଳ୍ପର ବ୍ୟୟ ଅଟକଳ ଅଧିକ ହେବ ତାକୁ ନେଇ ପଟ୍ଟନାୟକ ପ୍ରଶ୍ନ ଉଠାଇଛନ୍ତି। ପୁନର୍ବାର ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ସଜବାଜ ହେଉଥିବା ବେଳେ କ୍ୟାବିନେଟ୍ ବୈଠକରେ ଏଭଳି ହାଇଲେଭଲ୍ ବ୍ରିଜ୍ ନିର୍ମାଣ ମଞ୍ଜୁରି ମିଳିବା ଆଉ ଏକ ଧୂଆଁବାଣ ବୋଲି ପଟ୍ଟନାୟକ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ବନ୍ୟା ପ୍ରପୀଡିତ ଉତ୍ତରବାଲେଶ୍ୱର ଅଞ୍ଚଳରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀର ବନ୍ୟାଜଳ ନିୟନ୍ତ୍ରଣ ପାଇଁ ସୁବର୍ଣ୍ଣରେଖା ନଦୀ ସଂସ୍କାର ଯୋଜନା କାର୍ଯ୍ୟକାରୀ ନ କରିବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଲକ୍ଷାଧିକ ଲୋକ ପ୍ରତିବର୍ଷ ସାମାନ୍ୟ ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ସହୁଛନ୍ତି। ଏଥିସହିତ କୃଷି ଉପରେ ନିର୍ଭର କରୁଥିବା କୃଷକମାନେ ବର୍ଷକର ଜୀବିକା ହରାଉଛନ୍ତି। ଏଥିପ୍ରତି ସରକାର ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ପଟ୍ଟନାୟକଙ୍କ ସମେତ ଭୋଗରାଇ ନିର୍ବାଚନମଣ୍ଡଳିର ପ୍ରାର୍ଥୀ ସତ୍ୟଶିବ ଦାସ, ବାଲିଆପାଳ ବ୍ଲକ ଅଧକ୍ଷ ବିଜନ ନାୟକ, ଜଳେଶ୍ୱର ନିର୍ବାଚନୀମଣ୍ଡଳିର ନେତା ସୁଦର୍ଶନ ଦାସ ପ୍ରମୁଖ ଏକ ମିଳିତ ବିବୃତିରେ ଉଲ୍ଲେଖ କରିଛନ୍ତି।

# 'ସୁବର୍ଣ୍ଣରେଖା ସେତୁ ଅଞ୍ଚଳବାସୀଙ୍କ ସ୍ଥିତିକୁ ସମୃଦ୍ଧ କରିବ'

ଭୋଗରାଇ,୧୬।୯(ଡି.ଏନ.ଏ.)

ବାଲେଶ୍ୱର ଜିଲାରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀ ଭୋଗରାଇ ଓ ବାଲିଆପାଳ ବ୍ଲକକୁ ଭୌଗୋଳିକ ଦୃଷ୍ଟିରୁ ବିଚ୍ଛିନ୍ନ କରିଥିବା ବେଳେ ଅଡ଼ଙ୍ଗ ପନ୍ତେଇ ଓ ଜାମକୁଣ୍ଡା ବିପଦସଙ୍କୁଳ ଯାତ୍ରୀ ପରିବହନ ଫେରିଘାଟରେ ଦୀର୍ଘତମ ସେତୁ ନିର୍ମାଣ ପାଇଁ ରାଜ୍ୟସରକାର ନିଷ୍ପତ୍ତି ନେଇଛନ୍ତି। ସେତୁ ନିର୍ମାଣ ଲାଗି ୧୩୮କୋଟି ୭୪ଲକ୍ଷ ୪୮ହଜାର ୨ଶହ ୧୦ଟଙ୍କାର ଆର୍ଥିକ ଅନୁଦାନକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିବା ପରେ ଦୁଇ ବ୍ଲକର ଜନସାଧାରଣ ଖୁସିବ୍ୟକ୍ତ କରିଛନ୍ତି। ସେତୁ ନିର୍ମାଣ ଶେଷ ହେଲେ ଧାନ, ପାନ, ମୀନର ଗନ୍ତାଘର କୁହାଯାଉଥିବା ଦୁଇ ବ୍ଲକର ଜନସାଧାରଣଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ସମୃଦ୍ଧି ହେବ ବୋଲି ରାଜ୍ୟ ପୂର୍ବତନ ଉଚ୍ଚଶିକ୍ଷାମନ୍ତ୍ରୀ ତଥା ଜିଲା ଯୋଜନା ବୋର୍ଡ଼ର ଅଧକ୍ଷ ଓ ଭୋଗରାଇ ବିଧାୟକ ଅନନ୍ତ ଦାସ ମଙ୍ଗଳବାର ସନ୍ଧ୍ୟାରେ ଭୋଗରାଇ ହାଟ ସ୍ଥିତ ରାଜସ୍ୱ ବିଭାଗ କାର୍ଯ୍ୟାଳୟ ପଡ଼ିଆରେ ଏକ ଖବରଦାତା ସମ୍ମିଳନୀରେ ମତପ୍ରକାଶ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଭୋଗରାଇ ବିଧାୟକ ଅନନ୍ତ ଦାସ ଓ ଅନ୍ୟମାନେ।


ପ୍ରସିଦ୍ଧ ଶୈବପୀଠ ଭୂଷଣ୍ଡେଶ୍ୱର, ଚନ୍ଦନେଶ୍ୱର, ମା' ବାସୁଳୀ ପୀଠ ସହ ଦୀଘା, ଉଦୟପୁର, ତାଳସାରୀ, କୀର୍ତ୍ତନିଆ, ଉଗରା ପର୍ଯ୍ୟଟନସ୍ଥଳୀକୁ ଗମନାଗମନର ସୁବିଧା ହେବା ସହ ବନ୍ୟା, ବାତ୍ୟା ଓ ଜରୁରୀ କାର୍ଯ୍ୟରେ ଉଭୟ ବ୍ଲକକୁ ସିଧାସଳଖ ସଂଯୋଗ ହୋଇପାରିବ। ଏଥିସହ ଭୋଗରାଇରୁ ବାଲେଶ୍ୱର ସହାରକୁ ଯାତାୟତ ପାଇଁ ୧୯କିମି କମ୍ ହେବ ବୋଲି ବିଧାୟକ ଦାସ ସୂଚନା ଦେଇଥିଲେ। ସୁବର୍ଣ୍ଣରେଖା ସେତୁ ସହ ଦହମୁଣ୍ଡା ଠାରେ ୨୬୯କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପ, ଚିତେଇ ପୋଲରେ ଅନ୍ୟ ଏକ ସେତୁ ଭୋଗରାଇବାସୀ ଓ ତାଙ୍କର ମୁଖ୍ୟ ସ୍ୱପ୍ନ ଥିଲା ବୋଲି ବିଧାୟକ ଦାସ ପ୍ରକାଶ କରିଥିଲେ। ଭୋଗରାଇବାସୀଙ୍କ ଦାବି ଓ ସହଯୋଗ କ୍ରମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଞ୍ଚଳବାସୀଙ୍କ ସ୍ୱପ୍ନକୁ ପୂରଣ କରିଥିବାରୁ ଭୋଗରାଇବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଦେବା ସହିତ କୃତଜ୍ଞତା ଜଣାଇଛନ୍ତି ବିଧାୟକ ଦାସ। ଏହି ଖବରଦାତା ସମ୍ମିଳନୀରେ ବ୍ଲକ ଚେୟାରମ୍ୟାନ୍ ମଞ୍ଜୁରାଣୀ ବେହେରା, ଭାଇସ୍ ଚେୟାରମ୍ୟାନ୍ ଦୀପକ କୁମାର ଦାସ, ବିଜେଡି ସଭାପତି ରମାକାନ୍ତ କରଣ, ଜିଲାପରିଷଦ ସଦସ୍ୟ ଅଶୋକ କୁମାର ସାହୁ, ସମିତିସଦସ୍ୟ ଭବେନ୍ଦ୍ର ସାହୁ, ସରପଞ୍ଚ ପ୍ରବୀର ଗିରି, ତପନ ପଣ୍ଡା, ପୂର୍ବତନ ଜିଲାପରିଷଦ ସଦସ୍ୟ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କବିତା

### ନୀଳତିମିର ସାୟରୀ

**ଡ. ଅଶ୍ୱିନୀ କୁମାର ରାୟ**

ନୀଳତିମି ହାତଠାରି ଡାକୁଥାଏ
ଗୋଟେ ପରେ ଗୋଟିଏ ପାହାଚ
ଡେଇଁ ଡେଇଁ
ମୃତ୍ୟୁର ଉପତ୍ୟକାକୁ
ପାଦ ବଢ଼ାଉଥାଏ ସିଏ
ରକ୍ତର କଇଁ ଫୁଟାଇ ନିଜ ଅଂଗୁ
ଉପହାର ଦିଏ।



ନୀଳତିମି ମିଛ ସ୍ୱପ୍ନେ
ହତବାକ୍ କରେ
ପରାହତ ମଣିଷର ଆଶା
ଓ ପିପାସା।
ପରାଜିତ କିଶୋରର
ବ୍ୟର୍ଥ ପରାଭବ।
ଅୟୁତେ ନାଚାର ସ୍ୱପ୍ନ
ଫଳବତୀ ହେବାର ମୋହେ
କାଳ-ଗହ୍ୱରକୁ ଟାଣିନିଏ।

ନୀଳ ପରୀ ସମ
ନୀଳ ତିମି ହସୁଥାଏ
ବିଷକନ୍ୟା ବିଷ ଝରିଝରି
ନୀଳ ନିମନ୍ତ୍ରଣେ ପ୍ରୀତି ଫାଶେ
ନିଏ କାବୁ କରି।
ପ୍ରୀତି ନୁହେଁ ପ୍ରତାରଣା
ନୀଳତିମି ଲେଖିଦିଏ
ନିଜ ହାତେ ମୃତ୍ୟୁର ସାୟରୀ!

*ମୋ: ୯୪୩୭୫୦୧୨୫୯*

### କେଉଁଠି ଅଛ ତୁମେ!

**ମୌସୁମୀ ସାହୁ**

କେଉଁଠି ଅଛ ତୁମେ!
ହଜିଗଲକି ବେଳାଭୂମିରେ
ବାଲିରେଣୁ ହେଇ
ଭାସିଗଲକି ଗଭୀର ସମୁଦ୍ରରେ...

ତୁମକୁ ମୁଁ ଖୋଜେ ବରଷାର ଟୋପାରେ
କେବେ, ଘାସରେ ଚାଲୁଥିବା
ଲାଲ୍‌ଟୁକୁଟୁକୁ ସାଧବ ବୋହୂ ଭିତରେ
ହଜିଗଲକି ସଂଗୀତର ସାତ ସ୍ୱରରେ,
ପାଇବାକୁ ଚାହେଁ ତମକୁ ମୁଁ
ମୋର ସଂଗୀତର ସର୍‌ଗମ୍‌ରେ।

କାହିଁ କେଉଁଠି ଅଛ ତୁମେ!
ଅଭିମାନ କରି
ଚାଲିଯାଇଛକି ଘୋରବନକୁ?
କଡ଼ି ହୋଇଗଲକି କୋଉ
ଉପବନରେ?

ତୁମେ ଅଛକି ପାହାନ୍ତି ରାତିର
ତାରାଙ୍କ ମଝିରେ?
ଅବା କୋଉ ମନ୍ଦିରର
ଅସଂଖ୍ୟ ଦିପାଳୀରେ?

ତୁମର ସେଇ ପିଲାଳିଆ ଲୁଚକାଳି ଛାଡ଼ି
ପୁଲକଭରା କଣ୍ଠରେ,
କହିଦିଅ ଥରେ, କେଉଁଠି ଅଛ ତୁମେ!!
*- ବାଣୀବିହାର କ୍ୟାମ୍ପସ୍, ଭୁବନେଶ୍ୱର*

**ଗୀତି-କବିତା**

### ଜୀବନର ନିଶା

**ଶରତ ଦାଶ**

ଜୀବନରେ କାଲି ଆସିବ କି ନାହିଁ
କେହି ଜାଣେ ନାହିଁ ଏଠି
ଜିଇବାର ନିଶା ତଥାପି ଉତ୍କଟ
ମୃତ୍ୟୁକୁ ଦେଖାଏ ପିଠି॥

ଜାଣି ବି ଜୀବନ ସୂତାଖିଏ ଝୁଲେ
ଭାବେ ନ ପଡ଼ିବ ଛିଡ଼ି
କରିଯାଏ ଯେତେ ନ କରିବା କଥା
ଗର୍ବ ଅହଙ୍କାରେ ବୁଡ଼ି॥

ନିଃଶ୍ୱାସକୁ ନାହିଁ ବିଶ୍ୱାସ ଜମାରୁ
ଛାଡ଼ିଯିବ କ୍ଷଣକରେ
ତଥାପି ସ୍ୱର୍ଗକୁ ଗଢ଼ିବ ନିଶୁଣି
ବୋଲି ମନ ଗର୍ବ କରେ॥

ଅସମ୍ଭବ ସବୁ ସମ୍ଭବ କରିବା
ଦୁଃସାହସ ଧରି ମନେ
ସପନରେ ବୁଡ଼େ ସପତ ସାଗର
ଉଡ଼େ ଅନନ୍ତ ଗଗନେ॥

ସପନ ଦେଖିବା ମନା ନାହିଁ କା'ରେ
ରାତି ଯଦି ଅଛି ବାକି
ରାତି ପାହିଗଲେ ସପନ ଭାଙ୍ଗଇ
ନ ଥାଏ ତ କେହି ସାକ୍ଷୀ॥

ମୋ: ୯୩୪୮୩୮୪୮୪

ଗଳ୍ପ

# ଆହତ ଶ୍ରାବଣ

**ଝରଣା ପଟ୍ଟନାୟକ**

ଲିପ୍‌ସା ଟୁର୍‌ରେ ଯିବାପାଇଁ ପ୍ରସ୍ତୁତ ହେଲାବେଳେ ରିମା ଧକେଇ ଧକେଇ କାନ୍ଦୁଥିଲା। କହୁଥିଲା ମା'! ତମେ ଦିନକ ପାଇଁ କହି ତିନିଦିନ ରହୁଛ। ମୁଁ ଏକା କ'ଣ ଏକଜାମ୍ ଲାଗି ପ୍ରସ୍ତୁତ ହୋଇପାରିବି? ଷ୍ଟାଣ୍ଡାର୍ଡ ଟୁ। କେତେ ବହି। କେତେ ଖାତା। ପୁଣି ପ୍ରୋଜେକ୍ଟ କାମ କରି ଦେଖେଇବାକୁ ପଡ଼ିବ। ଏତେ ବର୍ଷା। ତମେ କାହିଁକି ଯାଉଛ ମାମା! ଦେବଗଡ଼ ତ ଗୁଡ଼ାଏ ବାଟ ବୋଲି ପାପା କହୁଥିଲେ।

ଲିପ୍‌ସା ମୋ' ପାଖକୁ ସାମାନ୍ୟ ଘୁଞ୍ଚି ଆସି କହିଲା- "ଅଫିସ୍ ଯିବନି। ଦୁଇଦିନ ଛୁଟିନେବ। ରିମା ଯେମିତି ବର୍ଷାରେ ଓଦା ନ ହୁଏ!"

ମୁଁ କହିଲି- "ଲିପ୍‌ସା! ଏ ତ ଲଘୁଚାପ ବର୍ଷା। ଶ୍ରାବଣକୁ ଆହୁରି ବେଶୀ ନୟାନ୍ତ କରୁଛି। ଟୁର୍ ବାତିଲ କରି ଘରେ ରହିଯାଅ!"

ଲିପ୍‌ସା ମୋ' କଥାକୁ କେତେବେଳେ ବି ଗୁରୁତ୍ୱ ଦିଏନି। ତଥାପି ମୁଁ ତାକୁ ସତର୍କ କରେଇ ଚାଲିଥାଏ। ହେଲେ ଓଡ଼ିଶା ସରକାରଙ୍କ ଅଧୀନରେ ପ୍ରମୁଖ ପଦମଣ୍ଡନ କରୁଥିବା ମୋର ସ୍ତ୍ରୀ, ଛୁଆ ଦାୟିତ୍ୱ ମୋତେ ଦେଇ ବାହାରିଯାଏ।

ମୁଁ କୌଣସି ପ୍ରଖ୍ୟାତ କମ୍ପାନୀର ସିଇଓ ତ ନୁହେଁ। ଜଣେ ସଫ୍ଟଓୟେର ଇଞ୍ଜିନିୟର। ଡ୍ରାଇଭର ଗାଡ଼ିରେ ଲିପ୍‌ସାର ଲଗେଜ୍ ରଖିଲା। ମନକୁ ମନ କହି ହେଉଥିଲା-'ଏତେ ବର୍ଷାରେ ଘରୁ ବାହାରି ଯାଉଛନ୍ତି ମାଡାମ୍। ଆମେ ହରକତ ହେଉଛୁଁ। ଲିପ୍‌ସା ସହିତ ଏ ଲମ୍ବା ଟୁର୍‌ରେ ଯିବାଲାଗି ତା'ର ଅଧସ୍ତନ କର୍ମଚାରୀ ଆସି ଗାଡ଼ିରେ ବସି ସାରିଥିଲେ। ଲିପ୍‌ସା ଗାଡ଼ି ପାଖରେ ଠିଆ ହୋଇ ଡାକ ଛାଡ଼ିଲା। "ବିକ୍ରମ୍, ମୋର ଗଗଲ୍‌ସଟା ଛାଡ଼ି ଆସିଛି ଡ୍ରେସିଂ ଟେବୁଲ ଉପରେ, ପ୍ଲିଜ୍ ଟିକେ ଆଣିଦିଅ।"

ତାକୁ ଗଗଲ୍‌ସ ବଢ଼େଇଲା ବେଳେ ଲିପ୍‌ସାର ଚାହାଣି ଭିନ୍ନ ପ୍ରକାର ଥିଲା। ବେଖାତିର ଭାବ। ପୁଣି ଥରେ କହିଲା, ରିମାକୁ ଜଗିବା କାମ ତମର। କହିଲା ଓ ଗାଡ଼ିରେ ବସିଲା।

ଉପରକୁ ଅନେଇଲି। ମୋ' ଆଖିରେ ମାଳମାଳ ମେଘ। ହେଲେ ପଚାରେ କିଏ ସେ ମେଘକୁ! ଦମକାଏ ଗରମ ନିଃଶ୍ୱାସ



ଭରିଗଲା ମୋ' ହୃଦୟରେ।

ବାହାରେ ଏବେ ବି ବର୍ଷା। ଏ ବସୁଧା କେଇଟା ଦିନରେ ସବୁଜ ସଜଳ ଦିଶୁଥିଲା। ଏ ଝଡ଼ ବର୍ଷା ତାଉ ଦେଖେଇ ନୂଆ କଅଁଳିଥିବା ପତ୍ରଫୁଲର ବେକ ଭାଙ୍ଗି ସାରିଲାଣି। ନିଜର ପାରିଲାପଣ ଦେଖେଇ ଚାଲିଛି। କେତେ ଛାତି, କେତେ ମନ ଅଣାୟତ୍ତ। ରିମା ଛାତିରେ ଆଶଙ୍କା ଧାଁ ଦୌଡ଼ କଲେଣି। ଆଠ ବର୍ଷର ଝିଅ ରିମାକୁ ଅବୁଝା ବୋଲି ଭାବିନେଇ ଲିପ୍‌ସା ବେଖାତିର କରେ ତା' ବିହ୍ୱଳପଣକୁ। ମୋ' ସହିତ ଉଚ୍ଚବାଚ କଲେ ରିମା ମୁହଁ ଲୁଚେଇ କାନ୍ଦେ। ଲିପ୍‌ସା ତାକୁ ନ ନେଇ ସନ୍ଧ୍ୟାବେଳେ ବାହାରକୁ ଗଲେ ଛାଇ ଡାଙ୍କିଦିଏ ତା'ର ଦୁଇ ହରିଣୀ ଆଖି ଡୋଳାକୁ। ଆଖି ଭିତରେ ହ୍ରଦ ଚହଲୁଥାଏ। ଏବେ ସେ ବୁଝିଲାଣି ତା' ମାମା ଆବଶ୍ୟକତା ଠୁଁ ବି ଅଧିକ ଥର ବାହାରକୁ ଯାଉଛନ୍ତି। କରୋନା ଯୋଗୁ ସ୍କୁଲ୍ ନାହିଁ। ଏଇ ବର୍ଷାରେ ଘରେ ମାମା ଥିଲେ ତା' କୋଳରେ ରିମା ଗୁଞ୍ଜି ହୋଇଥାଆନ୍ତା। ମାମା ଲୁଗା କାନିରେ ଘୋଡ଼େଇ ପକେଇ ଥାଆନ୍ତା ନିଜକୁ। ବ୍ୟସ୍ତ ହୋଇ ରିମା କହିଲା- "ପାପା, ମାମା ଯୋଉଠିକି ଗଲା ସେଠି କ'ଣ କରୋନା ନାହିଁ? ଡାକ୍ତର, ନର୍ସ ସେଠି ଅଛନ୍ତି ତ?

ଝାଳେଇ ଯାଇଥିଲା ରିମା। ଛୁଟି ନେଇଛି ମୁଁ। ତଥାପି ଅଫିସ୍ କାମ ସାରିବାକୁ ହେବ। ତା' କଥାର ଉତ୍ତର ନ ଦେଇ ମୁଁ ଲାପ୍‌ଟପ୍ ନେଇ ବସିଲି। ଆକାଶରେ ବିଜୁଳି ଘଡ଼ଘଡ଼ି ଦୁଲ୍‌ମାଦଲ୍ ହେଉଛନ୍ତି। ଲିପ୍‌ସା ରାସ୍ତାରେ ଥିବ। ଦେବଗଡ଼ରେ ପହଞ୍ଚିବ ରାତିରେ। ହାତ ଧରି ବାହା ହୋଇଛି ତାକୁ। ଆମେ ବାପ ଝିଅ ବି ଯାଇପାରିଥାଆନ୍ତୁ ତା' ସହିତ ଗୋଟେ ନୂଆ ଜାଗାକୁ। ତା' ମନରେ କାଇଁ ସେ କୁଆଁ, ପ୍ରେମରେ ଭିଜି କେନା ମେଲେଇବାକୁ? ଘରଟା ତା' ପାଇଁ ଅପନ୍ତରା ଗୋହିରି। ସଦା ଉଦାସର ଜାଗାଟିଏ।

ଦିନ ଚାରି ହେଲାଣି। ରିମାକୁ ଖୋଇପେଇ ବିଛଣାରେ ଶୋଇଦେଇଛି ମୁଁ। ଚାହିଁ ରହିଲେ ତା' ମାମା ସହିତ ବାରମ୍ବାର କଥା ହେବାକୁ ଚେଷ୍ଟା କରିବ। ଉତ୍ତର ପାଇବା ଆଶାରେ ମୁହଁର ଭାବ ବଦଳଉଥିବ।

ଦୁଆର ଖଡ଼ଖଡ଼ ଶୁଣି ଖୋଲିଲି ଗ୍ରୀଲ୍ ଆଉ କବାଟ। ରାନ୍ଧୁଣୀ ଅନି ଦରଓଦା ଦିହରେ ଛିଡ଼ା ହୋଇଛି। ମତେ ଦେଖୁଦେଖୁ କହିଲା, ଏ ବର୍ଷାଟା ମଣିଷକୁ କିଲ୍‌ବିଲ୍ କଲାଣି। ଚାଷୀ ଖୁସି। ମାଟି ଖୁସି। ଧନୀ ଲୋକ ବି ଖୁସି। ଆମ ପରି ଲୋକ 'ଖାଲି ହଇରାଣ'। ରିମା ନିଦରୁ ଉଠି ଅନି ପାଖରେ ପହଞ୍ଚି ଯାଇଥିଲା। ଅନିକୁ ଜାକି ପକେଇ କହିଲା, ଚାଲ ଅନି ଆଣ୍ଟି! ମାମାଙ୍କର ଶାଢ଼ିଟେ ଦଉଛି ପିନ୍ଧିବ। ମୁଁ ଆଗେଇଗଲି ରିମାକୁ ତା'ଠୁ ଅଲଗା କରିବାକୁ।

ଅନି ଦି'ପାଦ ଘୁଞ୍ଚିଗଲା। କାନିଟା ଟାଣି ଆଣି ମଥାରେ ଦେଲା। ମୋ' ଆଖି ଡୋଳାରେ ଅନି ବସା ବାନ୍ଧି ପକେଇଲା। ମତେ ଆଉ କିଛି ଦିଶିଲା ନାହିଁ। ଚିପୁଡ଼ା ଶାଢ଼ି ଭିତରେ ଅନିର ଦେହ, ଓଢ଼ଣା ବେଢ଼ା ଛଳଛଳ ମୁହଁ। ପେଜପାଣିଖିଆ ଦେହରେ ତା'ର ସୌନ୍ଦର୍ଯ୍ୟର ସ୍ମାରକୀ ବେଶ୍ ସ୍ପଷ୍ଟ। ବୟସ ତା'ର ଯେମିତି ଉଡ଼ାଣର ମଝାମଝିରେ ରହି ଉନ୍ମାଦରେ ମଗ୍ନ। ଏବେ ମୁଁ ସ୍ଥିର। ଅନିର ନିରବତା ବାହାରେ ପଡୁଥିବା ବର୍ଷାକୁ ଯେମିତି ଗିଳି ପକେଇଥିଲା। ମୋତେ କିଛି ଦିଶୁ ନ ଥିଲା। ଲାଗୁଥିଲା, ସେ ବସୁଧା। ଆକାଶର ଅମାର ଭର୍ତ୍ତି ଭଲ ପାଇବା ସେ ଗ୍ରହଣ କରିନେବ। ସ୍ୱାଗତ ବି କରିବ।

ଅନିକୁ ଅନୁରୋଧ କଲି ରାତିରେ ରିମାକୁ ଛାଡ଼ି ନ ଯିବାପାଇଁ। ରୁଟି ସେକିଲାବେଳେ ଅନି ଚୁପ୍ ଥିଲା। ମୋତେ ସଙ୍ଗେ ସଙ୍ଗେ ଉତ୍ତର ଛାଟିଲା। କହିଲା- "ବାବୁ! ଆପଣ ଭୁଲି ଗଲେଣି ବୋଧେ ମୋ' ଦୁଃଖ କଥା। ଘରେ ବୁଢ଼ା ଏକୁଟିଆ, ସେ ପୁଣି ଅନ୍ଧାରକଣା। ମୋ' ବିନା ତାକୁ ସବୁ ଅନ୍ଧାର। ତା'ରି ପାଇଁ ତ ଏଠି ମୁଁ ଖଟୁଛି। ହାତଧରି ବାହା ହୋଇଛି ଯେତେବେଳେ!"

ଅନି ଚାଲିଗଲା। ଆକ୍ରୋଧ ମନ ଭିତରେ ମୋର ଅନି ପ୍ରତି ସମ୍ବେଦନା କୋଉଠୁ ଆସିଲା କେଜାଣି ମୁଁ ତରଳିବାକୁ ଲାଗିଲି। ବଡ଼ କଷ୍ଟରେ ଦୁଇଦିନ ସମ୍ଭାଳିଲି ରିମାକୁ। ପବନ, ମେଘ ବର୍ଷା ବିଜୁଳି ଅନି ଯିବା ପରେ। ଅନି ବି ଆସିଲା ପରଦିନ ସକାଳେ। କାମ କରିଦେଇ ଚାଲିଗଲା। ଦିନସାରା ରିମାକୁ ଖୁଆପିଆ କରି ଯତ୍ନରେ ରଖିଲି। ରିମାର ଜିଦ୍‌ରେ ଲିପ୍‌ସାକୁ ବାରମ୍ବାର ଫୋନ୍ କଲି। ହଁ, ନା ରେ ଉତ୍ତର ଥିଲା ତା'ର।

ଏବେ ରାତି ଦଶଟା ହେଲାଣି। ପୁଣି ବର୍ଷୁକୀ ମେଘଟା ଛଇ ଦେଖେଇବା ଆରମ୍ଭ କଲାଣି। ବାରଣ୍ଡାରେ ଠିଆ ହୋଇଥିଲି। ଗାଡ଼ିଟିଏ ଆସି ରହିଲା। ଲିପ୍‌ସା ଓହ୍ଲେଇଲା। ବାରଣ୍ଡା ଟପି ମୋତେ ନ ଦେଖିଲା ପରି ଘର ଭିତରେ ପଶିଲା। କାନରେ ମୋବାଇଲ୍ ଫୋନ୍। ଚଉକି ଉପରେ ଲିପ୍‌ସା। ରିମା କାନ୍ଦି କାନ୍ଦି ଲିପ୍‌ସା ହାତରୁ ଫୋନ୍ ଛଡ଼େଇ ନେଲା। ତା' କାନ୍ଦକୁ ମନକୁ ନ ନେଇ ପୁଣି ମୋବାଇଲ୍ ଧରି ଲିପ୍‌ସା କହିଲା, "ଘରେ ପହଞ୍ଚିଲି ସାର୍! ବର୍ଷା ସେଇମିତି ଲାଗି ରହିଛି କାଲି ପରି। ହେଲେ ସେ ୱାଟର୍ ଫଲ୍ ଆଉ ସିନେରି ଉପଭୋଗ କରିବା ପାଇଁ ସପ୍ତାହଟେ ଦରକାର। ବର୍ଷାଟା ବଡ଼ ମଜାଦାର ଥିଲା।"

ମୋ: ୯୪୩୭୫୪୪୦୪୫

## କାଳ କାଳକୁ



**"ଗାଳିଦବା କାପୁରୁଷଙ୍କ ଧନ୍ଦା, କଥା କହିବା ବେଳେ ଭୁଲି ଯାଆନି ମର୍ଯ୍ୟାଦା।"**

ରାମଧାରୀ ସିଂହ ଦିନକର

**ରାମଧାରୀ ସିଂହ ଦିନକର** ହିନ୍ଦୀରେ ଲେଖୁଥିବା ପ୍ରଖ୍ୟାତ ଭାରତୀୟ କବି। ସ୍ୱାଧୀନତା ପୂର୍ବରୁ ଜଣେ ବିଦ୍ରୋହୀ କବି ଭାବେ ହିନ୍ଦୀ କବିତାରେ ତାଙ୍କର ପ୍ରବେଶ ଘଟିଥିଲା। ପ୍ରଭାବଶାଳୀ ଦେଶାତ୍ମବୋଧକ ରଚନା ତାଙ୍କୁ ରାଷ୍ଟ୍ରକବି ଭାବେ ବିଖ୍ୟାତ କରିଥିଲା। ଋଷ୍‌ର ମହାନ୍ କବି ପୁଷ୍କିନ୍‌ଙ୍କ ପରି ଦିନକର ଥିଲେ ଭାରତର ପୁଷ୍କିନ୍। ୧୯୫୨ରୁ ୧୯୬୪ ଯାଏ ତିନିଥର ରାଜ୍ୟସଭାକୁ ମନୋନୀତ ହୋଇଥିଲେ ଓ ୧୯୫୯ରେ ପଦ୍ମଭୂଷଣରେ ଭୂଷିତ ହୋଇଥିଲେ। ଆଦି ୧୯୬୦ରେ ସେ ମଧ୍ୟ ଥିଲେ ଭାଗଲପୁର ବିଶ୍ୱବିଦ୍ୟାଳୟର କୁଳପତି। ଜରୁରୀ-ସ୍ଥିତିରେ ରାମଲୀଳା ମଇଦାନରେ ଲକ୍ଷାଧିକ ଜନସାଧାରଣଙ୍କୁ ଉଦ୍‌ବୋଧିତ କଲାବେଳେ ଜୟପ୍ରକାଶ ନାରାୟଣ ତାଙ୍କର ପ୍ରସିଦ୍ଧ କବିତା 'ସିଂହାସନ ଖାଲି କରୋ କେ ଜନତା ଆତି ହୈ'। 'ରଶ୍ମିରଥୀ' ଓ 'ହୁଙ୍କାର' ହେଉଛି ଦିନକରଙ୍କର ଦୁଇଟି ଅମର କାବ୍ୟକୃତି। ୨୩ ସେପ୍ଟେମ୍ବର ୧୯୦୮ରେ ଏହି କବିଙ୍କର ଜନ୍ମ ଓ ତିରୋଧାନ ୨୪ ଏପ୍ରିଲ ୧୯୭୪ରେ। ୧୯୭୨ରେ 'ଉର୍ବଶୀ' କାବ୍ୟ ପାଇଁ ଦିନକରଙ୍କୁ ମିଳିଥିଲା ଜ୍ଞାନପୀଠ ପୁରସ୍କାର।


# ଜୀବନ୍ତ ବାକ୍ୟମାନେ

**ଲେଖକ: ସି.ବେନ୍‌ସନ୍ ରୋଷେଟି**
**ଅନୁବାଦ: ନିରୁପମା ଆଚାର୍ଯ୍ୟ**

୧୮୬୨ର କଥା। ଦୁଇବର୍ଷର ମଧୁର ବୈବାହିକ ଜୀବନ ଅତିବାହିତ କଲାପରେ କବି Dante Gabriel Rossetti (ଦାନ୍ତେ ଗେବ୍ରିୟେଲ ରୋଷେଟି)ଙ୍କ ପତ୍ନୀ ବିୟୋଗ ହେଲା। ଗୋଟିଏ ଛୋଟ ପାଣ୍ଡୁଲିପିରେ ରୋଷେଟି ଅନେକଗୁଡ଼ିଏ କବିତା ଲେଖି ରଖିଥିଲେ। ସବୁଗୁଡ଼ିକ ତାଙ୍କ ସ୍ତ୍ରୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏବଂ ତାଙ୍କୁଇ ଲକ୍ଷ୍ୟକରି ଲେଖିଥିଲେ ସେ।

ତାଙ୍କର ମୃତ୍ୟୁ ପରେ କଫିନ୍ ଖୋଲାଥିବା ଅବସ୍ଥାରେ କବି ପୂରା ଗ୍ରନ୍ଥର ପାଣ୍ଡୁଲିପିଟି ପ୍ରାଣପ୍ରିୟାଙ୍କ ମୁହଁ କଡ଼କୁ ଗାଲ ଏବଂ କେଶଗୁଚ୍ଛ ମଝିରେ ସଜାଡ଼ିକରି ରଖିଦେଲେ ଏବଂ ସେଇଟି ତାଙ୍କ ସହିତ ସମାଧି ପାଇଗଲା 'ହାଇଗେଟ୍ ସିମେଣ୍ଟ୍ରି'।

ପରବର୍ତ୍ତୀ ସମୟରେ କବିଙ୍କୁ ତାଙ୍କ ବନ୍ଧୁମାନେ ସେ ପାଣ୍ଡୁଲିପିଟି ଉଦ୍ଧାର କରିବା ପାଇଁ ବାଧ୍ୟ କଲେ। ସେ ଆଦୌ ରାଜି ହେଲେ ନାହିଁ। କିନ୍ତୁ ଶେଷରେ ସେ କବିତାଗୁଡ଼ିକୁ ମନେପକାଇବାର ଅକ୍ଷମତା ଯୋଗୁ ବିରକ୍ତ ହୋଇ ବନ୍ଧୁମାନଙ୍କ କଥା ମାନିଗଲେ। ଏହାଭିତରେ ସାତ ବର୍ଷ ବିତିଗଲାଣି।



ଦାନ୍ତେ ଗେବ୍ରିୟେଲ ରୋଷେଟି: ପତ୍ନୀପ୍ରାଣା ସେଇ କବି!

ଗୋଟେ ରାତିରେ ସେ ସମାଧି ନିକଟରେ ଆଲୁଅଟିଏ ଜଳି ଉଠିଲା ଏବଂ କଫିନ୍‌ଟି ଖୋଲାହେଲା। ଯେତେବେଳେ ଏଇ ଭୟଙ୍କର ଘଟଣାଟି ଘଟୁଥିଲା ସେତେବେଳେ କବି ତାଙ୍କର ଜଣେ ସାଙ୍ଗ ଘରେ ଏକୁଟିଆ ନିଜକୁ ଜବରଦସ୍ତି ବସାଇ ରଖି ନିଜକୁ ଦୋଷାରୋପ କରୁଥାନ୍ତି ଓ ଆତ୍ମଭର୍ତ୍ସନା କରୁଥାନ୍ତି।

ଓଦା ହୋଇ ଯାଇଥିବା ସେ ପାଣ୍ଡୁଲିପିଟି ବାହାରକୁ ଅଣାଯାଇ ଶୁଖାଗଲା ଓ ତା'ପରେ ଲେଖକଙ୍କ ପାଖରେ ପହଞ୍ଚିଲା। କବି ସେ କବିତାଗୁଡ଼ିକୁ ନିଜେ ପୁଣି ଥରେ ନକଲ କଲେ ଏବଂ ତା'ପରେ ସେ ପାଣ୍ଡୁଲିପିଟିକୁ ନଷ୍ଟ କରିଦେଲେ। ତାଙ୍କର ସେ ବହିଖଣ୍ଡ ଯେତେବେଳେ ପ୍ରକୃତରେ ପ୍ରକାଶିତ ହେଲା ବହୁ ପାଠକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହେଲା ଏବଂ ରୋଷେଟି ସଙ୍ଗେ ସଙ୍ଗେ ସେ ସମୟର ଜଣେ ଆଗଧାଡ଼ିର କବିଙ୍କ ମଧ୍ୟରେ ଜଣେ ବୋଲି ପରିଗଣିତ ହେଲେ।

ମୋ: ୯୭୭୬୯୯୫୧୫୧

## ପୁସ୍ତକ ପରିଚୟ


### ଆମ ସମୟର ଶ୍ରେଷ୍ଠ କଥା
### କଥା ଦଶକ



**ଲେଖିକା:** ବୀଣାପାଣି ମହାନ୍ତି
**ସମ୍ପାଦକ:** ପୀତବାସ ରାଉତରାୟ
**ପ୍ରକାଶକ:** ମହାବୀର ପ୍ରକାଶନ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୦,
**ମୂଲ୍ୟ:** ଟ.୯୫/-

'ଫୁଲ-ଭଗବାନ ଫାଉଣ୍ଡେସନ୍' ପକ୍ଷରୁ ପ୍ରକାଶ ପାଇଛି ବୀଣାପାଣି ମହାନ୍ତିଙ୍କ ୧୦ଟି ଗଳ୍ପକୁ ନେଇ 'କଥା ଦଶକ'। ଗଳ୍ପଗୁଡ଼ିକ ଲେଖିକା ନିଜେ ବାଛିଛନ୍ତି। ବଛାଯାଇଥିବା ଗଳ୍ପଗୁଡ଼ିକ ହେଲା- ନାଉଗଛ, ଅନ୍ଧକାରର ଛାଇ, ତଟିନୀର ତୃଷ୍ଣା, ସମୁଦ୍ରସ୍ନାନ, ଅର୍ଘ୍ୟ, ଭୂସ୍ୱର୍ଗ, ସମର୍ପଣ, ବସୁଧା, ପାଟଦେଇ ଓ ପ୍ୟାରୱାଲୀ ଖିଡ୍‌କୀ। ପ୍ରତ୍ୟେକ ଗଳ୍ପକୁ ନେଇ ତର୍ଜମା କରିଛନ୍ତି କିଛି ଲେଖକ। ବୀଣାପାଣିଙ୍କ ସହ ଏକ ଅନ୍ତରଙ୍ଗ ସାକ୍ଷାତ୍‌କାର ସ୍ଥାନିତ ହୋଇଛି, ଯାହା ଏହି ଧରଣର ବହିରେ ସାଧାରଣତଃ ସମ୍ପାଦକମାନେ କରିଥା'ନ୍ତି। ଗୋଟିଏ ଯୋଡ଼ିଏକୁ ଛାଡ଼ିଦେଲେ ଗଳ୍ପଗୁଡ଼ିକର ଆଲୋଚନାରେ ସେପରି କୌଣସି ନୂତନ ବୈଶିଷ୍ଟ୍ୟ ଉନ୍ମୋଚିତ ହୋଇନାହିଁ, ଯାହା ଭିନ୍ନ ଏକ ଆଲୋକରେ ଗାଳ୍ପିକା ବୀଣାପାଣିଙ୍କୁ ତୋଳିଧରିବ। ବହିଟିର ଫଳଶ୍ରୁତି କେବଳ ଏତିକି ଯେ, ବୀଣାପାଣିଙ୍କର ୧୦ଟି ଗଳ୍ପକୁ ଏକତ୍ର ପାଠକେ ବହିଟିରୁ ପାଇବେ। ପୀତବାସ ରାଉତରାୟଙ୍କ ପାରିବାରିକ ଫାଉଣ୍ଡେଶନକୁ ଯିବ ବହିଟିର ସମସ୍ତ ଶ୍ରେୟ।

### ଅଚିହ୍ନା ରାଜ୍ୟରେ ଅବାକ୍ ରାଜପୁତ୍ର



**ନାଟ୍ୟକାର:** ନୀଳାଦ୍ରି ଭୂଷଣ ହରିଚନ୍ଦନ
**ପ୍ରକାଶକ:** ଲେଖାଲେଖି, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର-୭
**ପ୍ରଥମ ପ୍ରକାଶ:** ୨୦୧୮,
**ମୂଲ୍ୟ:** ଟ.୯୦/-

'ଅଚିହ୍ନା ରାଜ୍ୟରେ ଅବାକ୍ ରାଜପୁତ୍ର' ହେଉଛି ଏକ ସଫଳ ରାଜନୈତିକ ବ୍ୟଙ୍ଗ। 'ନବେନ୍ଦୁ' ଓ 'ପ୍ରିୟରଞ୍ଜନ' ଭଳି ଚରିତ୍ର ଅନ୍ତରାଳରେ ଛପିଥିବା ଅସଲ ଚରିତ୍ରକୁ ଓଡ଼ିଶାର ରାଜନୀତି ସମ୍ପର୍କରେ ସଚେତନ ପ୍ରତ୍ୟେକ ପାଠକ ଯେ ଅନାୟାସରେ ଚିହ୍ନି ନେବେ ଏଥିରେ ସନ୍ଦେହ ନାହିଁ। ଘୋରଡ଼ିଆ ରାଜ୍ୟର ମୁଖ୍ୟମନ୍ତ୍ରୀ ନବେନ୍ଦୁଙ୍କର ମୁଖ୍ୟ ରାଜନୈତିକ ପରାମର୍ଶଦାତା ନିଜ ପିତାଙ୍କର ଅନୁଗତ ପ୍ରଶାସନିକ ଅଧିକାରୀ ପ୍ରିୟରଞ୍ଜନ। ପ୍ରିୟରଞ୍ଜନ ଅବଶେଷରେ କ୍ଷମତା ଲୋଭରୁ ନିଜକୁ ନିବୃତ୍ତ କରାଇ ନ ପାରି ନବେନ୍ଦୁଙ୍କ ବିଦେଶଗସ୍ତ କାଳରେ ଗାଦି ମାଡ଼ି ବସିବାକୁ ଯୋଜନା କରନ୍ତି, ଯେଉଁ ଯୋଜନା ପ୍ରିୟରଞ୍ଜନଙ୍କ ବିରୋଧୀ କିଛି ମନ୍ତ୍ରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଫସର ଫାଟିଯାଏ। ପରନିର୍ଭର ରାଜନୀତିର ପରିଣତି, କିପରି ଜଣେ ରାଜ୍ୟମୁଖ୍ୟଙ୍କୁ କାଠପୁତ୍ତୁଳି ବନାଇଦେଇପାରେ ଓ ତାଙ୍କୁ କେନ୍ଦ୍ରକରି ଦଳୀୟ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଚାଲେ, ତା'ର ଚମତ୍କାର ଉପସ୍ଥାପନ ହେଉଛି ନାଟକଟି। ନାଟକଟି ଯଦିଓ ଲୋକକାହାଣୀକୁ ଆଶ୍ରୟ କରିଛି, କିନ୍ତୁ ଖାଲି ଲୋକ କାହାଣୀରେ ସରିଯାଇ ନାହିଁ। ସମାଜ-ରାଜନୀତିର ବାସ୍ତବଚିତ୍ର ଅପ୍ରକଟ ରହୁନାହିଁ, ଅଥଚ ନାଟ୍ୟକାର କହୁଛନ୍ତି ସବୁ ଘଟଣା ସବୁ ଚରିତ୍ର କାଳ୍ପନିକ।

# ଘଟଣାଟିଏ ମନ୍ଥି ବସିଲେ ମୁଁ କଲମ ଧରେ

**ତରୁଣ କୁମାର ସାହୁଙ୍କ ଜନ୍ମ ୨୨ ଜୁଲାଇ ୧୯୫୪ରେ ବଲାଙ୍ଗୀରର ହାତୀଶାଳପଡ଼ାରେ। ପୈତୃକ ଗାଁ ଝାଡ଼ଖଣ୍ଡର ଖରସୁଆଁ ଗଡ଼। 'ଅଦମ୍ୟ', 'ଅବ୍ୟକ୍ତ' ଏବଂ 'ଗାନ୍ଧୀବାଦ ଓ ଅନ୍ୟାନ୍ୟ' ଆଦି ଗଳ୍ପଗ୍ରନ୍ଥର ଏହି ସ୍ରଷ୍ଟା 'ଉତ୍କଳ ସାହିତ୍ୟ ସମାଜ' ପ୍ରଦତ୍ତ 'ଫକୀରମୋହନ ଗଳ୍ପ ସମ୍ମାନ'ରେ ସମ୍ମାନିତ ୨୦୧୩ରେ। ତରୁଣଙ୍କ ଗଳ୍ପରେ ଥାଏ ଏପରି ଏକ ଚୁମ୍ବକୀୟତା, ଯାହା ପାଠକଙ୍କୁ ଟାଣି ଧରେ ଆରମ୍ଭରୁ।**

ଖଡ଼ିଛୁଆଁ ହେଲା ପରେ ମା' ମୋତେ ସନ୍ଧ୍ୟାରେ ପଠଉଥିଲା ସନ୍ତୋଷ ସାର୍‌ଙ୍କ ପାଖକୁ ଅ, ଆ, ଏକ ଦୁଇ ଅଙ୍କ ଓ ପଣକିଆ ପଢ଼ିବା ପାଇଁ। ଯେ ମୋ' ଗାଁ ଖରସୁଆଁ ଗଡ଼(ବିଚ୍ଛିନ୍ନାଞ୍ଚଳ, ଏବେ ଝାଡ଼ଖଣ୍ଡରେ)ର କଥା। ସେତେବେଳେ ବିଜୁଳି ଆଲୁଅ ଆସି ନ ଥିଲା ଆମ ଗାଁକୁ। ଆମେ ସବୁ ଲଣ୍ଠନ ଆଲୁଅରେ ପାଠ ପଢୁଥିଲୁ। ମୁଁ ଏବଂ ମୋର ସାଙ୍ଗମାନେ ସଞ୍ଜ ଛ'ଟାରୁ ଆଠଟା ଯାଏ ବସ୍ତାନି ଧରି ବସୁଥିଲୁ ସନ୍ତୋଷ ସାର୍‌ଙ୍କ ମାଟି ଘର ପିଣ୍ଡା ଉପରେ। ସାର୍ ଶୁଣାଉଥିଲେ ବାଖୁଣୀ। ଖରସୁଆଁ ଭାଷା ବା ଉପଭାଷାରେ କାହାଣୀକୁ ବାଖୁଣୀ କହନ୍ତି। ବହୁତ ଭଲ ଲାଗୁଥିଲା ତା'ଙ୍କ ମୁହଁରୁ ବାଖୁଣୀ ଶୁଣିବା। ସନ୍ତୋଷ ସାର୍‌ଙ୍କ ବାଖୁଣୀ ମୋ' ଭିତରେ ଗଳ୍ପ ଗଢ଼ିବାର ବୀଜବପନ କରିଦେଇ ଥିଲା ସେଇ ଛୋଟବେଳୁ।

ପରବର୍ତ୍ତୀ ଅବସ୍ଥାରେ ଫକୀରମୋହନ, ଗୋଦାବରୀଶ, ପ୍ରାଣବନ୍ଧୁ, ରାଜକିଶୋର, ସୁରେନ୍ଦ୍ର, ମନୋଜ ପ୍ରଭୃତି ଅନେକ ଓଡ଼ିଆ ଗାଳ୍ପିକଙ୍କ ଗଳ୍ପ ପଢ଼ି ମୁଗ୍ଧ ହୋଇଥିଲି। ତା'ପରେ ରବି ଠାକୁର, ପ୍ରେମଚାନ୍ଦ, ଟଲ୍‌ଷ୍ଟୟ, ଓ. ହେନେରୀ, ମୋପାସାଁ, କେଥେରାଇନ୍ ମେନ୍‌ସ ଫିଲ୍ଡଙ୍କ ଭଳି ଅନେକ ବିଶ୍ୱସ୍ତରୀୟ ଲେଖକଙ୍କ ଗଳ୍ପ ମୋତେ ଅଭିଭୂତ କରିଦେଲା। ମନ ମଧ୍ୟରେ ତୀବ୍ର ଇଚ୍ଛା ସୃଷ୍ଟି ହେଲା ଗଳ୍ପ ଲେଖିବାକୁ। ଜ୍ୟୋତିବିହାରରେ ଏମ୍.ଏ ପଢ଼ିବା ବେଳେ ୱାଲ୍ ମାଗାଜିନ୍‌ରେ ପ୍ରକାଶିତ ହେଲା ମୋର ଅତିକ୍ଷୁଦ୍ର ଗଳ୍ପଟିଏ। ସାଙ୍ଗମାନେ ଗଳ୍ପଟି ପଢ଼ି ବେଶ୍ ପ୍ରଶଂସା କଲେ।

ତେବେ ମୋର ପ୍ରଥମ କ୍ଷୁଦ୍ରଗଳ୍ପ 'କାକଳି' ଲେଖିଲି କେନ୍ଦ୍ରାପଡ଼ା କଲେଜରେ ଇଂରାଜୀ ବିଭାଗରେ

**ସୃଜନ-ସ୍ମୃତି**



ତରୁଣ କୁମାର ସାହୁ

ଅଧ୍ୟାପକ ଭାବେ ଯୋଗଦେବା ପରେ। ତା'ପରଠୁଁ ଲେଖିଚାଲିଲି ଏବଂ ମୋର ଗଳ୍ପଗୁଡ଼ିକ ପ୍ରକାଶିତ ହେଲା ଝଙ୍କାର, କଥା, ଆସନ୍ତାକାଲି, ନବପତ୍ର ପ୍ରଭୃତି ବିଶିଷ୍ଟ ପତ୍ରିକାଗୁଡ଼ିକରେ। ପ୍ରଥମ ଗଳ୍ପ ସଂକଳନ 'ଅଦମ୍ୟ' ବିଦ୍ୟାପୁରୀ ଦ୍ୱାରା ପ୍ରକାଶିତ ହେଲା ୧୯୯୫ରେ। ଏବେକୁ ତ ଅନେକ ଗଳ୍ପ ଲେଖିସାରିଛି ଏବଂ ଲେଖୁଛି ବି! ମୋତେ ଯଦି କେହି ପଚାରେ ମୁଁ କାହିଁକି ଗଳ୍ପ ଲେଖେ, ତା'ର ଉତ୍ତର ମୁଁ ସହଜରେ ଦେଇ ପାରିବି ନାହିଁ। ତଥାପି, ଧ୍ୟାନସ୍ଥ ହୋଇ ନିଜ ଭିତରେ ଅଣ୍ଡାଳିବା ବେଳେ ଝାପ୍‌ସା ଭାବରେ କିଛି କାରଣ ଉଙ୍କିମାରେ।

କୌଣସି ଏକ ଅସାଧାରଣ ଘଟଣା ବା ତ୍ୟାଗର ନମୁନା, କୌଣସି ଏକ ଅସାଧାରଣ ବ୍ୟକ୍ତିତ୍ୱ ବା ପ୍ରେମର ଝଲକ, କୌଣସି ଏକ ଅସାଧାରଣ ଟ୍ରାଜେଡି ବା ମର୍ମନ୍ତୁଦ ଦୁଃଖ ମୋ' ମନରେ ଗଭୀର ରେଖାପାତ କରି ହୃଦୟର ସୂକ୍ଷ୍ମତମ ତନ୍ତ୍ରୀକୁ ସ୍ପର୍ଶ କଲେ ଯାଇ ମୁଁ ଲେଖେ। ଏକ ଅତି ଉତ୍ତମ କିମ୍ବା ଅତି ହୀନ କାର୍ଯ୍ୟ ମୋ' ଆଖି ଆଗରେ ଘଟିଗଲେ ମୋ' ଭିତରେ କମ୍ପନ ସୃଷ୍ଟିହୁଏ, ମୁଁ ଅଭିଭୂତ ହୋଇଯାଏ। ମୋର ଚିନ୍ତା ଚେତନାରେ ନିଆଁ ହୁଳା ଜଳେ ଏବଂ ମୁଁ ଲେଖିବସେ। କେହି ମୋତେ ଭଲ ଲାଗିଲେ, ଭଲପାଇ ବସିଲେ, ତା'ର ରୂପକୁ, ଗୁଣକୁ ସ୍ମରଣ କରି, ବର୍ଣ୍ଣନା କରି, ତା'ର ମଧୁର କଥାବାର୍ତ୍ତାକୁ ନୂଆ ରୂପଦେଇ ନୂତନଭାବେ ତାକୁ କହିବା ପାଇଁ ଚେଷ୍ଟାକରି ଗପ ଲେଖେ। କେହି ମୋତେ ପ୍ରତାରିତ କଲେ ଦୁଃଖହୁଏ, ମୁଁ ଭାବୁକ ହୋଇଯାଏ। ଆବେଗପ୍ରବଣ ହୋଇ ଲେଖିପକାଏ। କେହି ଗଭୀର ଭାବେ ଆଘାତ ଦେଲେ, ମୋତେ କଷ୍ଟହୁଏ। ହୃଦୟ ଭିତରେ ମନ୍ଥନ ହୁଏ, ଜ୍ୱଳନ ହୁଏ, ମୁଁ କଲମ ଧରେ, ଲେଖେ ଏବଂ ପୂର୍ବ ଶାନ୍ତି ଫେରିପାଏ। ମୋର ସାଙ୍ଗ, ସାଥୀ, ସମ୍ପର୍କୀୟ, ଚିହ୍ନା ଏବଂ ବେଳେବେଳେ ଅଚିହ୍ନା ଲୋକଙ୍କ ପାଖରୁ ମୋ' ହୃଦୟ ମନ୍ଥିଦେଲା ଭଳି ଘଟଣା ବା କଥା ଶୁଣି ମୁଁ ବହୁ ସମୟ ଭାବେ ଏବଂ ତା'ପରେ ଲେଖେ।

ମୋ: ୯୯୩୭୫୮୩୭୬୬

# ସ୍ପିନ୍ ଚ୍ୟାଲେଞ୍ଜ

**ଆଇପିଏଲ୍‌ର ୧୩ତମ ସଂସ୍କରଣ ୟୁନାଇଟେଡ ଆରବ ଏମିରେଟ୍ସ(ୟୁଏଇ)ର ୩ଟି ଷ୍ଟାଡିୟମ ଦୁବାଇ, ଆବୁଧାବି ଓ ଶାରଜାରେ ଅନୁଷ୍ଠିତ ହେବାକୁ ଯାଉଛି। ୟୁଏଇ ପରିବେଶରେ ସ୍ପିନରମାନେ ଦଳର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ଆକଳନ କରାଯାଉଛି। ଏହି ହାଇ ପ୍ରୋଫାଇଲ୍ ଲିଗ୍ ପାଇଁ ଅଂଶଗ୍ରହଣକାରୀ ୮ ଦଳର ସ୍ପିନରଙ୍କୁ ନେଇ ଉପସ୍ଥାପନା..**

## ଚେନ୍ନାଇ ସୁପରକିଙ୍ଗ୍ସ

ଏହି ଦଳର ସ୍ପିନ ବୋଲିଂ ବିକଳ୍ପ ହେଲେ ପୀୟୂଷ ଚାୱ୍ଲା, ଆର. ସାଇକିଶୋର, ଇମ୍ରାନ ତାହିର, ରବୀନ୍ଦ୍ର ଜାଡେଜା, କର୍ନ ଶର୍ମା, ମିଚେଲ ସାଣ୍ଟନର ଓ କେଦାର ଯାଦବ। ବିବିଧ ବିକଳ୍ପ ଥିବାରୁ ଏହି ଦଳକୁ ଆଗାମୀ ଟୁର୍ନାମେଣ୍ଟର ସବୁଠାରୁ ଶ୍ରେଷ୍ଠ ସ୍ପିନ୍ ଆକ୍ରମଣ ସମ୍ପନ୍ନ ଦଳଭାବେ ବିବେଚନା କରାଯାଉଛି। ସାଧାରଣତଃ ଚେନ୍ନାଇ ଦଳ ଘରୋଇ ଗ୍ରାଉଣ୍ଡ ଚେପକ୍‌କୁ ଦୃଷ୍ଟିରେ ରଖି ଅଧିକ ସ୍ପିନରଙ୍କୁ ଦଳରେ ସାମିଲ କରିଥାଏ। ତେଣୁ ଏ କ୍ଷେତ୍ରରେ ୟୁଏଇ ପରିବେଶରେ ଅନ୍ୟଦଳଠାରୁ ସୁପରକିଙ୍ଗ୍ସ ଗୋଟିଏ ପାଦ ଆଗରେ ରହିବ ବୋଲି ଆଲୋଚନା ହେଉଛି। ଖେଳାଳି ନିଲାମ ସମୟରେ ଏହି ଦଳ ଚାୱ୍ଲାଙ୍କୁ ୬.୭୫ କୋଟି ଟଙ୍କାରେ କିଣିଥିଲା। ଅଭିଜ୍ଞ ହରଭଜନ ସିଂଙ୍କ ଅନୁପସ୍ଥିତିରେ ଚାୱ୍ଲା ସ୍ପିନ ଆକ୍ରମଣର ନେତୃତ୍ୱ ନେଇପାରନ୍ତି। ଏହା ବ୍ୟତୀତ ଜାଡେଜା ଓ ସାଣ୍ଟନର ନିଜର ଅଲରାଉଣ୍ଡ ଦକ୍ଷତା ଉପଯୋଗ କରି ମ୍ୟାଚର ଗତିପଥ ବଦଳାଇ ଦେଇପାରନ୍ତି। ଗତ ସିଜନରେ ପର୍ପଲ କ୍ୟାପର ଅଧିକାରୀ ହୋଇଥିବା ତାହିର ଅଭିଜ୍ଞତାରେ ଭରପୂର ହୋଇଥିବାରୁ ବିଦେଶୀ ଖେଳାଳିଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ପିନ ବିକଳ୍ପଭାବେ ଉଭା ହେବେ। ସାଇକିଶୋର ଓ କର୍ନ ଶର୍ମା ମଧ୍ୟ ସୁଯୋଗର ସଦ୍‌ବ୍ୟବହାର କରିବାକୁ ଚାହିଁବେ।

## ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳର ବୋଲିଂ ବିକଳ୍ପ ହେଲେ ୟୁଜବେନ୍ଦ୍ର ଚହଲ, ପୱନ ନେଗୀ, ୱାଶିଂଟନ ସୁନ୍ଦର, ଆଡାମ ଜାମ୍ପା ଓ ମୋଇନ ଅଲୀ। ଶକ୍ତିଶାଳୀ ବ୍ୟାଟିଂ ଲାଇନ୍‌ଅପ୍ ଥିଲେ ହେଁ ବାଙ୍ଗାଲୋର ଭିତ୍ତିକ ଏହି ଫ୍ରାଞ୍ଚାଇଜ୍ ଅନଭିଜ୍ଞ ବୋଲିଂ ବିଭାଗ ପାଇଁ ଗତ ୩ ସିଜନରେ ପ୍ଲେ-ଅଫ୍‌ରେ ପ୍ରବେଶ କରି ପାରିନାହିଁ। ଏଥର ଖେଳାଳି ନିଲାମ ସମୟରେ ଟିମ୍ ମ୍ୟାନେଜମେଣ୍ଟ ଏହାକୁ ଦୃଷ୍ଟିରେ ରଖି ବୋଲିଂ ଲାଇନ୍‌ଅପ୍‌କୁ ଶକ୍ତିଶାଳୀ କରିଛି। ଗତଥର ଭଳି ଏଥର ମଧ୍ୟ ଚହଲ, ସୁନ୍ଦର, ମୋଇନ ଓ ନେଗୀ ଅପରିବର୍ତ୍ତିତ ରହିଥିବାବେଳେ କେନ୍ ରିଚାର୍ଡ଼ସନଙ୍କ ସ୍ଥାନରେ ଜାମ୍ପାଙ୍କୁ ସାମିଲ କରାଯାଇଛି। ୟୁଏଇ ପରିବେଶ ସ୍ପିନ୍ ଫ୍ରେଣ୍ଡଲୀ ହେବ ବୋଲି ଆଶା କରାଯାଉଥିବାରୁ ଏହାକୁ ଏକ ଭଲ ପଦକ୍ଷେପ ବୋଲି କୁହାଯାଉଛି। ଚହଲ ଓ ସୁନ୍ଦର ଭାରତୀୟ ଟି୨୦ ଦଳର ନିୟମିତ ସଦସ୍ୟ ରହି ଆସିଥିବାବେଳେ ମୋଇନ ଓ ଜାମ୍ପା ଶ୍ରେଷ୍ଠ ବିଦେଶୀ ବିକଳ୍ପ। ପ୍ରଥମଥର ପାଇଁ ଆରସିବି ସ୍ପିନ ବିଭାଗ ଶକ୍ତିଶାଳୀ ହୋଇଥିବାରୁ ଏଥର ଟାଇଟଲ ପାଇଁ ଦାବିଦାର ଭାବେ ଉଭାହେବ।

## କୋଲକାତା ନାଇଟ ରାଇଡର୍ସ

କୋଲକାତା ଫ୍ରାଞ୍ଚାଇଜ୍ ଦଳର ସ୍ପିନରମାନେ ହେଲେ ସୁନୀଲ ନାରିନ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଏମ. ସିଦ୍ଧାର୍ଥ, କ୍ରିସ୍ ଗ୍ରୀନ ଓ ନୀତୀଶ ରାଣା। ନାରିନ, କୁଲଦୀପ ଓ ବରୁଣଙ୍କ ଉପସ୍ଥିତିରେ ଏହି ଦଳର ସ୍ପିନ ବିଭାଗ ବେଶ୍ ଶକ୍ତିଶାଳୀ। ଏମାନଙ୍କ ସଫଳତା ସହାୟତାରେ ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ ଦଳ ଏଥର ତୃତୀୟ ଥରପାଇଁ ଟ୍ରଫି ଜିତିବା ଲକ୍ଷ୍ୟରେ ରହିଛି। ଗତ ଆଇପିଏଲରେ ନାଇଟ ରାଇଡର୍ସର ପ୍ରଦର୍ଶନ ଖରାପ ରହିଥିଲା। ଗତ କାରିବିୟନ ପ୍ରିମିୟର ଲିଗ୍(ସିପିଏଲ)ରେ ନାରିନ ଚମତ୍କାର ପ୍ରଦର୍ଶନ କରିଥିଲେ। ଏଥର ମଧ୍ୟ ତା'ର ପୁନରାବୃତ୍ତି ହେବା ଆଶା। ସୀମିତ ଓଭର କ୍ରିକେଟରେ କୁଲଦୀପ ଭାରତୀୟ ଦଳର ନିର୍ଭରଯୋଗ୍ୟ ସ୍ପିନରଭାବେ ପରିଗଣିତ। ଖେଳାଳି ନିଲାମରେ ଏହି ଫ୍ରାଞ୍ଚାଇଜ୍ ଗ୍ରୀନ୍ ଓ ବରୁଣଙ୍କୁ କିଣି ନାରିନ ଓ କୁଲଦୀପଙ୍କ ବ୍ୟାକଅପ୍‌ଭାବେ ବ୍ୟବହାର କରିବା ଲକ୍ଷ୍ୟରେ ରହିଛି। ଭାରତୀୟ ଓ ବିଦେଶୀ ଖେଳାଳିଙ୍କ ଉପସ୍ଥିତିରେ କୋଲକାତାର ସ୍ପିନ ୟୁନିଟ୍ ବେଶ୍ ସନ୍ତୁଳିତ ଲାଗୁଛି।

## ସନ୍‌ରାଇଜର୍ସ ହାଇଦ୍ରାବାଦ

ସନ୍‌ରାଇଜର୍ସ ଦଳରେ ରଶିଦ ଖାଁ, ମହମ୍ମଦ ନବି, ଶାହାବାଜ ନଦୀମ, ଅଭିଷେକ ଶର୍ମା, ସନ୍ଦୀପ ବାଭାଙ୍କା, ଫାବିଆନ ଆଲେନ ଓ ଅବଦୁଲ ସମଦ ଆଦି ସ୍ପିନର ରହିଛନ୍ତି। ଚଳିତ ସିଜନରେ ଏହି ଦଳର ବୋଲିଂ ଆକ୍ରମଣ ଅନ୍ୟତମ ଶ୍ରେଷ୍ଠ। ନମ୍ବର ୱାନ ଟି୨୦ ବୋଲର ରଶିଦ ଖାଁ ସ୍ପିନ ବିଭାଗର ନେତୃତ୍ୱ ନେବେ। ରଶିଦଙ୍କ ଟିମ୍‌ମେଟ୍ ମହମ୍ମଦ ନବି ମଧ୍ୟ ଗତ ସିପିଏଲରେ ଚମତ୍କାର ଫର୍ମରେ ଥିବାର ପ୍ରମାଣ ଦେଇଥିଲେ। ହାଇଦ୍ରାବାଦ ଭିତ୍ତିକ ଏହି ଫ୍ରାଞ୍ଚାଇଜ୍ ଦଳରେ ସେପରି କେହି ଅଭିଜ୍ଞ ଭାରତୀୟ ସ୍ପିନର ନାହାନ୍ତି। ୪ ଭାରତୀୟଙ୍କ ମଧ୍ୟରୁ ଶାହାବାଜ ନଦୀମ ସବୁଠାରୁ ଅଭିଜ୍ଞ। ତେବେ ସେ ଫର୍ମରେ ନ ଥିବା ଦଳପାଇଁ ଚିନ୍ତାର କାରଣ ହୋଇଛି। ଏପରିସ୍ଥଳେ ପଞ୍ଜାବ ଅଲରାଉଣ୍ଡର ଅଭିଷେକ ଶର୍ମା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଆଶା ରହିଛି। ନବି ଓ ରଶିଦଙ୍କ ବ୍ୟାକ୍‌ଅପ୍‌ଭାବେ ଫାବିଆନ ଆଲେନ ରହିଛନ୍ତି। ପିଚ୍ ବୋଲିଂ ଫ୍ରେଣ୍ଡଲୀ ରହିଲେ ସନ୍‌ରାଇଜର୍ସ ଯଦି ରଶିଦ ଓ ନବିଙ୍କୁ ଖେଳାଇବା ରଣନୀତି ଅବଲମ୍ବନ କରେ ତେବେ ଟାଇଟଲ ଜିତିବା ସୁଯୋଗ ରହିବ।

## ଦିଲ୍ଲୀ କ୍ୟାପିଟାଲ୍ସ

ଅକ୍ଷର ପଟେଲ, ଅମିତ ମିଶ୍ର, ରବିଚନ୍ଦ୍ରନ ଅଶ୍ୱିନ, ସନ୍ଦୀପ ଲାମିଚାନେ ଓ ଲଳିତ ଯାଦବ ଏହି ଦଳର ବୋଲିଂ ବିକଳ୍ପ। ଦଳରେ କମ୍ ସଂଖ୍ୟକ ସ୍ପିନର ଥିଲେ ହେଁ ଅଧିକାଂଶ ଅଭିଜ୍ଞ ସମ୍ପନ୍ନ। ଅମିତ, ଅଶ୍ୱିନ ଓ ଅକ୍ଷର ଆଇପିଏଲରେ ୩୫୦ରୁ ଊର୍ଦ୍ଧ୍ୱ ଉଇକେଟ ନେଇ ସାରିଛନ୍ତି। ଏମାନଙ୍କୁ ନେଇ ୟୁଏଇ ପିଚ୍‌ରୁ ଫାଇଦା ଉଠାଇବା ଲକ୍ଷ୍ୟରେ ରହିଛି ଦିଲ୍ଲୀ ଫ୍ରାଞ୍ଚାଇଜ୍। ଦିଲ୍ଲୀ ଦଳ ପାଇଁ ଅକ୍ଷର ଓ ଅମିତ କ୍ରମାଗତ ସ୍ଥିର ପ୍ରଦର୍ଶନ ଦେଇ ଆସିଛନ୍ତି। ଅଶ୍ୱିନଙ୍କ ସମ୍ମିଶ୍ରଣରେ ଦଳ ପ୍ରଥମଥରପାଇଁ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛି। ଶ୍ରେୟାସ ଆୟାରଙ୍କ ଦଳରେ ନେପାଳ ଲେଗ୍ ସ୍ପିନର ଲାମିଚାନେ ମଧ୍ୟ ରହିଛନ୍ତି। ରହସ୍ୟଜନକ ଲେଗ୍ ସ୍ପିନ ମାଧ୍ୟମରେ ସେ ଖେଳର ଗତିପଥ ବଦଳାଇ ଦେବାରେ ଦକ୍ଷତା ରଖିଛନ୍ତି। ତେବେ ୪ ବିଦେଶୀ ଖେଳାଳି ରଣନୀତିରେ ସନ୍ଦୀପ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବାକୁ ସଂଘର୍ଷ କରିବେ।

## କିଙ୍ଗ୍ସ ଇଲେଭେନ ପଞ୍ଜାବ

ପଞ୍ଜାବ ଦଳର ସ୍ପିନ ବୋଲିଂ ବିକଳ୍ପ ହେଲେ ମୁଜିବୁର ରହମନ, ଗ୍ଲେନ ମ୍ୟାକ୍ସୱେଲ, ଜେ, ସୁଚିଥ, ହରପ୍ରୀତ ବ୍ରାର, ରବି ବିଷ୍ଣୋଇ, ତାଜିନ୍ଦର ଧିଲୋନ, ମୁରୁଗାନ ଅଶ୍ୱିନ, କ୍ରିଷ୍ଣାପ୍ପା ଗୋଥାମ ଓ ଦୀପକ ହୁଦା। ଲୋକେଶ ରାହୁଲ ଏଥର ଦଳର ନେତୃତ୍ୱ ନେଉଛନ୍ତି। ପ୍ରଥମଥର ପାଇଁ ଟାଇଟଲ ଆଶାରେ ଥିବା ପଞ୍ଜାବ ଫ୍ରାଞ୍ଚାଇଜ୍ ଦଳରେ ଅଭିଜ୍ଞ ଭାରତୀୟ ସ୍ପିନର ନାହାନ୍ତି। ୧୯ ବର୍ଷରୁ କମ୍ ଖେଳାଳି ବିଷ୍ଣୋଇ ଦଳର ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରନ୍ତି। ଅଲରାଉଣ୍ଡର ଗୋଥାମ ମଧ୍ୟ ଦଳପାଇଁ ଉପଯୋଗୀ ହୋଇପାରନ୍ତି। ୨୦୧୮ରେ ସେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ଦୁଇ ଅଲରାଉଣ୍ଡର ଆଫଗାନିସ୍ତାନର ମୁଜିବୁର ଓ ଅଷ୍ଟ୍ରେଲିଆର ମ୍ୟାକ୍ସୱେଲ ପଞ୍ଜାବ ଦଳର ଦୁଇ ପ୍ରମୁଖ ଖେଳାଳି। ଏମାନେ ସ୍ପିନ ବିଭାଗର ନେତୃତ୍ୱ ନେବେ।

## ରାଜସ୍ଥାନ ରୟାଲ୍ସ

ରୟାଲ୍ସ ଦଳର ସ୍ପିନରମାନେ ହେଲେ ଶ୍ରେୟାସ ଗୋପାଳ, ମୟଙ୍କ ମାର୍କଣ୍ଡେ, ମହୀପାଲ ଲୋମରୋର, ଶଶାଙ୍କ ସିଂ, ରିୟାନ ପରାଗ, ରାହୁଲ ଟେୱାଟିଆ ଓ ଅନିରୁଦ୍ଧ ଯୋଶୀ। ଦଳରେ କେହି ଅଭିଜ୍ଞ ବିଦେଶୀ ସ୍ପିନର ନାହାନ୍ତି। ଖେଳାଳି ନିଲାମ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ଦ ଦଳରୁ ରୟାଲ୍ସ ଦଳରୁ ମାର୍କଣ୍ଡେଙ୍କୁ ଆଣିଥିଲା। ଅଧିକ ଲେଗ ସ୍ପିନର ରହିଥିବାରୁ ଏହା ଦଳର ଅଭିଯାନରେ ସମସ୍ୟା ସୃଷ୍ଟି କରିପାରେ। ଗତ ସିଜନରେ ହ୍ୟାଟ୍ରିକ ଅର୍ଜନ କରିଥିବା ଗୋପାଳ ସ୍ପିନ ବିଭାଗର ନେତୃତ୍ୱ ନେବେ। ଗତ ସିଜନରେ ମାର୍କଣ୍ଡେଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ଖେଳାଳି ନିଲାମ ପୂର୍ବରୁ କ୍ରିଷ୍ଣାପ୍ପା ଗୋଥାମଙ୍କୁ ଦଳ ପଞ୍ଜାବକୁ ଦେଇଦେଇଥିବାରୁ ସ୍ପିନ ବିଭାଗ ଦୁର୍ବଳ ହୋଇଯାଇଛି। ନିଲାମ ସମୟରେ ଅନିରୁଦ୍ଧଙ୍କୁ କିଣିଥିଲେ ହେଁ ତାଙ୍କଠାରେ ବିଶେଷ ଅଭିଜ୍ଞତା ନାହିଁ। ତେବେ ରିୟାନ ପରାଗଙ୍କ ଉପରେ ନଜର ରହିବ।

## ମୁମ୍ବାଇ ଇଣ୍ଡିଆନ୍ସ


ଚଳିତ ସିଜନରେ ମୁମ୍ବାଇ ଇଣ୍ଡିଆନ୍ସର ସ୍ପିନ ବିଭାଗ ସବୁଠାରୁ ଦୁର୍ବଳ। କ୍ରୁନାଲ ପାଣ୍ଡ୍ୟା, ରାହୁଲ ଚହର, ଜୟନ୍ତ ଯାଦବ ଓ ଅନୁକୂଳ ରୟ ସ୍ପିନ ଚ୍ୟାଲେଞ୍ଜ ସମ୍ଭାଳିବେ। ଦଳରେ କେହି ବିଦେଶୀ ସ୍ପିନର ନ ଥିବାବେଳେ ଭାରତୀୟ ସ୍ପିନରଙ୍କ ଅଭିଜ୍ଞତାର ଅଭାବ। ତେଣୁ ଏହା ଦଳପାଇଁ ଭାରି ପଡ଼ିପାରେ। କ୍ରୁନାଲ ଓ ରାହୁଲ ପ୍ରାରମ୍ଭିକ ଏକାଦଶରେ ସ୍ଥାନ ପାଇବା ଆଶା କରାଯାଉଛି। ତେବେ ମିଡିଲ ଓଭର ଗୁଡ଼ିକରେ ଏମାନେ ସଫଳତା ପାଇବା ସମ୍ଭାବନା କମ୍। ଜୟନ୍ତ ଓ ଅନୁକୂଳଙ୍କର ଅଭିଜ୍ଞତା ନାହିଁ। ଲସିଥ ମାଲିଙ୍ଗା ଆଇପିଏଲରୁ ଓହରି ଯିବାପରେ ୟୁଏଇ ପରିବେଶକୁ ଦୃଷ୍ଟିରେ ରଖି ଖେଳାଳି ନିଲାମ ସମୟରେ ମୁମ୍ବାଇ ଫ୍ରାଞ୍ଚାଇଜ୍ ଜଣେ ଦକ୍ଷ ସ୍ପିନରଙ୍କୁ ଚୟନ କରିବା ଆବଶ୍ୟକ ଥିଲା। ମାତ୍ର ମାଲିଙ୍ଗାଙ୍କ ସ୍ଥାନରେ ଦଳ ଜେମ୍ସ ପ୍ୟାଟିନସନଙ୍କୁ ଚୟନ କଲା। ଆଗାମୀ ସଂସ୍କରଣରେ ଅଭିଜ୍ଞ ସ୍ପିନରଙ୍କ ଅନୁପସ୍ଥିତି ଦଳପାଇଁ ମହଙ୍ଗା ପଡ଼ିବା ସମ୍ଭାବନା ରହିଛି।



ୟୁଜବେନ୍ଦ୍ର ଚହଲ



ଇମ୍ରାନ ତାହିର



ସୁନୀଲ ନାରିନ୍



ରଶିଦ୍ ଖାଁ

## ଅପ୍‌ଗ୍ରେଡ୍ ହେବ କଳିଙ୍ଗ ଷ୍ଟାଡିୟମ୍ ସେଣ୍ଟର ଅଫ୍ ଏକ୍ସିଲେନ୍ସି

**ନୂଆଦିଲ୍ଲୀ,୧୬।୯(ପି.ଟି.):** ଦେଶରେ ୮ଟି ଖେଲୋ ଇଣ୍ଡିଆ ଷ୍ଟେଟ୍ ସେଣ୍ଟର ଅଫ୍ ଏକ୍ସିଲେନ୍ସି (କେଆଇଏସ୍‌ସିଇ)କୁ ଅପ୍‌ଗ୍ରେଡ୍ କରାଯିବ। ଏ ନେଇ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଏ ବାବଦରେ ୯୫.୧୯ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଦେଶରେ କ୍ରୀଡ଼ା ପ୍ରତିଭା ଚିହ୍ନଟ ଓ ସେମାନଙ୍କୁ ଅଲିମ୍ପିକ ଚାମ୍ପିୟନରେ ପରିଣତ କରିବାକୁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।

ପ୍ରାରମ୍ଭିକ ପର୍ଯ୍ୟାୟରେ ୮ଟି ରାଜ୍ୟରେ କେଆଇଏସ୍‌ସିଇ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଗୁଡ଼ିକ ହେଲା ଓଡ଼ିଶାର କଳିଙ୍ଗ ଷ୍ଟାଡିୟମ, ମିଜୋରାମ, ତେଲଙ୍ଗାନା, ମଣିପୁର, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, କର୍ଣ୍ଣାଟକ ଓ କେରଳ। ଏହି ସବୁ ରାଜ୍ୟରେ କେଆଇଏସ୍‌ସିଇଗୁଡ଼ିକର ଅପ୍‌ଗ୍ରେଡ୍ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ଭିତ୍ତିଭୂମିର ଉନ୍ନତି, ସ୍ପୋର୍ଟ୍ସ ସାଇନ୍ସ ପ୍ରତିଷ୍ଠା ଓ କ୍ୱାଲିଟି କୋଚ୍, ଫିଜିଓଥେରାପିଷ୍ଟ, ଷ୍ଟ୍ରେଙ୍ଗଥ ଆଣ୍ଡ କଣ୍ଡିସନିଂ ଏକ୍ସପର୍ଟ ନିଯୁକ୍ତି ଦିଆଯିବ। ସବୁ ଖେଳାଳିଙ୍କୁ ଉଚ୍ଚକୋଟୀର କ୍ରୀଡ଼ା ସରଞ୍ଜାମ ପ୍ରଦାନ କରାଯିବ। ଏକାଡେମୀରେ ହାଇ ପରଫର୍ମାନ୍ସ ମ୍ୟାନେଜର ରହିବେ। ପରଫର୍ମାନ୍ସ ମ୍ୟାନେଜମେଣ୍ଟ ଓ କ୍ୱାଲିଟି ସ୍ପୋର୍ଟ୍ସ ସାଇନ୍ସ ଇନ୍‌ପୁଟ୍ ଦେବାରେ ହାଇ ପରଫର୍ମାନ୍ସ ମ୍ୟାନେଜରଙ୍କ ଭୂମିକା ରହିବ। ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ସହ ମିଶି ମନ୍ତ୍ରଣାଳୟ ଏବେ ଥିବା କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି କରିବ। ମନ୍ତ୍ରଣାଳୟ କହିବା ଅନୁସାରେ ପ୍ରତ୍ୟେକ କେଆଇଏସ୍‌ସିଇରେ ୧୪ଟି ଅଲିମ୍ପିକ୍ କ୍ରୀଡ଼ାକୁ ଗୁରୁତ୍ୱ ଦେବା ସହ ଆଥଲେଟମାନଙ୍କୁ ଅଧିକରୁ ଅଧିକ ସାହାଯ୍ୟ କରିବ। ତେବେ ଗୋଟିଏ ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳରେ ୩ଟି ଅଲିମ୍ପିକ କ୍ରୀଡ଼ାକୁ ସମର୍ଥନ ଦିଆଯିବ।

**ମନେ ପଡ଼ନ୍ତି**

**ଦଶାହ ଉପଲକ୍ଷେ**



**୰ସତ୍ୟଭାମା ମିଶ୍ର**

ଆବିର୍ଭାବ: ୧୯୪୦
ତିରୋଧାନ: ୦୮.୦୯.୨୦୨୦
ପ୍ଲଟ ନଂ-୨୦୦, ବାପୁଜୀ ନଗର, ଭୁବନେଶ୍ୱର

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।

-: ଶୋକସନ୍ତପ୍ତ :-
ସ୍ୱାମୀ-ରମାକାନ୍ତ ମିଶ୍ର, ଭା.ପ୍ର.ସେ (ଅବସରପ୍ରାପ୍ତ) ଓ ପରିବାରବର୍ଗ

ଧ-୬୯୩୪୫

# ଓଡ଼ିଶା ଏଫ୍‌ସିରେ ପୂର୍ବତନ ନ୍ୟୁକାଷ୍ଟଲ ୟୁନାଇଟେଡ୍ ଖେଳାଳି

**ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)**

ହାଇ ପ୍ରୋଫାଇଲ ଇଂଲିଶ୍ କ୍ଲବ ନ୍ୟୁକାଷ୍ଟଲ ୟୁନାଇଟେଡ୍‌ର ପୂର୍ବତନ ତାରକା ଖେଳାଳି ଷ୍ଟିଭେନ ଟେଲର ଇଣ୍ଡିଆନ ସୁପର ଲିଗ୍(ଆଇଏସ୍ଏଲ୍)ର ଆଗାମୀ ସିଜନରେ ଓଡ଼ିଶା ଏଫସି ପକ୍ଷରୁ ଖେଳିବେ। ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ଟେଲରଙ୍କ ସହିତ ଏକ ବର୍ଷିଆ ଚୁକ୍ତି କରିଛି। ଆଉ ଏକ ବର୍ଷ ଚୁକ୍ତି ବୃଦ୍ଧି କରିବାର ମଧ୍ୟ ବିକଳ୍ପ ରହିଛି। ନ୍ୟୁକାଷ୍ଟଲ ୟୁନାଇଟେଡ ପକ୍ଷରୁ ୨୦୦୩-୦୪ ସିଜନରେ ସିନିୟର କ୍ଲବ କ୍ୟାରିୟର ଆରମ୍ଭ କରିଥିଲେ ୩୪ ବର୍ଷୀୟ ଟେଲର। ଏହି ସେଣ୍ଟର ବ୍ୟାକ୍ ଏକଦଶନ୍ଧିରୁ ଊର୍ଦ୍ଧ୍ୱ ପ୍ରିମିୟର ଲିଗ୍‌ରେ ଖେଳିଥିଲେ। ପରେ ସେ ଆମେରିକାନ ପ୍ରଫେଶନାଲ କ୍ଲବ ପୋର୍ଟଲ୍ୟାଣ୍ଡ ଟିମ୍ବର୍ସକୁ ୨୦୧୬ରେ ଯାଇଥିଲେ। ଲଣ୍ଡନ ଜନ୍ମିତ ଏହି ଫୁଟବଲର ଇଂଲଣ୍ଡ 'ବି' ଏବଂ ଅନ୍ୟ ଇଂଲିଶ୍ କ୍ଲବ ୱେକମ୍ବ ୱାଣ୍ଡରର୍ସ ଏଫସି, ଇପ୍‌ସ୍ୱିଚ୍ ଟାଉନ୍ ଏଫସି ଏବଂ ପିଟରବର୍ଗ ୟୁନାଇଟେଡ ଏଫସି ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଇଂଲଣ୍ଡ ପକ୍ଷରୁ ସେ ୧୬, ୧୭, ୨୦ ଓ ୨୧ ବର୍ଷରୁ କମ୍ ଦଳରେ ବିଭିନ୍ନ ବୟସବର୍ଗ ଟୁର୍ନାମେଣ୍ଟରେ ଖେଳିଥିଲେ। ଓଡ଼ିଶା ଏଫସିରେ ଯୋଗଦେବା ପୂର୍ବରୁ ଟେଲର ନ୍ୟୁଜିଲାଣ୍ଡର ୱେଲିଂଟନ ଫୋନିକ୍ସ ଏଫସିର ଅଧିନାୟକ ଥିଲେ। ଏହି ଦଳ ଅଷ୍ଟ୍ରେଲିଆନ 'ଏ' ଲିଗ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ତାଙ୍କ ଦୃଢ଼ ରକ୍ଷଣଭାଗ ଯୋଗୁ ୱେଲିଂଟନ ଏଫସି ଗତ ସିଜନ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ଅଷ୍ଟ୍ରେଲିଆନ 'ଏ' ଲିଗ୍‌ରେ ସେ ଗତ ୨ ସିଜନରେ ୪୯ ଗେମ୍ ଖେଳିଥିଲେ।

ଟେଲରଙ୍କ ସଫଳତା ତାଙ୍କ ସମ୍ପର୍କରେ ଅନେକ କିଛିକୁ ସୂଚାଉଛି ବୋଲି ଓଡ଼ିଶା ଏଫସି ମୁଖ୍ୟ କୋଚ୍ ଷ୍ଟୁଆର୍ଟ ବକ୍ସଟର ପ୍ରକାଶ କରିଛନ୍ତି। ତାଙ୍କ ନେତୃତ୍ୱ ନେବାର ଦକ୍ଷତା ଆମ ଯୁବ ଦଳ ପାଇଁ ବେଶ୍ ଉପାଦେୟ ହେବ। ସେ ଜଣେ ବିଚକ୍ଷଣ ଡିଫେଣ୍ଡର। ତାଙ୍କ ଉପସ୍ଥିତିରେ ଦଳର ଶକ୍ତି ବୃଦ୍ଧି ପାଇଛି'' ବୋଲି ବକ୍ସଟର କହିଛନ୍ତି। ଅନ୍ୟପକ୍ଷରେ ନୂଆ ଚୁକ୍ତିରେ ଖୁସି ଜାହିର କରିବା ସହ ତାଙ୍କ ଅଭିଜ୍ଞତା ଓ ନେତୃତ୍ୱ ନେବାର ଦକ୍ଷତା ଦଳପାଇଁ ଉପାଦେୟ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ଟେଲର। ଯୁବ ଭାରତୀୟ ଖେଳାଳିଙ୍କ ସହିତ ମିଶିବା ପାଇଁ ସେ ବ୍ୟଗ୍ର ଏବଂ ବକ୍ସଟରଙ୍କ ଅଧୀନରେ କାମ କରିବାକୁ ଯାଉଥିବାରୁ ଖୁସି ବୋଲି କହିଛନ୍ତି। ଓଡ଼ିଶା ଏଫସି ପାଇଁ ଆଗାମୀ ଟୁର୍ନାମେଣ୍ଟକୁ ସ୍ମରଣୀୟ କରିବା ତାଙ୍କ ଇଚ୍ଛା ବୋଲି ଟେଲର ପ୍ରକାଶ କରିଛନ୍ତି।




ଷ୍ଟିଭେନ୍ ଟେଲର

# ପୂର୍ବତନ ଆଇଏଏଏଫ୍ ମୁଖ୍ୟଙ୍କୁ ଜେଲ

**ପ୍ୟାରିସ୍,୧୬।୯(ଏପି)**

ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ ଫେଡେରେଶନ (ଆଇଏଏଏଫ୍) ପୂର୍ବତନ ଅଧ୍ୟକ୍ଷ ତଥା ସେନେଗାଲର ଜଣାଶୁଣା ବ୍ୟବସାୟୀ ଲାମିନ୍ ଡିଆକଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ବ୍ୟାପକ ଡୋପିଂ ସତ୍ତ୍ୱେ ବହୁ ପରିମାଣରେ ଉତ୍କୋଚ ନେଇ ସେ ରୁଷୀୟ ଆଥଲେଟମାନଙ୍କୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦେଇଥିଲେ। ଏଥିରେ ବହୁ ପରିମାଣର ଅର୍ଥ ସେ ଲାଞ୍ଚ ନେଇଥିଲେ। ଏହି ଅଭିଯୋଗରେ ତାଙ୍କୁ ବୁଧବାର ପ୍ୟାରିସ୍‌ର ଏକ କୋର୍ଟ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ୮୭ ବର୍ଷୀୟ ଡିଆକ୍ ୧୯୯୯ରୁ ୨୦୧୫ ପର୍ଯ୍ୟନ୍ତ ଆଇଏଏଏଫ୍‌ର ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ଜେଲ ଦଣ୍ଡ ସହ ତାଙ୍କ ଉପରେ ୫,୯୦,୦୦୦ ଆମେରିକୀୟ ଡଲାର ଜରିମାନା ଧାର୍ଯ୍ୟ କରାଯାଇଛି। ଡିଆକ ବିରୋଧରେ ଏକାଧିକ ଦୁର୍ନୀତି ଅଭିଯୋଗ ଆସିଛି। ଜୁନ୍‌ରେ ଡିଆକଙ୍କ ବିରୋଧାର କୋର୍ଟରେ ଟ୍ରାଏଲ ଆରମ୍ଭ ହୋଇଥିଲା। ଏହି ମାମଲାରେ ଡିଆକଙ୍କ ସମେତ ତାଙ୍କ ପୁଅ ପାପା ମାସାଟା ଡିଆକ୍ ଓ ଅନ୍ୟ ୫ ଜଣ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।




ଲାମିନ୍ ଡିଆକ

# ତୃତୀୟ ଦିନିକିଆ: ବେୟାରଷ୍ଟୋଙ୍କ ଶତକ

**ମାଞ୍ଚେଷ୍ଟର,୧୬।୯(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଇଂଲଣ୍ଡ ୭ ଉଇକେଟ ହରାଇ ୩୦୨ ରନର ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଛି। ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ବିନା ସ୍କୋରରେ ୨ ଉଇକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମିଚେଲ ଷ୍ଟାର୍କଙ୍କ ପ୍ରଥମ ଓଭରର ପ୍ରଥମ ୨ ବଲ୍‌ରେ ଜାସନ ରୟ ଓ ଜୋ ରୁଟ୍ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ତେବେ ଓପନର ଜନି ବେୟାରଷ୍ଟୋଙ୍କ ୧୧୨(୧୨୬ ବଲ, ୧୨ ଚୌକା, ୨ ଛକା) ରନର ଶତକୀୟ ଇନିଂସ, ସାମ ବିଲିଙ୍ଗ୍ସ ଓ ଅଲରାଉଣ୍ଡର କ୍ରିସ୍ ୱୋକ୍ସଙ୍କ ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ବଡ଼ ସ୍କୋର ହାସଲ କରିଛି। ବିଲିଙ୍ଗ୍ସ ୫୭(୫୮ ବଲ, ୪ ଚୌକା, ୨ ଛକା) ରନ କରି ଆଉଟ ହୋଇଥିବାବେଳେ ୱୋକ୍ସ ଦ୍ରୁତ ୫୩ (୩୯ ବଲ, ୬ ଚୌକା) ରନ କରି ଅପରାଜିତ ରହିଥିଲେ। ତୃତୀୟ ଉଇକେଟରେ ବେୟାରଷ୍ଟୋ ଓ ବିଲିଙ୍ଗ୍ସ ୧୧୪ ରନ କରି ସ୍ଥିତି ସମ୍ଭାଳିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ ଓ ସ୍ପିନର ଆଡାମ ଜାମ୍ପା ୩ଟି ଲେଖାଏ, ପ୍ୟାଟ କମିନ୍ସ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଶତକ ହାସଲ ପରେ ଜନି ବେୟାରଷ୍ଟୋ

# କ୍ରୀଡ଼ାମନ୍ତ୍ରୀଙ୍କ ବଲାଙ୍ଗୀର ଜିଲା କ୍ରୀଡ଼ା ଭିତ୍ତିଭୂମି ଅନୁଧ୍ୟାନ



କ୍ରୀଡ଼ା ଭିତ୍ତିଭୂମି ଅନୁଧ୍ୟାନ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା (ଡାହାଣରୁ ଦ୍ୱିତୀୟ)।

**ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)**

ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ବୁଧବାର ବଲାଙ୍ଗୀର ଜିଲା ଗସ୍ତରେ ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମି ଅନୁଧ୍ୟାନ କରିବା ସହ ଜନସାଧାରଣଙ୍କୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଇ-ସେବାର ସମୀକ୍ଷା କରିଥିଲେ। ବଲାଙ୍ଗୀର ସର୍କିଟ ହାଉସଠାରେ ଜିଲାପାଳ ଚଞ୍ଚଳ ରାଣା ଓ କ୍ରୀଡ଼ା ଅଧିକାରୀଙ୍କ ସହ ଭିତ୍ତିଭୂମି, ଷ୍ଟାଡିୟମ ଗୁଡ଼ିକର ସ୍ଥିତି, ସ୍ପୋର୍ଟ୍ସ ହଷ୍ଟେଲର ସୁବିଧା ସୁଯୋଗ ଓ ଖେଳାଳିଙ୍କ ତାଲିମ ସମ୍ପର୍କରେ କ୍ରୀଡ଼ାମନ୍ତ୍ରୀ ଆଲୋଚନା କରିଥିଲେ। ଏହା ବ୍ୟତୀତ ଇଣ୍ଟିଗ୍ରେଟେଡ ଇଣ୍ଡୋର ଷ୍ଟାଡିୟମ ପରିଦର୍ଶନ କରିବା ସହ ଖେଳାଳିଙ୍କ ସହ ସେମାନଙ୍କ ଅଭ୍ୟାସ ସମ୍ପର୍କରେ ଆଲୋଚନା କରିଥିଲେ। ଅପରାହ୍ନରେ ବଲାଙ୍ଗୀର ଜିଲା ଷ୍ଟାଡିୟମ ପରିଦର୍ଶନ କରି କ୍ରୀଡ଼ା ଭିତ୍ତିଭୂମି ତଦାରଖ କରିଥିଲେ।

**CLASSIFIED DISPLAY**

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**HINDUSTAN FINANCE LIMITED**
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣି
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**MUDRA FINANCE**
(Govt. Registered.)
ମାର୍କସିଟ, ପର୍ସନାଲ, ସମ୍ପତି, BPL, ଭତ୍ତା, କୁକୁଡା ପାଳନ, ଇତ୍ୟାଦି ସମସ୍ତ ଋଣ ଓ CBIL କମ ଥିବା ଲୋକ ସ୍କିମରେ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
0% ସୁଧ ଏବଂ 50% ଛାଡ
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7428959168
9311834637

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

# ଚୁଜି ହେଲେଣି କିଆରା



କିଆରା ଆଡଭାନୀ ଏବେ ଚୁଜି ହେଲେଣି। ଦେଖୁନାହାନ୍ତି, କାହାଣୀ ପସନ୍ଦ ହେଲାନାହିଁ ବୋଲି କେମିତି ତିନୋଟି ଅଫରକୁ ହାତଛଡ଼ା କରିଦେଲେ। ଏଣିକି ସେ କୁଆଡେ ତରତର ହୋଇ କୌଣସି ସିନେମା ସାଇନ୍ କରିବେ ନାହିଁ। କାରଣ ଭଲ ସିନେମାରେ ଅଭିନୟ କରିବାକୁ ସେ ମାଇଣ୍ଡ ମେକଅପ କରିସାରିଲେଣି। ‘ଏବେ ମୋ କ୍ୟାରିୟର ଆରମ୍ଭ ହେଉଛି। ତେଣୁ ଆରମ୍ଭରୁ ମୋତେ ସତର୍କତାର ସହ ପାଦ ପକାଇବାକୁ ପଡ଼ିବ। କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ମୁଁ ତାହାର କାହାଣୀ ଏବଂ ସେଥିରେ ମୋତେ ମିଳିଥିବା ଭୂମିକା ବିଷୟରେ ଭଲ ଭାବରେ ତର୍ଜମା କରିବା ପରେ ହଁ ଭରିବି। ନିକଟରେ ମୋତେ ତିନୋଟି ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ ସେଗୁଡ଼ିକର କାହାଣୀ ମୋତେ ଆଦୌ ପ୍ରଭାବିତ କରିପାରି ନ ଥିଲା। ତେଣୁ ସେହି ଅଫରଗୁଡ଼ିକୁ ହାତଛଡ଼ା କରିଥିଲି। ଶୁଣିବାକୁ ପାଉଛି ଯେ ମୁଁ କୁଆଡେ ମୋ ପାରିଶ୍ରମିକ ବଢ଼ାଇ ଦେଇଛି। ଏ କଥା ସମ୍ପୂର୍ଣ୍ଣ ମିଛ। ମୋତେ ବଦନାମ କରିବାକୁ କେହି ଚେଷ୍ଟା କରୁଛି। ତେଣୁ ସେପରି କଥାକୁ ଆଦୌ ବିଶ୍ୱାସ କରନ୍ତୁ ନାହିଁ ବୋଲି କହିଛନ୍ତି କିଆରା। ତେବେ କିଆରା ନିଜର ଏପରି ମାନସିକତାରେ କେତେ ଦିନ ଦୃଢ଼ ରହୁଛନ୍ତି ତାହା ଆଗାମୀ ସମୟ ହିଁ କହିବ।

## ଏଥର ଆକ୍ସନ ଅବତାର

ଓଲିଉଡ୍‌ରେ ବାବୁସାନ ନିଜ ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ ‘ରୋମିଓ ଦ ଲଭରବୟ’ ଚଳଚ୍ଚିତ୍ରରୁ। ଇତି ମଧ୍ୟରେ ସେ ବେଶ୍ କେତୋଟି ସିନେମାରେ ଅଭିନୟ କରି ସିନେପ୍ରେମୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ସେ ଅଭିନୟ କରୁଥିବା ତଥା ନିର୍ମାଣଧୀନ ଓଡ଼ିଆ ସିନେମା ‘ବିଦ୍ୟାରାଣ’ରେ ତାଙ୍କୁ ଫୁଲ୍ ଆକ୍ସନ ଅବତାରରେ ଦର୍ଶକ ଦେଖିବାକୁ ପାଇବେ। କରୋନ ପାଇଁ ଏହାର ଶୁଟିଂ ବନ୍ଦ ଥିଲା ଏବଂ ପୁଣି ଥରେ ଏହାର ଶୁଟିଂ ଆରମ୍ଭ କରିବାକୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ପ୍ରାରମ୍ଭିକ ପ୍ରସ୍ତୁତି ଖୁବ୍ ଶୀଘ୍ର ଆରମ୍ଭ କରାଯିବ ବୋଲି ସୂଚନା ଦେଇଛନ୍ତି ଏହାର ଅନ୍ୟତମ ପ୍ରଯୋଜକ ପ୍ରଦୀପ୍ତ କୁମାର ଆଚାର୍ଯ୍ୟ। ଏହି ଫିଲ୍ମ ପାଇଁ ବାବୁସାନ୍ ନିଜ ଫିଗରକୁ ସିକ୍ସ ପ୍ୟାକ୍ କରିଛନ୍ତି ଏବଂ ସେଥିପାଇଁ ଟ୍ରେନର ଅଭିଜିତଙ୍କ ତତ୍ତ୍ୱାବଧାନରେ ସେ ବେଶ୍ ଝାଳ ବୁହାଇଛନ୍ତି। ଆଚାର୍ଯ୍ୟ ଏଣ୍ଟରଟେନମେଣ୍ଟ ଏବଂ ତଥ୍ୟ ପ୍ରଡକ୍ସନ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରଛନ୍ତି ‘ପ୍ରେମ ପାଇଁ ମହାଭାରତ’ର ପ୍ରଯୋଜକ ପ୍ରଦୀପ୍ତ କୁମାର ଆଚାର୍ଯ୍ୟ ଏବଂ ନବାଗତ ନିରଞ୍ଜନ ନାୟକ। ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ଜ୍ୟୋତି ଦାସ। ଖାସ୍ କଥା ହେଲା, ଜ୍ୟୋତିଙ୍କ ନିର୍ଦ୍ଦେଶନାରେ ବାବୁସାନ ପ୍ରଥମ ଥର



ବାବୁସାନ

ପାଇଁ ଅଭିନୟ କରିବେ। ବାପୁ ଗୋସ୍ୱାମୀ ସଂଳାପ ରଚନା କରିଥିବା ବେଳେ ଏଥିରେ ସଂଯୋଜିତ ୫ଟି ଗୀତକୁ ଆଗଧାଡିର ସ୍ୱରକାର ବୈଦନାଥ ଦାଶ ସ୍ୱର ଦେଇଥିବା ବେଳେ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ଡ. ନିର୍ମଳ ନାୟକ। ‘ଶିଷ୍ଟର ଶ୍ରୀଦେବୀ’ ପରେ ବାବୁସାନ୍‌ଙ୍କ ସହ ଦ୍ୱିତୀୟ ଥର ପାଇଁ ସ୍କ୍ରିନ୍ ସେୟାର କରୁଛନ୍ତି ଶିବାନୀ। ଏଥିରେ ବବି ମିଶ୍ର ନେଗେଟିଭ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବେଳେ ମିହିର ଦାସ ଏକ ଗୁରୁତ୍ୱପୂର୍ଣ୍ଣ ରୋଲ୍‌ରେ ଅଭିନୟ କରୁଛନ୍ତି।

## ଘାରିଛି କ୍ରିକେଟ ନିଶା

ଶାହିଦ କପୁରଙ୍କୁ ଏବେ କ୍ରିକେଟ ନିଶା ଘାରିଛି। ଅବଶ୍ୟ ଚଳିତ ମାସ ୧୯ରୁ ଆଇପିଏଲ ଆରମ୍ଭ ହେଉଛି। ତେଣୁ ସେ ନେଇ ଉତ୍କଣ୍ଠା ରହିବା ସ୍ୱାଭାବିକ। କିନ୍ତୁ ସେ ଏବେ ପୂରାଦମ୍‌ରେ କ୍ରିକେଟ ପ୍ରାକ୍ଟିସ କରୁଛନ୍ତି।




ଶାହିଦ

ସକାଳେ ଏବଂ ଉପରବେଳା–ଦୁଇ ଥର ଦମଦାର ଅଭ୍ୟାସ ଚାଲୁ ରଖିଛନ୍ତି। ହେଲେ କ’ଣ ପାଇଁ ଜାଣନ୍ତି? ଏ ସମ୍ପର୍କରେ ଶାହିଦ କହନ୍ତି, ‘‘ମୁଁ ଖୁବ୍ ଶୀଘ୍ର ‘ଜର୍ସି’ ଟାଇଟଲବିଶିଷ୍ଟ ଏକ ଫିଲ୍ମରେ ଅଭିନୟ କରିବାକୁ ଯାଉଛି। ଏଥିରେ ମୋତେ ଜଣେ କ୍ରିକେଟ ଖେଳାଳି ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ତେଣୁ ଏ ନେଇ ନିଜକୁ ପ୍ରସ୍ତୁତ କରିବାକୁ ପଡୁଛି। ସେଥିପାଇଁ ପ୍ରତିଦିନ ସକାଳେ ଏବଂ ଉପରବେଳା ଅଭ୍ୟାସ କରୁଛି।’’ ତେବେ ଏହି ଫିଲ୍ମଟି ଶାହିଦଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡ଼ିବ।

ନୂଆ ସିନେମା

## ତିତିଲି

ଆଞ୍ଜେନେୟା ମିଡିଆ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଛି ଆଉ ଏକ ଓଡ଼ିଆ ସିନେମା, ଯାହାର ଟାଇଟଲ ରହିଛି ‘ତିତିଲି’। ପ୍ରଯୋଜକ ଶିଶିର ଦାସ ଏଥିରେ ଦୁଇ ଜଣ ନୂଆ ମୁହଁକୁ ବ୍ରେକ୍ ଦେଉଛନ୍ତି। ସେ ହେଲେ ନବାଗତ ତୁଷାର ଏବଂ ନବାଗତା ଦିବ୍ୟାସ୍ନାତା। ଖାସ୍ କଥା ହେଲା ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ପୂର୍ବରୁ ‘ଆକାଶେ କି ରଙ୍ଗ ଲାଗିଲା’ ପରି ସୁପରହିଟ୍ ଫିଲ୍ମର ନିର୍ଦ୍ଦେଶନା ଦେଇଥିବା ଏସ.କେ.ମୁରଲୀଧରନ। ଏହାପୂର୍ବରୁ ଶିଶିର ‘ବ୍ୟାଡ୍‌ଗର୍ଲ’, ‘ଧର୍ମ’, ‘ଭୈରବ’ ଏବଂ ‘ଦେବଦାସ’ ଓଡ଼ିଆ ଚଳଚ୍ଚିତ୍ରର ପ୍ରଯୋଜନା କରିସାରିଛନ୍ତି। ତେବେ ଏହି ନୂଆ ସିନେମାରେ ଭିନ୍ନତା ରହିଛି ଏବଂ ତାହା ସବୁ ବର୍ଗର ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ଆଶା ରଖିଛନ୍ତି ସେ। ଚିତ୍ରଟିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ଅଗାଧାଡ଼ିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ। ଫିଲ୍ମଟିର କ୍ରିଏଟିଭ୍ ହେଡ୍ ଅଛନ୍ତି ପ୍ରଣୟ ଜେଠୀ। ନୂଆ ଯୋଡ଼ି ତୁଷାର–ଦିବ୍ୟାସ୍ନାତାଙ୍କ ବ୍ୟତୀତ ଏହି ଫିଲ୍ମରେ ମିହିର ଦାସ ଏବଂ ବବି ମିଶ୍ରଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।



ତୁଷାର (ବାମ)

## ଏୟାରହୋଷ୍ଟେସ ହେବାକୁ ଇଚ୍ଛା ଥିଲା



ରେଖା

ବଲିଉଡ୍‌ରେ ରେଖା କେତେ ଲୋକପ୍ରିୟ ତାହା କହିବା ବାହୁଲ୍ୟ। ତାଙ୍କର ଅଭିନୟ କ୍ୟାରିୟର ଆରମ୍ଭ ସମୟରେ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଏପରି କି ସେହି ସମୟରେ ସେ କେତୋଟି ‘ବି’ ଏବଂ ‘ସି’ ଗ୍ରେଡ ତେଲୁଗୁ ସିନେମାରେ କାମ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଦେଖୁଦେଖୁ ସେ ହିନ୍ଦୀ ସିନେମାର ଅନ୍ୟତମ ଆଗଧାଡିର ନାୟିକା ଭାବରେ ନିଜକୁ ପରିଚିତ କରାଇବାରେ ସକ୍ଷମ ହୋଇଥିଲେ। କିନ୍ତୁ ଅଭିନୟ ଜଗତରେ ଏଣ୍ଟ୍ରି କରିବା ପୂର୍ବରୁ ସେ ଏୟାରହୋଷ୍ଟେସ ହେବାକୁ ଇଚ୍ଛା କରିଥିଲେ, କିନ୍ତୁ ପରେ ସେ ଏପରି ନିଷ୍ପତ୍ତିକୁ ପରିବର୍ତ୍ତନ କରିଥିଲେ। ଆଉ ଏକ କଥା ଜାଣନ୍ତି ? ହିନ୍ଦୀ ସିନେମା ‘ୟାରାନା’ରେ ନିତୁ ସିଂଙ୍କ ପାଇଁ ଏବଂ ‘ୱାରିସ୍’ରେ ସ୍ମିତା ପାଟିଲଙ୍କ ପାଇଁ ସେ ଭଏସ ଡବିଂ କରିଥିଲେ।

# ସଲ୍ଲୁଙ୍କ ପ୍ରଶଂସାରେ ସୋନାକ୍ଷୀ

ଦେଖୁଦେଖୁ ସୋନାକ୍ଷୀ ବଲିଉଡରେ ତାଙ୍କର ୧୦ବର୍ଷ ପୂରଣ କରିଛନ୍ତି। ଏହି ଅବସରରେ ସେ ନିଜର ପୁରୁଣା ସ୍ମୃତିଗୁଡ଼ିକୁ ରୋମନ୍ଥନ କରି ସେଗୁଡ଼ିକୁ ନିଜର ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ନିକଟରେ ସେ ସଲମାନ ଖାଁଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ସୂଚନାଯୋଗ୍ୟ ଯେ, ସଲମାନ ଅଭିନୀତ ‘ଦବଙ୍ଗ’ରୁ ସୋନାକ୍ଷୀ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏ ବିଷୟରେ ସୋନାକ୍ଷୀ କହନ୍ତି, ‘ସଲମାନଙ୍କ ସହ ମୋ ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା। ସେତେବେଳେ ସେ ମୋତେ ଯେତିକି ସାହାଯ୍ୟ କରିଥିଲେ ତାହା ମୁଁ ସାରା ଜୀବନ କଦାପି ଭୁଲିପାରିବି ନାହିଁ। ଆକ୍ଟିଂକୁ ନେଇ ମୋ ମନରେ ଯେଉଁ ପ୍ରଶ୍ନଗୁଡ଼ିକ ଥିଲା ସେଗୁଡ଼ିକୁ ସେ ବେଶ୍ ସରଳ ଭାବରେ ସମାଧାନ କରିଦେଇଥିଲେ। ଆଜି ବଲିଉଡ୍‌ରେ ମୁଁ ଯେଉଁ ସଫଳତା ହାସଲ କରିଛି ସେଥିପାଇଁ ଦର୍ଶକଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


BS-VI
TVS
ଆପଣଙ୍କର ମନ ଯାହା ଚାହିଁଥାଏ
ଆମର ନୂତନତା ତାହାକୁ ପ୍ରଦାନ କରିଥାଏ।
ପ୍ରଥମ 3 ମାସ 50% ଇଏମ୍ଆଇ ସ୍କିମ୍^ | ଷ୍ଟେପ୍-ଅପ୍ ଇଏମ୍ଆଇ*
ବର୍ତ୍ତମାନ କିଣନ୍ତୁ, ପରେ ପରିଶୋଧ କରନ୍ତୁ** | 5% କ୍ୟାଶ୍‌ବ୍ୟାକ୍ ଅଫର୍#
ଭାରତର ପ୍ରଥମ ଏବଂ ଏକମାତ୍ର
ଡ୍ୟୁଆଲ ପ୍ଲାଟଫର୍ମ Fi ଟେକ୍ନୋଲୋଜି
ETFi ECO THRUST
15% ଅଧିକ ଭଲ ମାଇଲେଜ
RTFi RACE TUNED
ଅଧିକ ଭଲ ରିଥଲ ଥ୍ରଟଲ ଅନୁଭବ।
ଅଧିକ ଭଲ ସ୍ଟାର୍ଟେବିଲିଟୀ | ଅଧିକ ଭଲ ରାଇଡେବିଲିଟୀ | ଉନ୍ନତତର ସ୍ଥାୟୀତ୍ୱ | ସହଜ ରକ୍ଷଣ
ETFi ECO THRUST | Scooty Pep+ | Zest 110 | TVS Jupiter | TVS Radeon | TVS Star City+ | TVS Sport | TVS XL100 | RTFi RACE TUNED | TVS Apache RR 310 | TVS Apache RTR Series | TVS NTORQ 125 Race Edition PLAY SMART
** Buy now, pay later is applicable only to Jupiter, NTORQ, Scooty and XL100. # 5% cashback offer available at select dealerships, Valid only for ICICI and TVSCS finance partners. ^ Valid only for IDFC FIRST Bank finance partner. * T & C apply. To know more, visit www.tvsmotor.com
5 YEAR WARRANTY
ICICI Bank Credit & Debit Cards
IDFC FIRST Bank
TVS CREDIT
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BALASORE: Sita TVS, Ph.: 7852935605. BARIPADA: Allied TVS, Ph: 7852935617. BHADRAK: Sanjay TVS, Ph: 7854962653. BARBIL: Anjali TVS, Ph.: 8895458991. KEONJHAR: Kumar Automotives, Ph: 9870326414. Authorised Dealers: Jaleswar, Ph.: 9437216037; Baliapal, Ph.: 9937194603; Chandaneswar, Ph.: 9937194603; Soro, Ph.: 06788-221845; Rairangpur, Ph.: 7064403120; Basta, Ph.: 9040526003; Udhala, Ph : 9437238807; Joda, Ph : 9439084443; Harichandanpur, Ph : 9437633978; Dhenkikot, Ph : 7008797779; Turmunga, Ph : 9937591829; Betnoti, Ph : 9776142684; Karanjia, Ph : 9437037270; Dhamnagar, Ph : 9437265354: Chandbali, Ph: 9238514769; Tihidi, Ph : 9040123010; Basudevpur, Ph : 8249905878, 9938128990; Khaira, Ph : 9668712109.
dentsuindia/dha bal/03/20


MARUTI SUZUKI ARENA
ସୁରକ୍ଷିତ ଏବଂ
ଆକର୍ଷଣୀୟ।
ନୂତନ, ବଡ଼ ଏବଂ ଶାନଦାର୍ WagonR ଏବେ ₹899* ପ୍ରତି ଲକ୍ଷ
ଆକର୍ଷଣୀୟ EMI ଉପରେ ଉପଲବ୍ଧ। କେବଳ ଏତିକି ନୁହେଁ ଏହା
ସହିତ ଆପଣଙ୍କ WagonRର ସେନେଟାଇଜଡ଼ ଏବଂ ହୋମ
ଡେଲିଭରୀ ମଧ୍ୟ ସୁନିଶ୍ଚିତ।
WAGONR
Dil se STRONG
BIG NEW WAGONR
ପାୱାରଫୁଲ 1.2 L ଇଞ୍ଜିନ୍
ଇଫୋର୍ଟଲେସ୍ AGS
ସ୍ମାର୍ଟପ୍ଲେ ଷ୍ଟୁଡିଓ
ଡୁଆଲ ଫ୍ରଣ୍ଟ ଏୟାରବ୍ୟାଗସ୍
BUY NOW, PAY LATER
100%* FUNDING AVAILABLE
WAGONR SAVE UP TO ₹45 000^
GOLD COIN OFFER
ଗୋଲ୍ଡ କଏନ ଅଫର୍# 17 ସେପ୍ଟେମ୍ବର 2020 ପର୍ଯ୍ୟନ୍ତ ଲାଗୁ।
WAGONR
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in
SKY AUTOMOBILES
BHUBANESWAR: 9776645711. CUTTACK: 9776677771, 7381873818. DHENKANAL: 9776900005. JAJPUR: 9776900777.
JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. BARIPADA: 9798190190. BHADRAK: 9798190190. NAYAGARH: 9798190190. BALASORE: 9798190190.
NARAYANI MOTORS
BHUBANESHWAR: 9583022019, 9583022012, 9583022013. NIMAPARA: 7381093626 JAGATSINGHPUR: 9583022090 PARADEEP: 9583022034/48 PURI: 9583022035.
TUSHI MOTORS
CUTTACK: 9078076450.
ODYSSEY MOTORS
ANGUL: 7752076136, 9776901481. PALLAHARA: 7873565435, 9437831123.
^Offer includes consumer offer, exchange offer and institutional/rural offer (wherever applicable) on WagonR (all variants). #Every customer who books Maruti Suzuki Car from 2nd Sep'2020 to 17th Sep'2020 (also applicable to existing pending bookings as per DMS as on 02.09.2020) and takes delivery before 30th Sep'2020 shall be entitled for 1 gm Gold Coin(22K) or MSGA or Gift Cheque worth upto ₹5 000 over and above consumer offers as applicable. Gold coin offer is valid till 17th Sep'2020 and is applicable on all models. Cost of 1gm Gold Coin has been calculated at current applicable rate of ₹50000/10gm (22 K gold). In case of any fluctuations in pricing, offer cannot exceed the amount of ₹5000 per gm. *Finance scheme details mentioned in the advertisement are at the sole discretion of financier and terms and conditions as specified by the financier shall apply. Credit at sole discretion of Bank. Terms & Conditions apply. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th September, 2020.